R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୧
ତିଥି : ପଞ୍ଚମୀ
୧୪ ଫେବୃଆରୀ ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 131
14 Feb 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

DSPL-652

ଆମ ଓଡ଼ିଶା ନବୀନ ଓଡ଼ିଶା
ଓଡ଼ିଶା ସରକାର

## ଗଞ୍ଜାମ ଜିଲ୍ଲା

## ବିକାଶର ନୂତନ ଧାରା

- ଜଳସେଚନ, ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ସେତୁ, କୋଠାବାଡି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ସହରାଞ୍ଚଳ ବିକାଶ ଏବଂ ବିଦ୍ୟୁତ ଶକ୍ତି ଯୋଗାଣ କ୍ଷେତ୍ରରେ **୩୯୫୨ କୋଟି ଟଙ୍କାର** ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ ।
- ଗୋପାଳପୁରରେ **୨୭ ହଜାର କୋଟି ଟଙ୍କା** ନିବେଶରେ ଏ.ସି.ଏମ୍.ଇ (ACME Group) ଦ୍ୱାରା ୧.୧୦ ଏମ୍.ଏମ୍.ଟି.ପି.ଏ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ପ୍ରତିଷ୍ଠା ସହିତ ୩୭୦୦ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ।
- ଗୋପାଳପୁରରେ ୮ **ହଜାର କୋଟି ଟଙ୍କା** ନିବେଶରେ 'ଆଭାଡା' (AVAADA) ଗ୍ରୀନ୍ ଏଚ୍-୨ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ୦.୫ ଏମ୍.ଟି.ପି.ଏ ଗ୍ରୀନ୍ ହାଇଡ୍ରୋଜେନ୍ /ଆମୋନିଆ ପ୍ଲାଣ୍ଟ ପ୍ରତିଷ୍ଠା ସହିତ ୧୫୦୦ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ।
- ଗୋପାଳପୁର ବନ୍ଦର ଏବଂ ଟାଟା ଷ୍ଟିଲ୍ ଏସ୍.ଇ.ଜେଡ୍, ଗୋପାଳପୁର ମଧ୍ୟରେ **୧୨୮.୮୮ କୋଟି ଟଙ୍କା** ବ୍ୟୟରେ 'ୟୁଟିଲିଟି କରିଡର' ନିର୍ମାଣ ।



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ**

ଶେରଗଡ଼ II ଶୀତଳାପଲ୍ଲୀ
୧୪ ଫେବୃଆରୀ ୨୦୨୪

### ପରବର୍ତ୍ତୀ ପର୍ଯ୍ୟାୟର ବିକାଶ
### ଅତୁଳନୀୟ ରୂପାନ୍ତରଣ









ଗଞ୍ଜାମ ଜିଲ୍ଲା ପ୍ରଶାସନ || ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR: 15001/13/0351/2324

# ବସନ୍ତ ପଞ୍ଚମୀ



ମାଘମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ଆବାହନ କରାଯାଇଥାଏ । ଏହି ଦିନକୁ ଶ୍ରୀପଞ୍ଚମୀ ବା ବସନ୍ତ ପଞ୍ଚମୀ ରୂପେ ସର୍ବତ୍ର ପାଳନ କରାଯାଉଥିବାବେଳେ ଋତୁରାଜ ବସନ୍ତ ମନ୍ଦ ମଳୟରେ ଫୁଲର ସୁରଭି ଭରି ସ୍ୱାଗତ କରେ ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କୁ । ବିଦ୍ୟାପ୍ରାପ୍ତି ନିମିତ୍ତ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ବିଦ୍ୟାଦାୟିନୀ, ହଂସବାହିନୀ, ବୀଣା ପୁସ୍ତକ ଧାରିଣୀ ଦେବୀ ସରସ୍ୱତୀ ଏହି ଦିନ ଧରାବତରଣ କରିଥାଆନ୍ତି । ତେଣୁ ବିଦ୍ୟାର୍ଥୀ ଓ ସଙ୍ଗୀତ ସାଧକଙ୍କୁ ମା' ସରସ୍ୱତୀ ଅଶେଷ କୃପା ବର୍ଷା କରନ୍ତି ବୋଲି ମାନ୍ୟତା ରହିଛି । ଶୁକ୍ଳ ପ୍ରତିପଦାଠାରୁ ଆରମ୍ଭ ହେଇଥାଏ ଗୁପ୍ତ ନବରାତ୍ର । ଏହି ଗୁପ୍ତ ନବରାତ୍ରରେ ଦୈବୀଶକ୍ତିଙ୍କ ପୂର୍ଣ୍ଣ ପ୍ରଭାବ ଥାଏ । ମାନ୍ୟତା ଅନୁସାରେ ମା' ଯୋଗମାୟା ଆଦ୍ୟାଶକ୍ତିଙ୍କ କଣ୍ଠରୁ ସରସ୍ୱତୀ ସମ୍ଭୂତା । ମା' ସରସ୍ୱତୀ, ମା' ଲକ୍ଷ୍ମୀ , ମା' କାଳୀ ଆଦ୍ୟାଶକ୍ତିଙ୍କର ଗୋଟିଏ ଗୋଟିଏ ସ୍ୱରୂପ । ତେଣୁ ମାଘ ଶୁକ୍ଳ ପଞ୍ଚମୀରେ ଆଦ୍ୟାଶକ୍ତି ମହାସରସ୍ୱତୀ ସ୍ୱତନ୍ତ୍ର ରୂପରେ ପୂଜା ପାଇଥା'ନ୍ତି । ମୁଖ୍ୟତଃ ଶିକ୍ଷାନୁଷ୍ଠାନଗୁଡ଼ିକରେ ମା'ଙ୍କ ପୂଜା ଅତ୍ୟନ୍ତ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଥାଏ । ଛାତ୍ରଛାତ୍ରୀମାନେ ପୂଜାମଣ୍ଡପକୁ ଅତି ମନୋରମ ଭାବେ ସଜାଇବା ସହିତ ମା'ଙ୍କ ପୂଜା ଓ ପୁଷ୍ପାଞ୍ଜଳି ଦେବା ପର୍ଯ୍ୟନ୍ତ ଉପବାସ ରହିଥା'ନ୍ତି । ଏଇ ଦିନ ପିଲାମାନେ ମା'ଙ୍କ ଆଶୀର୍ବାଦ ପାଇବା ନିମିତ୍ତ ସେମାନଙ୍କର ପାଠ୍ୟପୁସ୍ତକ ଓ କଲମ ଆଦିକୁ ମା'ଙ୍କ ପାଦପଦ୍ମରେ ସମର୍ପଣ କରିଥା'ନ୍ତି । ଶାସ୍ତ୍ର ଅନୁସାରେ ଶ୍ରୀପଞ୍ଚମୀ ଦିନ ବିବାହ, ନିର୍ବନ୍ଧ ଆଦି କଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ । ଏହି ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଞ୍ଚପଲ୍ଲବ ଲାଗି ହୁଏ ଏବଂ ରଥଯାତ୍ରା ନିମନ୍ତେ ରଥକାଠ ଅନୁକୂଳ କରାଯାଏ ।

# ନିଜର ଯତ୍ନ



ଜୀବନରେ ଶାନ୍ତି ଚାହୁଁଥିଲେ ସର୍ବପ୍ରଥମେ ନିଜର ଯତ୍ନ ନେବା ଶିଖନ୍ତୁ । ନିଜକୁ ଅଗ୍ରାଧିକାର ଦେବା ସବୁଠାରୁ ଭଲ ଅଭ୍ୟାସ । ନିଜେ ଯାହା କରୁଛନ୍ତି ତାହା ଠିକ୍ କି ଭୁଲ ସେନେଇ ନିଜେ ତର୍ଜମା କରନ୍ତୁ । ସେହିଭଳି କେବେ ବି ଲାଇଫ୍‌ରେ ଅନ୍ୟମାନଙ୍କ ପ୍ରତିକ୍ରିୟାକୁ ନେଇ ସମ୍ବେଦନଶୀଳ ହୁଅନ୍ତୁ ନାହିଁ । ଯଦି ଆତ୍ମବିଶ୍ୱାସ କମିବ ତେବେ ଅନ୍ୟମାନଙ୍କ ରାୟ ଆପଣଙ୍କ ଉପରେ ପ୍ରଭାବ ପକାଇବ । ଆପଣ ସେଥିପ୍ରତି ସମ୍ବେଦନଶୀଳ ହେବା ଆରମ୍ଭ କରିବେ । ଯାହାର ନକରାତ୍ମକ ପ୍ରଭାବ ଆପଣଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବ । ସବୁବେଳେ ନିଜକୁ ପ୍ରାୟୋରିଟି ଦିଅନ୍ତୁ । ନିଜେ ନିଜର ସବୁଠାରୁ ଭଲ ସାଙ୍ଗ ବନନ୍ତୁ, କେହି ଆପଣଙ୍କ ପ୍ରଶଂସା ନକଲେ ମଧ୍ୟ ନିଜେ ନିଜର ପ୍ରଶଂସା କରନ୍ତୁ । ଯେଉଁମାନେ ନିଜକୁ ଗୁରୁତ୍ୱ ଦେଇଥାଆନ୍ତି ସେମାନେ ଜୀବନରେ ବେଶ୍ ଉତ୍ସାହିତ ଓ ସକରାତ୍ମକ ରହିଥାଆନ୍ତି । ଏପରି କରିବା ଦ୍ୱାରା ଆପଣ ମାନସିକ ସ୍ତରରେ ସର୍ବଦା ପଜିଟିଭ୍ ରହିବେ ।

## ଇତିହାସ

୧୪୮୩– ମୋଗଲ ସମ୍ରାଟ ବାବରଙ୍କ ଜନ୍ମ ।
୧୫୩୭– ଗୁଜରାଟର ସୁଲତାନ ବାହାଦୂର ଶାହଙ୍କ ନିଧନ ।
୧୫୫୬– ପଞ୍ଜାବର ଗୁରୁଦାସପୁର ଜିଲ୍ଲାର କଳାନୌରରେ ୧୩ ବର୍ଷ ବୟସରେ ଆକବରଙ୍କ ରାଜ୍ୟାଭିଷେକ ହୋଇଥିଲା ।
୧୬୨୮– ଶାହଜହାଁ ଆଗ୍ରା ରାଜଗଦ୍ଦିରେ ବିରାଜମାନ କଲେ ।
୧୮୮୧– କୋଲକାତାରେ ଭାରତର ପ୍ରଥମ ହୋମୋପାଥିକ୍ ମେଡ଼ିକାଲ କଲେଜ୍‌ର ସ୍ଥାପନା କରାଗଲା ।
୧୮୯୯– ଆମେରିକୀୟ କଂଗ୍ରେସ ସଂଘୀୟ ନିର୍ବାଚନରେ ଭୋଟିଂ ମେସିନର ବ୍ୟବହାରକୁ ମଞ୍ଜୁରୀ ଦେଲା ।
୧୯୧୨– ଲଣ୍ଡନ ନିକଟ ଗ୍ରୋଟନ ସହରରେ ପ୍ରଥମ ଡିଜେଲ ବୁଡ଼ାଜାହାଜ ନିର୍ମାଣ କରାଗଲା ।
୧୯୨୦– ଚିକାଗୋରେ ମହିଳା ମତଦାତା ଲିଗ୍‌ର ସ୍ଥାପନା କରାଗଲା ।
୧୯୨୪– ନ୍ୟୁୟର୍କରେ ଆଇବିଏମ୍‌ର ସ୍ଥାପନା କରାଗଲା ।
୧୯୯୦– ବେଙ୍ଗାଲୁରୁରେ ଇଣ୍ଡିଆନ୍ ଏୟାର୍‌ଲାଇନ୍ସ ୬୦୫ ଦୁର୍ଘଟଣାଗ୍ରସ୍ତ ହେବାରୁ ୯୨ ଯାତ୍ରୀଙ୍କ ମୃତ୍ୟୁ ।
୧୯୯୩– କ୍ରିକେଟର କପିଲ ଦେବ ୪୦୦ ୱିକେଟ୍ ଓ ୫୦୦୦ ରନ୍ କରି ରେକର୍ଡ କଲେ ।

## ସୋସିଆଲ କୋଟ୍ସ



ଶ୍ରେୟସ ଯେତେବେଳେ ଡାକ୍ତରଖାନାରେ ଥିଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅକ୍ଷୟ କୁମାର ସବୁ ଅପଡେଟ୍ ନେଉଥିଲେ । ଏପରିକି ସେ ତୁରନ୍ତ ତାଙ୍କ ସହ ଦେଖା କରିବାକୁ ମଧ୍ୟ ଚେଷ୍ଟା କରିଥିଲେ ।

ଦିପ୍ତି ତଲପଡେ, ଶ୍ରେୟସଙ୍କ ପତ୍ନୀ



ମୋର ରଙ୍ଗର ପ୍ରଭାବ ବିଦେଶୀ ଦର୍ଶକଙ୍କ ଉପରେ କେବେ ବି ପଡିନି । ରଙ୍ଗ ଗୋରା ନହୋଇ ମଧ୍ୟ ମୋର ବିଦେଶରେ କ୍ରେଜ ରହିଛି । ସମସ୍ତେ ମୋ ଗୀତକୁ ସବୁବେଳେ ଭଲ ପାଇବା ଦେଇଛନ୍ତି ।

ଗୁରୁ ରନ୍ଧାୱା, ସିଙ୍ଗର



ମୁଁ ପ୍ରେଗନେଣ୍ଟ ନାହିଁ । ନେଟ୍‌ଫ୍ଲିକ୍ସର ସିରିଜ୍ ମଧ୍ୟ ଛାଡି ନାହିଁ । ବିବାହ ପରେ କ୍ୟାରିୟର ଉପରେ ଅଧିକ ଧ୍ୟାନ ଦେବାକୁ ଚେଷ୍ଟା କରୁଛି । ଖୁବ ଲମ୍ବା ସମୟ ଧରି କାମ କରିବାର ଇଚ୍ଛା ମଧ୍ୟ ଅଛି ।

ମାହିରା ଖାନ୍, ଅଭିନେତ୍ରୀ

# ପ୍ରେମ ଦିବସ





ଯେକୌଣସି ବି ସମ୍ପର୍କ ହେଉ ପ୍ରେମ ବିନା ତାହା ଅଧୁରା ରହିଥାଏ । ସବୁ ସମ୍ପର୍କରେ ପ୍ରେମର ମହତ୍ତ୍ୱ ଖୁବ ଅଧିକ । ପ୍ରେମର ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରତିବର୍ଷ ଫେବ୍ରୁଆରୀ ୧୪ରେ ପାଳନ ହୋଇଥାଏ ଭାଲେଣ୍ଟାଇନ୍ ଡେ' । ଏହି ଦିନଟିକୁ ପ୍ରେମୀ ଯୁଗଳମାନେ ଖୁବ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାଆନ୍ତି । ଏହି ଦିନ ପ୍ରେମୀ ଯୁଗଳମାନେ ଉପହାର ଦିଆନିଆ ହେବା ସହିତ ଖୁସି ଆନନ୍ଦରେ ଦିନଟିକୁ କାଟି ଥାଆନ୍ତି । ତେବେ ଏହା ଆମ ସଂସ୍କୃତିର ଅଂଶ ନୁହେଁ । ଏହା ବିଦେଶୀ ସଂସ୍କୃତି ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହାକୁ ଭାରତରେ ଖୁବ ଉତ୍ସାହର ସହିତ ପାଳନ କରାଯାଉଛି । ଏହି ଦିବସ ପାଳନ ପଛରେ ଅନେକ କାହାଣୀ ପ୍ରଚଳିତ । ଗୋଟିଏ କାହାଣୀ ଅନୁସାରେ ଏହାର ଆରମ୍ଭ ରୋମାନ ଫେଷ୍ଟିଭାଲରୁ ହୋଇଥିଲା । ରୋମାନ ସନ୍ଥଙ୍କ ନାମ ଅନୁସାରେ ଏହି ଦିନଟିର ନାଁ ସହିତ ପାଳନର ମଧ୍ୟ ସମ୍ପର୍କ ରହିଛି । ସେହିଭଳି ଅନ୍ୟ ଏକ କାହାଣୀ ଅନୁସାରେ ଖ୍ରୀଷ୍ଟଧର୍ମର ଅନେକ ପ୍ରିଷ୍ଟଙ୍କ ନାମ ଭାଲେଣ୍ଟାଇନ ରହିଥିଲା, ଯେଉଁମାନଙ୍କୁ ସ୍ମରଣ କରାଯାଇ ଏହି ଦିନଟିକୁ ଭାଲେଣ୍ଟାଇନ ଡେ' ଭାବେ ପାଳନ କରାଯାଇଥାଏ । ଏହି ଦିବସର ପାଳନ ଅନେକ ଦିନ ଧରି ଚାଲି ଆସିଛି । ୟୁଏସ୍‌ରେ ପ୍ରଥମ ଭାଲେଣ୍ଟାଇନ ଦିବସର ବାର୍ତ୍ତା ୧୮ଶହ ଶତାବ୍ଦୀରେ ଲେଖାଯାଇଥିଲା । ଏହି ଦିବସକୁ ବିଶ୍ୱର ପ୍ରାୟ ସବୁ ଦେଶରେ ପାଳନ କରାଯାଇଥାଏ ।

# ପ୍ରେମର ଅଦ୍ଭୁତ ସ୍ମାରକ

ବିଶ୍ୱରେ ଏଭଳି ଅନେକ ସ୍ଥାନ ଅଛି, ଯେଉଁଠାକୁ ଯିବା ପାଇଁ ପ୍ରେମୀଯୁଗଳମାନେ ସର୍ବାଧିକ ପସନ୍ଦ କରନ୍ତି । ଠିକ୍ ସେହିପରି ଏକ ଜାଗା ଅଛି, ଯାହାକୁ ବିଶ୍ୱର ସବୁଠୁ ଅଦ୍ଭୁତ ଗଳି ମଧ୍ୟରେ ଗଣାଯାଏ । କାହିଁକି ନା ଏହି ଜାଗାକୁ କେବଳ ପ୍ରେମୀଯୁଗଳମାନେ ପରସ୍ପରକୁ କିସ୍ କରିବା ଲାଗି ଆସିଥାଆନ୍ତି । ହାସ୍ୟାସ୍ପଦ ଲାଗିଲେ ବି ଏହା ସମ୍ପୂର୍ଣ୍ଣ ସତ । ମେକ୍ସିକୋର ଗୁଆନାଜୁଆତୋରେ ଆଲେ ଅଫ୍ କିସ୍ ନାମକ ଏକ ଗଳି ରହିଛି । ଯେଉଁଠାକୁ ଯିବା ପାଇଁ ପ୍ରତ୍ୟେକ ପ୍ରେମୀଯୁଗଳ ଚାହାନ୍ତି । ମାନ୍ୟତା ରହିଛି ଯେ ଏଠାରେ କିସ୍ କରିବା ଦ୍ୱାରା ସେମାନଙ୍କର ପ୍ରେମ ସଫଳ ହୋଇଥାଏ । ତେବେ ଏହି ଗଳିଟି ଏତେ ପତଳା ଓ ଛୋଟ ଯେ ଏହା ମଧ୍ୟରେ ୨ରୁ ଅଧିକ ଜଣ ଲୋକ ଯାଇପାରିବେ ନାହିଁ । ଏଠାରେ ଥରକେ କେବଳ ଗୋଟିଏ କପଲ୍ ହିଁ ଯାଇପାରିବେ । ଯାହାଫଳରେ ଏହି ଗଳି ସାମନାରେ ପ୍ରେମୀଯୁଗଳଙ୍କର ଲମ୍ବା ଲାଇନ୍ ଲାଗିଥାଏ । ଏହି ଗଳି କେବଳ ଦିନରେ ହିଁ ଖୋଲେ ଏବଂ ରାତି ହେଲା ମାନେ ଏହାକୁ ବନ୍ଦ କରିଦିଆଯାଏ । ତେଣୁ ଅନେକ ପ୍ରେମୀଯୁଗଳଙ୍କୁ ନିରାଶ ହୋଇ ଫେରିବାକୁ ପଡ଼େ । ଏହି ଗଳିକୁ ନେଇ କାହାଣୀ ରହିଛି ଯେ ଏଠାରେ ଗୋଟିଏ ପ୍ରେମୀଯୁଗଳ ରହୁଥିଲେ । ଉଭୟଙ୍କ ମଧ୍ୟରେ ଖୁବ୍ ପ୍ରେମ ଥିଲା ଏବଂ ଏହି ଗଳିକୁ ହିଁ ସେମାନେ ଦେଖା କରିବା ଲାଗି ଆସୁଥିଲେ । ହେଲେ ଝିଅଟି ଧନୀ ଓ ପୁଅଟି ଖୁବ୍ ଗରିବ ଥିଲେ । ତେଣୁ ଝିଅର ପରିବାର ଲୋକେ ଏହି ସମ୍ପର୍କକୁ ସ୍ୱୀକାର କରିନଥିଲେ ଏବଂ ଶେଷରେ ସେହି ଝିଅଟିକୁ ହତ୍ୟା କରିଦେଇଥିଲେ । ଏହି କାରଣରୁ ଲୋକେ ସେହି ଗଳିକୁ ପ୍ରେମର ପ୍ରତୀକ ବୋଲି ଭାବନ୍ତି । ତେଣୁ ଧୀରେ ଧୀରେ ଏହି ସ୍ଥାନଟି ପ୍ରେମର ଏକ ବଡ଼ ସ୍ମାରକରେ ପରିଣତ ହୋଇଥିଲା ।



# ୨୫ବର୍ଷ ପରେ ରେଜିଷ୍ଟ୍ରେସନ୍



ନିଜର ବଳିଷ୍ଠ ଅଭିନୟ ପାଇଁ ବଲିଉଡର ଜଣେ ଆଗଧାଡିର ଅଭିନେତା ତାଲିକାରେ ଗଣତି ହୋଇଥାଆନ୍ତି ଅରଶଦ ୱର୍ସି । ବର୍ତ୍ତମାନ ନିଜର ରିଲ୍ ପାଇଁ ନୁହେଁ, ବରଂ ରିଅଲ ଲାଇଫ୍ ପାଇଁ ଚର୍ଚ୍ଚାରେ ଅଛନ୍ତି ଅରଶଦ । ୨୫ ବର୍ଷ ପରେ ନିଜ ବିବାହକୁ ରେଜିଷ୍ଟ୍ରେସନ କରି ଚର୍ଚ୍ଚାକୁ ଆସିଛନ୍ତି ଅରଶଦ । ଫେବୃଆରୀ ୧୪ରେ ଉଭୟ ଅରଶଦ ଓ ତାଙ୍କ ପତ୍ନୀ ବିବାହବାର୍ଷିକୀ ପାଳନ କରିବା ପୂର୍ବରୁ ଏଭଳି ପଦକ୍ଷେପ ନେଇ ଚର୍ଚ୍ଚାକୁ ଆସିଛନ୍ତି । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ୧୯୯୯ ଫେବୃଆରୀ ୧୪ରେ ଅରଶଦ ଓ ମୋରିଆ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ଚଳିତ ଥର ଉଭୟ ନିଜ ବିବାହର ସିଲଭର ଜୁବଲି ସେଲିବ୍ରେଟ କରୁଛନ୍ତି । ଉଭୟଙ୍କ ପ୍ରେମ ବର୍ତ୍ତମାନ ଦର୍ଶକଙ୍କ ପାଇଁ ଏକ ପ୍ରେରଣା ସାଜିଛି । ଏବେ ଅନେକ ସେଲିବ୍ରିଟିଙ୍କର ଡିଭର୍ସ ହେଉଥିବାବେଳେ ୨୫ ବର୍ଷ ପରେ ମଧ୍ୟ ଉଭୟ ବେଶ୍ ହସଖୁସିରେ ସଂସାର କରୁଥିବାରୁ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ସାଜିଛନ୍ତି ।

## ହାଃ ହାଃ

ସ୍ୱାମୀ (ମରଣ ଶେଯରୁ ସ୍ତ୍ରୀକୁ)– ଆଲମାରୀରୁ ତମ ସୁନାର ହାର ମୁଁ ହିଁ ଚୋରି କରିଥିଲି ।
ସ୍ତ୍ରୀ (କାନ୍ଦି କାନ୍ଦି)– କିଛି କଥା ନାହିଁ, ଚଳିବ ।
ସ୍ୱାମୀ– ତମ ଭାଇ ତମକୁ ଯୋଉ ୧ ଲକ୍ଷ ଟଙ୍କା ଦେଇଥିଲେ, ତା ବି ମୁଁ ନେଇଥିଲି ।
ସ୍ତ୍ରୀ– ଚଳିବ, ମୁଁ କ୍ଷମା କରିଦେଲି ।
ସ୍ୱାମୀ– ତମ ଦାମୀ ଶାଢ଼ୀ ବି ମୁଁ ନେଇ ମୋ ପ୍ରେମିକାକୁ ଦେଇଥିଲି ।
ସ୍ତ୍ରୀ– ଚଳିବ । କାହିଁକି ନା ମୁଁ ହିଁ ତମକୁ ବିଷ ଦେଇଛି ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୧
ତିଥି : ପଞ୍ଚମୀ
୧୪ ଫେବୃଆରୀ ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 131
14 Feb 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଚାଷୀଙ୍କ ଦିଲ୍ଲୀ ଚଲୋ ଡାକରା

## ସୀମା ସିଲ୍ ସହ ଚାଷୀଙ୍କୁ ଅଟକାଇବାକୁ ଯୋଜନା



ନୂଆଦିଲ୍ଲୀ, ୧୩।୨ : ଚାଷୀ ଆନ୍ଦୋଳନ ପାଇଁ ଦିଲ୍ଲୀରେ ସ୍ଥିତି ଅଣାୟତ୍ତ ହୋଇପଡିଛି । ପ୍ରବଳ ଟ୍ରାଫିକ୍ ଜାମ୍ ସହ ଦିଲ୍ଲୀରେ ଚାଷୀଙ୍କୁ ଘେରିବା ପାଇଁ ପୋଲିସ ପକ୍ଷରୁ କଡା ସୁରକ୍ଷା ବଳୟ କରାଯାଇଛି । ରାସ୍ତାରେ କଂକ୍ରିଟ୍‌ରେ ବଡ ବଡ କଣ୍ଟା ପୋତାଯାଇଥିବାବେଳେ ଜାତୀୟ ରାଜପଥରେ ବ୍ୟାରିକେଡ୍ କରାଯାଇଛି । ଚାଷୀମାନଙ୍କୁ ଦିଲ୍ଲୀରେ ପୁରାଇ ନଦେବାପାଇଁ ଦିଲ୍ଲୀ ସୀମାକୁ ଚାରିପଟୁ ଆବଦ୍ଧ କରାଯାଇଛି । ପଞ୍ଜାବ, ହରିୟାଣା, ପଶ୍ଚିମଉତ୍ତରପ୍ରଦେଶ ଓ ଦିଲ୍ଲୀ ସୀମା ଏବେ ରଣକ୍ଷେତ୍ର ପାଲଟିଛି । କୃଷକମାନଙ୍କ ପକ୍ଷରୁ ଦ୍ୱିତୀୟ ପ୍ରତିବାଦ ନେଇ ଏବେ ବ୍ୟାପକ ପ୍ରସ୍ତୁତି ପ୍ରଶାସନ କରୁଛି ।

ମିଳିତ କୃଷକ ସଂଗଠନ ପକ୍ଷରୁ ଦିଲ୍ଲୀଚଲୋ ଡାକରା ଦିଆଯାଇଛି । ଏଭଳି ଟ୍ରାଫିକ୍ ଜାମ୍ ହୋଇଛି ଯେ ଗୋଟିଏ କିଲୋମିଟର ଅତିକ୍ରମ କରିବାକୁ ଘଣ୍ଟାକରୁ ଅଧିକ ସମୟ ଲାଗୁଛି । ୨୫୦୦ ଟ୍ରାକ୍ଟର ରାଲି କରି ହରିୟାଣା, ପଞ୍ଜାବର ବିଭିନ୍ନ ଚାଷୀ ସଂଗଠନ ଦିଲ୍ଲୀ ଆଡେ ବାହାରିଛନ୍ତି । ଖରିଫ୍ ଓ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟର ଲିଗାଲ ଗ୍ୟାରେଣ୍ଟି ଦାବି କରିବା ସହ ୬୦ ବର୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ପେନ୍‌ସନ୍ ଦେବାପାଇଁ ଦାବି କରାଯାଇଛି । ଖରିଫ ଓ ରବିର ଆୟ ଏବେ ଗୋଟିଏ ସୀମାରେ ରହିଯାଇଛି । ଚାଷୀମାନଙ୍କର ସମସ୍ତ ଅଧିକାର ରହିଛି ମାତ୍ର ସରକାର ସବୁ ସିଲ୍ କରିଦେଇଛନ୍ତି । ସବୁ ଫସଲ ପାଇଁ ଏମ୍‌ଏଫ୍‌ସି ଏକ ପ୍ରକାର ଧାର୍ଯ୍ୟ କରିବା ଉଭୟ ରାଜନୈତିକ ଓ ଆର୍ଥିକ ଦୃଷ୍ଟିକୋଣରୁ ଠିକ୍ ନୁହେଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି । ଚାଷୀଙ୍କର ଏହି ଆନ୍ଦୋଳନ ଯୋଗୁ ଏବେ ଦିଲ୍ଲୀରେ ଉତ୍ତେଜନା ବୃଦ୍ଧି ପାଇଛି । ହରିୟାଣା ପୋଲିସ ସମ୍ଭୁ ସୀମା ନିକଟରେ ଅନେକ ଚାଷୀଙ୍କୁ ଅଟକାଇଛି । ସେମାନେ ପାଲ

### ଏମ୍‌ଏଫ୍‌ସିର ଲିଗାଲ ଗ୍ୟାରେଣ୍ଟି ଦାବି କରୁଛନ୍ତି କୃଷକ

### ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ, ରାସ୍ତା ଜାମ୍

ଏମ୍‌ଏଫ୍‌ସି ଲାଗି ସରକାର ସର୍ବନିମ୍ନ ମୂଲ୍ୟକୁ ହ୍ରାସ କରିଥିବାରୁ ଚାଷୀଙ୍କର ଭାଙ୍ଗିବା ସହ ବ୍ୟାରିକେଡ୍‌କୁ ହଟାଇବାକୁ (୯ ପୃଷ୍ଠାରେ)

## କମିଲା ବିଦ୍ୟୁତ୍ ଶୁଳ୍କ



ଭୁବନେଶ୍ୱର, ୧୩।୨ (ସବ୍ୟୁ) : ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଚଳିତ ବର୍ଷ ଲାଗି ବିଦ୍ୟୁତ୍ ଶୁଳ୍କକୁ ହ୍ରାସ କରିଛନ୍ତି । ଏହାଦ୍ୱାରା ଘରୋଇ ଉପଭୋକ୍ତାମାନେ ଉପକୃତ ହେବେ । ଘରୋଇ ଉପଭୋକ୍ତାଙ୍କ ଲାଗି ପ୍ରତ୍ୟେକ ସ୍ଲାବରେ ୧୦ ପଇସା ହ୍ରାସ କରାଯାଇଛି । ସେହିଭଳି ବିପିଏଲ୍ ଉପଭୋକ୍ତାଙ୍କ ପାଇଁ ମାସିକ ଦେୟ ୮୦ ରୁ ୭୦ ଟଙ୍କା ହ୍ରାସ ପାଇବ । କାଗଜ ଛାଡି ଉପଭୋକ୍ତାମାନେ ଇ-ବିଲ୍ ନେବେ ଓ ସେମାନଙ୍କୁ ୧୦ ଟଙ୍କା ରିହାତି ମିଳିବ ।

ବୈଦ୍ୟୁତିକ ଯାନ ଚାର୍ଜ ପାଇଁ ପୂର୍ବରୁ ୟୁନିଟ୍ ପିଛା ୫.୫୦ ଟଙ୍କା ଥିଲା ସେଥିରୁ ୫୦ ପଇସା ହ୍ରାସ କରାଯାଇଛି । ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବାରେ ଆଗରୁ ୨% ରିହାତି ଦିଆଯାଉଥିଲା ଏବେ ଏହା ୪% ହେବ । ଶୀତଳଭଣ୍ଡାର ଲାଗି ୟୁନିଟ୍ ପିଛା ୪.୬୦ ପଇସା ଦେବାକୁ ପଡୁଥିଲା ସେଥିରୁ ୧.୬୦ ଟଙ୍କା ହ୍ରାସ ହୋଇଛି । ଏଣିକି ୟୁନିଟ୍ ପିଛା ୩ ଟଙ୍କା ଦେବାକୁ ପଡିବ । ମେଗା ଉଠାଜଳସେଚ ଉପଭୋକ୍ତାଙ୍କୁ ବିଲ୍‌ରେ ୨ ଟଙ୍କା ଲେଖାଏଁ ରିବେଟ୍ ଦିଆଯାଇଛି । ଯାହାଫଳରେ ସେମାନେ ୟୁନିଟ୍ ପିଛା ୩.୮୦ ଟଙ୍କା ଲେଖାଏ ଇଏସ୍‌ଟିରେ ପାଇବେ । ଧାର୍ଯ୍ୟ ସମୟରେ ଗ୍ରାମାଞ୍ଚଳ ଉପଭୋକ୍ତା ବିଲ୍ ପୈଠ କଲେ ମୂଲ୍ୟରେ ୧୦ ପଇସା ରିବେଟ୍ ଦିଆଯାଇଛି । ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ମଧ୍ୟ ଟାରିଫ୍ ହ୍ରାସ କରାଯାଇଛି । ସେମାନେ ୧୦ ପଇସା ଲେଖାଏଁ ରିବେଟ୍ ପାଇବେ ।

ସୂଚନାଯୋଗ୍ୟ ଓଇଆର୍‌ସି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନେଇ ଶୁଣାଣି କରିଥିଲେ । ଶୁଣାଣି ପରେ ଏହି ନିଷ୍ପତ୍ତି ନିଆଯାଇଛି ।

## ମମତା ଯୋଜନା ସହାୟତା ରାଶି ୨ଗୁଣ ହେଲା

ଭୁବନେଶ୍ୱର, ୧୩।୨ (ସବ୍ୟୁ) : ମମତା ଯୋଜନା ସହାୟତା ରାଶି ୨ଗୁଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି । ବର୍ତ୍ତମାନ ମମତା ଯୋଜନାରେ ଗର୍ଭବତୀ ମହିଳାମାନଙ୍କୁ ୨ଟି କିସ୍ତିରେ ୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା । ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ନୂଆ ନିଷ୍ପତ୍ତି ଅନୁଯାୟୀ ଗର୍ଭବତୀ ମହିଳାମାନଙ୍କୁ ୧୦ ହଜାର ଟଙ୍କା ସହାୟତା ମିଳିବ । ଅଗଷ୍ଟ ୨୦୨୩ରୁ ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ବର୍ଦ୍ଧିତ ରାଶି ପାଇବେ । ଚଳିତ ଫେବୃଆରୀ ମାସ ୨୦ ରୁ ୨୫ ତାରିଖ ମଧ୍ୟରେ ବକେୟା ରାଶି ହିତାଧିକାରୀମାନଙ୍କୁ ମିଳିବ । ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଓ ପୁଷ୍ଟି ହୀନତା ହ୍ରାସ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୧ ମସିହାରେ ଲୋକପ୍ରିୟ ମମତା ଯୋଜନାର ଶୁଭାରମ୍ଭ କରିଥିଲେ । ମମତା ଯୋଜନା ବେଶ ଲୋକପ୍ରିୟ ଯୋଜନା ଏବଂ ଏହାକୁ ଜାତୀୟ ସ୍ତରରେ ଏକ ମଡେଲ ଭାବରେ ଗ୍ରହଣ କରାଯାଇଛି ।

ନୂଆ ମମତା ଯୋଜନାରେ ୨ଟି କିସ୍ତିରେ ହିତାଧିକାରୀଙ୍କ ଜମା ଖାତାକୁ ସହାୟତା ରାଶି ସିଧାସଳଖ ଦିଆଯିବ । ପ୍ରଥମ କିସ୍ତିରେ (ଗର୍ଭାବସ୍ଥାର ୬ ମାସ ପରେ) ୬୦୦୦ ଟଙ୍କା ଏବଂ ଦ୍ୱିତୀୟ କିସ୍ତିରେ ଶିଶୁକୁ ଦଶମାସ ହେବା ପରେ ୪୦୦୦ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରଖାଯାଇଛି ।

୧୯ ବର୍ଷରୁ ଉର୍ଦ୍ଧ୍ୱ ସବୁ ଗର୍ଭବତୀ ମହିଳା ୨ଟି ଜୀବିତ ସନ୍ତାନ ନିମନ୍ତେ ଏହି ସହାୟତା ପାଇପାରିବେ ।

୧୩ଟି ନିର୍ଦ୍ଦିଷ୍ଟ ଆଦିମ ଜନଜାତି (୯ ପୃଷ୍ଠାରେ)

ମମତା

- ୫ ହଜାରରୁ ୧୦ ହଜାର
- ଦୁଇଟି କିସ୍ତିରେ ପାଇବେ ହିତାଧିକାରୀ
- ବକେୟା ରାଶି ଫେବୃଆରୀ ୨୦ ରୁ ୨୫ ମଧ୍ୟରେ ମିଳିବ

## ଖଣି, ରେଳବିଭାଗ ମଧ୍ୟରେ ଛକାପଞ୍ଝା : ଅବୈଧ ଲୁହାପଥର କାରବାର

କେନ୍ଦୁଝର, ୧୩।୨ (ରବିରାଜ) : ଦୀର୍ଘଦିନ ଧରି ପେଣ୍ଠସ୍ଥଳି ପାଲଟି ଆସୁଥିଲା ରେଳ ବିଭାଗ । ରେଳ ସାଇଡିଂ ରେ ହଜାର ହଜାର ଟନ ଲୁହା ପଥର ଗଚ୍ଛିତ ରଖି ମାଫିଆମାନଙ୍କ ଦ୍ୱାରା ବାହାରକୁ ଅବୈଧ ଚାଲାଣ ହୋଇଆସୁଥିଲା । ଖଣି ବିଭାଗ ଏହା ଉପରେ ଅଙ୍କୁଶ ଲଗାଇବା ପରେ ବିଭିନ୍ନ ଖଣି କ୍ଷେତ୍ରରେ ହଜାର ହଜାର ଟନ ପରିମାଣର ଦାବିଦାର ନଥିବା ଲୁହାପଥର ଗଚ୍ଛିତ ରହିଆସିଛି।ଏହାକୁ ଖଣି ବିଭାଗ ଚିହ୍ନଟ କରି ଜବତ କରିବା ସହ ସରକାରୀ ନିୟମ ମୁତାବକ ଏହି ଅବୈଧ ଖଣିଜକୁ ଓଏମ୍ସି ମାଧ୍ୟମରେ ନିଲାମ କରିଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ ଜୁରୁଡି ରେଳ ଷ୍ଟେସନରେ ୧୩୨୪୨ ୮୯୦ ମେଟ୍ରିକ ଟନ୍ ଓ ବାଂଶପାଣି ରେଳ ଷ୍ଟେସନରେ ୩୯୮୧୮ ୦୭୦ (୯ ପୃଷ୍ଠାରେ)




## ନାମାଙ୍କନ ଦାଖଲ କଲେ ଦେବାଶିଷ୍, ଶୁଭାଶିଷ୍



ଭୁବନେଶ୍ୱର, ୧୩।୨ (ସବ୍ୟୁ) : ରାଜ୍ୟସଭା ଲାଗି ପୂର୍ବତନ ବିଧାୟକ ଦେବାଶିଷ୍ ସାମନ୍ତରାୟ ଓ ଯୁବନେତା ଶୁଭାଶିଷ୍ ଖୁଣ୍ଟିଆ ଆଜି ନାମାଙ୍କନ ଦାଖଲ କରିଛନ୍ତି । ବିଜେଡି ରାଜ୍ୟ ସଭାପତି (୯ ପୃଷ୍ଠାରେ)

### ରାଜ୍ୟସଭାର ତୃତୀୟ ପ୍ରାର୍ଥୀ

## ଚର୍ଚ୍ଚାରେ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୧୩।୨ (ସବ୍ୟୁ) : ରାଜ୍ୟସଭା ଲାଗି ଓଡ଼ିଶାରୁ ତିନୋଟି ଆସନ ଖାଲି ହେଉଛି । ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଓ ଅଶ୍ୱନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ସରିଛି । ସଂଖ୍ୟା ଦୃଷ୍ଟିକୋଣରୁ ବିଜେଡି ୩ ଆସନରେ ଜିତିବା କଥା । ଗତ ନିର୍ବାଚନରେ ମଧ୍ୟ ବିଜେଡି ଗୋଟିଏ ଆସନ ପାଇଁ ପ୍ରାର୍ଥୀ ଦେଇନଥିଲା ଓ ବିଜେପି ପ୍ରାର୍ଥୀ ଅଶ୍ୱନୀ ବୈଷ୍ଣବଙ୍କୁ ସମର୍ଥନ କରିଥିଲା । ନାମାଙ୍କନ ଦାଖଲର ଶେଷ ତାରିଖ ୧୫ ତାରିଖ ଥିବାବେଳେ ହଠାତ୍ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ଓଡ଼ିଶାରୁ ଅଶ୍ୱନୀ ପୁଣି ରାଜ୍ୟସଭାକୁ ଯାଇପାରନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । (୯ ପୃଷ୍ଠାରେ)

### 'ନୂଆ-ଓ ଛାତ୍ରବୃତ୍ତି' ସଂପର୍କରେ ସୂଚନା ଦେଲେ ୫-ଟି ଅଧ୍ୟକ୍ଷ

## ବାର୍ଷିକ ଛାତ୍ରଙ୍କୁ ୯ ହଜାର, ଛାତ୍ରୀଙ୍କୁ ମିଳିବ ୧୦ ହଜାର




ଭୁବନେଶ୍ୱର, ୧୩।୨ (ସବ୍ୟୁ) : ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଜି ଯାଜପୁର ଜିଲ୍ଲା ଗସ୍ତ କରି 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ ଯେ, ରାଜ୍ୟ କ୍ୟାବିନେଟରେ 'ନୂଆ-ଓ ଛାତ୍ରବୃତ୍ତି' ଯୋଜନା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ଯୋଜନାରେ ଓଡ଼ିଶା ସରକାରଙ୍କ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ସଂସ୍କୃତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।

ଏହି ଯୋଜନାରେ ଛାତ୍ର ମାନଙ୍କୁ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ । ସେହିପରି ଏସସି/ଏସଟି ତଥା ନିର୍ମାଣ

### ଏସସି/ଏସଟି, ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ୧୦ହଜାର

ଶ୍ରମିକଙ୍କ ପୁଅ ମାନଙ୍କୁ ୧୦ହଜାର ଟଙ୍କା ଓ ଝିଅ ମାନଙ୍କୁ ୧୧ ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି ବୋଲି ସେ ସୂଚନା ଦେଇଥିଲେ । (୯ ପୃଷ୍ଠାରେ)

### ଏନ୍‌ଏସଟିଆଇ ଅଗରତାଲାର ଲୋକାର୍ପଣ ଓ ଏନ୍‌ଏସଟିଆଇ ଭଦୋଦରାର ଛାତ୍ରୀନିବାସ ଉଦଘାଟିତ

## ମହିଳା ସଶକ୍ତିକରଣର ବାସ୍ତବ ପ୍ରତୀକ ଭାବେ ପ୍ରତିଷ୍ଠିତ ହେବ : ଧର୍ମେନ୍ଦ୍ର




ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଜାତୀୟ ମହିଳା ଦିବସ ଅବସରରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଜାତୀୟ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର(ମହିଳା), ଅଗରତାଲା ଏବଂ ଭଦୋଦରାରେ ଥିବା ଜାତୀୟ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର(ମହିଳା)ରେ ଏକ ଛାତ୍ରୀ ନିବାସର ଉଦଘାଟନ କରିଛନ୍ତି । ସେ କହିଛନ୍ତି ଯେ ଆଜି ବିଶିଷ୍ଟ ମହିଳା ନେତ୍ରୀ ତଥା ମହିୟସୀ ସରୋଜିନୀ ନାଇଡୁଙ୍କ ଜନ୍ମଦିନ । ସେଭଳି ପବିତ୍ର ଅବସରରେ ୧୭ କୋଟି ଟଙ୍କା ଖର୍ଚ୍ଚରେ ୫ ବର୍ଷ ପୂର୍ବରୁ ଶିଳାନ୍ୟାସ ହୋଇଥିବା ଏନ୍‌ଏସଟିଆଇ (ମହିଳା), ଅଗରତାଲାର ଲୋକାର୍ପଣ ତ୍ରିପୁରା ମୁଖ୍ୟମନ୍ତ୍ରୀ ଡ. ମାନିକ୍ ଶାହାଙ୍କ ଉପସ୍ଥିତିରେ ହୋଇଛି । ସେହିପରି ଏନ୍‌ଏସଟିଆଇ (ମହିଳା), ଭଦୋଦରାରେ ୭ କୋଟି ଟଙ୍କା ଖର୍ଚ୍ଚରେ ଏକ ଛାତ୍ରୀନିବାସ କାର୍ଯ୍ୟକ୍ଷମ ହୋଇଛି । ଏହି ପଦକ୍ଷେପ ପୂର୍ବ ଭାରତ ଏବଂ ପଶ୍ଚିମ ଭାରତର ଦୁଇଟି ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ମହିଳା ସଶକ୍ତିକରଣର ବାସ୍ତବ ପ୍ରତୀକ ଭାବେ ପ୍ରତିଷ୍ଠିତ ହେବ । ଏହି କେନ୍ଦ୍ର ମହିଳାଙ୍କୁ ଆଗକୁ ନେବା ଦିଗରେ କାର୍ଯ୍ୟ କରିବ । ସେମାନଙ୍କୁ ରୋଜଗାର ଦେବା ପାଇଁ ଉଦ୍ୟୋଗୀ କରାଇବା ଭଳି ଦକ୍ଷତା ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମହିଳା ନେତୃତ୍ୱାଧୀନ ବିକାଶକୁ ଆଗେଇ ନେବାରେ ଆଜିର ପଦକ୍ଷେପ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶରେ ମହିଳାଙ୍କ ପାଇଁ ଅନେକ କାମ ହେଉଛି । ୨୦୧୪ରେ ପ୍ରଧାନ ସେବକର ଦାୟିତ୍ୱ ନେବା ପରେ ମୋଦି ଆମ ସରକାର ମହିଳାଙ୍କ ପାଇଁ ସମର୍ପିତ ରହିବା କଥା କହିଥିଲେ । ଏହା ବାର୍ତ୍ତା ନୁହେଁ ଦାୟିତ୍ୱ ଥିଲା ଛ ଆଜି ଉଚ୍ଚଶିକ୍ଷାରେ ଛାତ୍ରୀଙ୍କ ନାମଲେଖାରେ ୨୦୨୦-୨୧ରେ ୨.୦୧ କୋଟିରୁ ବଢି ୨୦୨୧-୨୨ରେ ୨.୭ କୋଟିକୁ ବୃଦ୍ଧି ହୋଇଛି । ୨୦୧୪-୧୫ରେ ଛାତ୍ରୀଙ୍କ ସଂଖ୍ୟା ୧.୫୭ କୋଟିରେ ଥିବା ବେଳେ ଏବେ ଏଥିରେ ପ୍ରାୟ ୫୦ ଲକ୍ଷ ବା ୩୨ ପ୍ରତିଶତ ବୃଦ୍ଧି ହୋଇଛି । ୧୦ ବର୍ଷ ମଧ୍ୟରେ ଉଚ୍ଚଶିକ୍ଷାରେ ମହିଳାଙ୍କ ନାମଲେଖା ୨୮ ପ୍ରତିଶତ ବୃଦ୍ଧି ପାଇଛି । ଷ୍ଟେମ୍ ପାଠ୍ୟକ୍ରମରେ, ନାମଲେଖାରେ ୪୩ ପ୍ରତିଶତ ଝିଅ ଏବଂ ମହିଳା ଅଛନ୍ତି - ଯାହା କି ବିଶ୍ୱରେ ସର୍ବାଧିକ । ଏହି ସବୁ ପଦକ୍ଷେପ କର୍ମକ୍ଷେତ୍ରରେ ମହିଳାଙ୍କ ବଢୁଥିବା ଭାଗିଦାରୀରେ ପ୍ରତିଫଳିତ ହେଉଛି ବୋଲି ସେ କହିଛନ୍ତି ।

### ସାନ୍ଧୁଲ ବ୍ୟାରେଜ, ମନଯୋର ଜଳସେଚନ ପ୍ରକଳ୍ପ ଏବଂ ରେଙ୍ଗାଳି ଡ୍ୟାମ, ସମଲ ବ୍ୟାରେଜ କେନାଲ ସିଷ୍ଟମ ଉଦ୍‌ଘାଟିତ

# ୩୨ ହଜାର ଏକରରୁ ଅଧିକ ଜମିକୁ ମିଳିବ ପାଣି

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ପାଇଁ ବିଭିନ୍ନ ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଗୁଡିକ ହେଲା- କଳାହାଣ୍ଡି ଜିଲ୍ଲାର ସାନ୍ଧୁଲ ବ୍ୟାରେଜ, ଅନୁଗୋଳ ଜିଲ୍ଲାର ମନଯୋର ଜଳସେଚନ ପ୍ରକଳ୍ପ ଏବଂ ରେଙ୍ଗାଳି ଡ୍ୟାମ ଓ ସମଲ ବ୍ୟାରେଜ କେନାଲ ସିଷ୍ଟମ । ଏହି ପ୍ରକଳ୍ପ ଗୁଡିକ ମାଧ୍ୟମରେ କଳାହାଣ୍ଡି, କଟକ, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ଚାଷ ଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହେବ । ୩୨ ହଜାର ଏକରରୁ ଅଧିକ ଜମିକୁ ପାଣି ମିଳିବ । ରେଙ୍ଗାଳି ଡ୍ୟାମ ଓ ସମଲ ବ୍ୟାରେଜର କେନାଲ ପ୍ରଣାଳୀ କାମ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି । ବର୍ତ୍ତମାନ ଏହାର ୨୭.୫ କିମି ଦର୍ପଣି ବ୍ରାଞ୍ଚ କେନାଲ ଓ ୧୯.୫ କିମି ନରସିଂହପୁର ବ୍ରାଞ୍ଚ କାମ ସମ୍ପୂର୍ଣ୍ଣ ହୋଇଛି ଏବଂ ଏହାର ଭୂତଳ ପାଇପଲାଇନ କାମ ମଧ୍ୟ ସରିଛି । ଏହା ଦ୍ୱାରା କଟକ ଜିଲ୍ଲାର ଆଠଗଡ ଓ ତିଗିରିଆ ବ୍ଲକ ଏବଂ ଢେଙ୍କାନାଳ ବ୍ଲକର ୧୫ ହଜାର ଏକର ଜମିକୁ ଜଳସେଚନ ସୁବିଧା ମିଳିପାରିଛି । ସେହିପରି ଆଠମଲ୍ଲିକରେ ମନଯୋର ପ୍ରକଳ୍ପର ସଂପ୍ରସାରଣ ମଧ୍ୟ ସଂପୂର୍ଣ୍ଣ ହୋଇଛି । ଏହାଦ୍ୱାରା ଆଠମଲ୍ଲିକ ବ୍ଲକ ଓ ଏନଏସିର ୨୮ଟି ଗାଁର ୫ ହଜାର ଏକର ଜମିକୁ ଜଳସେଚନର ସୁବିଧା ମିଳିପାରିଛି ।

ସାନ୍ଧୁଲ ବ୍ୟାରେଜ ପ୍ରକଳ୍ପ ଶେଷ ହୋଇଛିଛ ଜଳସେଚନ ପାଇଁ ଭୂତଳ ପାଇପ ଲାଇନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆଜି ଭିତ୍ତିପ୍ରସ୍ତର ଦେଇଛନ୍ତି । ଏହାଦ୍ୱାରା କଳାହାଣ୍ଡି ଜିଲ୍ଲାର କେସିଙ୍ଗା, କର୍ଲାମୁଣ୍ଡା ଓ ନର୍ଲା ବ୍ଲକର ୨୯ଟି ଗାଁର ୧୨,୫୦୦ ଏକର ଚାଷଜମିକୁ ଜଳସେଚନ ସୁବିଧା ମିଳିପାରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚାଷୀ ଭାଇଭଉଣୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ୫-ଟି



ଉପକ୍ରମରେ ରାଜ୍ୟରେ ବିଭିନ୍ନ ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ଶେଷ କରାଯାଉଛି । ଗତ ଏକ ବର୍ଷ ମଧ୍ୟରେ ଅପର ଇନ୍ଦ୍ରାବତୀ, ଲୋୟର ଇନ୍ଦ୍ର, ଦେଓ, ସୁବର୍ଣ୍ଣରେଖା, ଲୋୟର ସୁକତେଲ ପରି ବଡ ବଡ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ କରାଯାଇ ପାଣି ଯୋଗାଇ ଦିଆଯାଉଛି । ମୁଖ୍ୟମନ୍ତ୍ରୀ କୃଷି ଓ କୃଷକଙ୍କ କଲ୍ୟାଣ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଚାଷୀର କଲ୍ୟାଣ ଓ କୃଷିର ବିକାଶକୁ ସେ ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛନ୍ତି । ସେ ସବୁବେଳେ ଭୁବନେଶ୍ୱରରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀ ଭାଇ ଭଉଣୀମାନଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରୁଛନ୍ତି । ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣ ଯୋଜନା ସଫଳ ଭାବେ କାର୍ଯ୍ୟକାରୀ ହେଉଛି ବୋଲି ଜାଣି ସେ ଖୁସୀ ବ୍ୟକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ କାଳିଆ ଯୋଜନା, ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା, ମାଗଣାରେ ଫସଲବୀମା ସୁବିଧା, ଚାଷୀ ପରିବାରର ପିଲାଙ୍କ ପାଇଁ ଛାତ୍ରବୃତ୍ତି ବ୍ୟବସ୍ଥା ଏବଂ ଚାଷୀ ଭାଇ ଭଉଣୀଙ୍କ ରୋଜଗାର ବୃଦ୍ଧି ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହେଉଛି । ବିଭିନ୍ନ କଲ୍ୟାଣକାରୀ ଓ ବିକାଶମୂଳକ ଯୋଜନା ସହ ରାଜ୍ୟର ଚାଷୀ ପରିବାର ଯୋଡି ହୋଇ ରହିଛନ୍ତି । ମିଶନ ଶକ୍ତି କାର୍ଯ୍ୟକ୍ରମରେ ଚାଷୀ ପରିବାରର ମା'ମାନେ ସବୁଠାରୁ ଅଧିକ ସାମିଲ ହୋଇଛନ୍ତି ବୋଲି ସେ କହିବା ସହିତ ଆମର ନୂଆ କାର୍ଯ୍ୟକ୍ରମ 'ଆମ ଓଡିଶା ନବୀନ ଓଡିଶା' ଓ 'ଲକ୍ଷ୍ମୀ' ଯୋଜନାରେ ଚାଷୀ ଭାଇ ଭଉଣୀମାନେ ସବୁଠାରୁ ଅଧିକ ଉପକୃତ ହେବେ ବୋଲି କହିଥିଲେ ।

ଚାଷୀ ଭାଇଙ୍କୁ ସାଥିରେ ଧରି ଆମେ ଆଗକୁ ବଢୁଛୁ । ଚାଷୀମାନେ ହେଉଛନ୍ତି ଆମ ଅର୍ଥନୀତିର ସାରଥୀ ବୋଲି କହି ସେମାନଙ୍କ ସହିତ ମୁଁ ସବୁବେଳେ ରହିଛି, ସେମାନଙ୍କ ପାଇଁ କାମ କରୁଛି ଓ କରୁଥିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବଲାଙ୍ଗିରଠାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉପସ୍ଥିତ ରହି ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ କହିଥିଲେ ଯେ ଦାୟିତ୍ୱ ନେବାଠାରୁ ଏହି ୨୪ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ସବୁବେଳେ ଚାଷୀର ଉନ୍ନତି ଓ ସମୃଦ୍ଧିକୁ ଗୁରୁତ୍ୱ ଦେଇ ଆସିଛନ୍ତି । ଢେଙ୍କାନାଳରେ ଉପସ୍ଥିତ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ୫୦ ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ଯାହା ହୋଇନଥିଲା, ୨୪ ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣି ମୁଖ୍ୟମନ୍ତ୍ରୀ ତାହା କରି ଦେଖାଇଛନ୍ତି । କାର୍ଯ୍ୟକ୍ରମକୁ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ ।

### ନୂଆ-ଓ ଛାତ୍ରବୃତ୍ତି' ସଂପର୍କରେ ଲୋକଙ୍କୁ ସୂଚନା ଦେଲେ ୫-ଟି ଅଧ୍ୟକ୍ଷ

ଏହି ଅବସରରେ ଶ୍ରୀ ପାଣ୍ଡିଆନ ଉପସ୍ଥିତ ଚାଷୀ ଭାଇଭଉଣୀମାନଙ୍କୁ କହିଥିଲେ ଯେ ରାଜ୍ୟ କ୍ୟାବିନେଟରେ 'ନୂଆ-ଓ ଛାତ୍ରବୃତ୍ତି' ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିରେ ଛାତ୍ରମାନଙ୍କ ପାଇଁ ୯ ହଜାର ଓ ଛାତ୍ରୀମାନଙ୍କ ପାଇଁ ୧୦ ହଜାର ଟଙ୍କାର ବାର୍ଷିକ ବୃତ୍ତି ରହିଛି । ଏହି ଯୋଜନା ବିଷୟରେ ଆପଣମାନେ ଘରେ ପିଲାମାନଙ୍କୁ ଜଣାନ୍ତୁ ଓ ଏହାର ସୁଯୋଗ ଲାଭ କରନ୍ତୁ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ କଳାହାଣ୍ଡିରେ ଉପସ୍ଥିତ ବିଧାୟକ ଭୁପିନ୍ଦର ସିଂ ଏବଂ ଢେଙ୍କାନାଳରେ ଉପସ୍ଥିତ ବିଧାୟକ ସୁଧିର କୁମାର ସାମଲ ମୁଖ୍ୟମନ୍ତ୍ରୀଙ୍କ ଏହି ଚାଷୀ ହିତୈଷୀ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମରେ ଆଠମଲିକର ୨ଜଣ ଚାଷୀ ସନ୍ତୋଷ ଷଣ୍ଢ ଓ ତପନ ପାତ୍ର ପୂର୍ବରୁ ସେମାନେ ଚାଷ ପାଇଁ ବର୍ଷା ଜଳ ଉପରେ ନିର୍ଭର କରୁଥିଲେ, ଏବେ ମନଯୋର ପ୍ରକଳ୍ପ ମାଧ୍ୟମରେ ସଠିକ ଭାବେ ଚାଷ କରି ଜମିରୁ ଅଧିକ ଫସଲ ଅମଳ କରି ଲାଭବାନ ହେବେ ବୋଲି କହିଥିଲେ ଏବଂ ଏଥି ପାଇଁ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରାଜ୍ୟ ଉନ୍ନୟନ କମିଶନର ସ୍ୱାଗତ ଭାଷଣ ଦେଇଥିଲେ । ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ତୃତୀୟ ତ୍ରୈମାସିକ ଫଳାଫଳ

## କ୍ରମାଗତ ଭାବେ ନାଲକୋର ୧୩୭ ପ୍ରତିଶତ ଅଭିବୃଦ୍ଧି ସହ ୪୮୮ କୋଟି ଟଙ୍କାର ନିଟ୍ ଲାଭ





ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଖଣିମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ କମ୍ପାନୀ ତଥା ଦେଶର ଅନ୍ୟତମ ଅଗ୍ରଣୀ ଆଲୁମିନା ଓ ଆଲୁମିନିୟମ ଉତ୍ପାଦନକାରୀ ଏବଂ ରପ୍ତାନୀକାରୀ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ପକ୍ଷରୁ ଡିସେମ୍ବର ୨୦୨୩ରେ ଶେଷ ହୋଇଥିବା ତୃତୀୟ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି । ଆର୍ଥିକ ଫଳାଫଳ ଅନୁସାରେ,ଗତ ତ୍ରୈମାସରେ କମ୍ପାନୀର ଲାଭ ୪୮୮ କୋଟି ଟଙ୍କା ହୋଇଛି । ଆଜ ଭୁବନେଶ୍ୱର ଠାରେ ଅନୁଷ୍ଠିତ କମ୍ପାନୀର ବୋର୍ଡ଼ସ୍ତରୀୟ ବୈଠକରେ ଉପସ୍ଥାପିତ ଆର୍ଥିକ ଫଳାଫଳ ଅନୁସାରେ କମ୍ପାନୀ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ କ୍ରମାଗତ ଭାବେ ୧୩୭ ପ୍ରତିଶତ ଲାଭ କରିଛି । ସୂଚନାଯୋଗ୍ୟ ଯେ, ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ଲାଭ ୨୦୬କୋଟି ଟଙ୍କାଥିଲା । ଡିସେମ୍ବର ୨୦୨୩ ର ନଅ ମାସ ମଧ୍ୟରେ କମ୍ପାନୀର ମୋଟ ଲାଭ ୧୦୪୪ କୋଟି ଟଙ୍କା ହୋଇଥିବା ବେଳେ, ପୂର୍ବ ଆର୍ଥିକ ବର୍ଷର ସମାନ ନଅ ମାସରେ ମୋଟ ଲାଭ ୧୦୨୩ କୋଟି ଟଙ୍କା ଥିଲାଛ ଆର୍ଥିକ ବର୍ଷ ୨୦୨୩ ର ତୃତୀୟ ତ୍ରୈମାସିକ ଆୟ୩୩୫୮କୋଟି ଟଙ୍କା ତୁଳନାରେ ଚଳିତ ଆର୍ଥିକ ବର୍ଷରେ ତୃତୀୟ ତ୍ରୈମାସିକ ଆୟ ୩୩୧୮କୋଟି ଟଙ୍କା ହୋଇଛି । ସର୍ବକାଳିନ ସର୍ବାଧିକ ୩,୪୫,୦୮୬ ମେଟ୍ରିକ ଟନ ଧାତୁ ଉତ୍ପାଦନ ସହ କମ୍ପାନୀ ଆର୍ଥିକ ବର୍ଷ ୨୦୨୪ର ତୃତୀୟ ତ୍ରୈମାସ ସୁଦ୍ଧା ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାଲ କରିଛି । ସେହିପରି ବିକ୍ରି କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ନଅ ମାସ ମଧ୍ୟରେ ସର୍ବକାଳୀନ ସର୍ବାଧିକ ୩,୪୯,୪୧୯ ମେଟ୍ରିକ ଟନ ଧାତୁ ବିକ୍ରି ହୋଇଛି । ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ କମ୍ପାନୀ ପକ୍ଷରୁ ଇକ୍ୱିଟି ସେୟାର ପିଛା ୨ ଟଙ୍କା ହିସାବରେ ଦ୍ୱିତୀୟ ମଧ୍ୟବର୍ତ୍ତୀ ଡିଭିଡେଣ୍ଡ ଘୋଷଣା କରାଯାଇଛି ।

### ଚଳିତ ଭାଲେଣ୍ଟାଇନ ଦିବସରେ ଆଲମଣ୍ଡ ସହିତ ଆପଣଙ୍କ ପ୍ରିୟଜନଙ୍କୁ ଦିଅନ୍ତୁ ସ୍ୱାସ୍ଥ୍ୟର ଉପହାର

ଭୁବନେଶ୍ୱର (ସବ୍ୟୁ): ଚଳିତ ଭାଲେଂଟାଇନ ଦିବସରେ ଏକ ନିଆରା ଆଭିମୁଖ୍ୟ ଗ୍ରହଣ କରନ୍ତୁ । ମିଠା ଖାଦ୍ୟ ପରିବେଷଣ ଏବଂ ଅତିଶୟ ଚର୍ଚ୍ଚାର ପାରମ୍ପରିକ ସମ୍ପର୍କ ପାଳନ କରିବା ପରିବର୍ତ୍ତେ, ଆପଣଙ୍କର ସ୍ୱତନ୍ତ୍ର ବ୍ୟକ୍ତିଙ୍କ ପାଇଁ କିଛି ସ୍ୱାସ୍ଥ୍ୟକର ତଥା ଅନନ୍ୟ ଉପହାର ଭାବରେ ଗୋଟିଏ ଆଲମଣ୍ଡର ଏକ ସୁସଜ୍ଜିତ ବକ୍ସ ପ୍ରଦାନ କରନ୍ତୁ । ଯାହା ଆପଣଙ୍କ ସ୍ନେହର ପ୍ରତୀକ ହେବା ସହିତ ଆପଣଙ୍କ ସମ୍ପର୍କରେ ଉତ୍ତମ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ଜୋର ଦେଇଥାଏ । ଜିଙ୍କ, ଫୋଲେଟ, ଆଇରନ, ଭିଟାମିନ ଇ, ମେଗ୍ନେସିୟମ ଏବଂ ପ୍ରୋଟିନ ସହିତ ୧୫ଟି ପୋଷକ ତତ୍ତ୍ୱରେ ଭରପୂର ଆଲମଣ୍ଡ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏହା ହୃତପିଣ୍ଡ ସ୍ୱାସ୍ଥ୍ୟକୁ ସମର୍ଥନ କରେ, ଚର୍ମ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ଦିଏ, ଓଜନ ପରିଚାଳନାରେ ସାହାଯ୍ୟ କରେ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣକୁ ପରିଚାଳନା କରିବାରେ ସାହାଯ୍ୟ କରିଥାଏ ।

## ଆଜି ଲୋକାର୍ପିତ ହେବ ସମ୍ ହସ୍ପିଟାଲ୍ ଶିତଳାପଲ୍ଲୀ କ୍ୟାମ୍ପସ

ଭୁବନେଶ୍ୱର (ସବ୍ୟୁ): ଦୀର୍ଘ ୧୯ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜନସାଧାରଣଙ୍କୁ ଅବିରତ ଓ ଉତ୍ସର୍ଗୀକୃତ ଭାବେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଆସୁଥିବା ଶିକ୍ଷା ଓ ଅନୁସନ୍ଧାନ ଏବେ ଦକ୍ଷିଣ ଓଡ଼ିଶାରେ ଉତ୍ତମ ତଥା ଅତ୍ୟାଧୁନିକ ସେବା ପ୍ରଦାନ କରିବା ଲକ୍ଷ୍ୟରେ ବ୍ରହ୍ମପୁର ନିକଟ ଶିତଳାପଲ୍ଲୀ ଠାରେ ସମ୍ ହସ୍ପିଟାଲ୍‌ର ତୃତୀୟ କ୍ୟାମ୍ପସ ଆରମ୍ଭ କରିବାକୁ ଯାଉଛି। ସମ୍ ହସ୍ପିଟାଲ୍‌ର ଏହି ମଲ୍ଟି ସୁପର ସ୍ପେଶିଆଲିଟି ହସ୍ପିଟାଲ୍‌କୁ ବୁଧବାର, ଫେବୃଆରୀ ୧୪ ତାରିଖ ବସନ୍ତ ପଞ୍ଚମୀ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ। ଓଡ଼ିଶା ସମେତ ପୂର୍ବାଂଚଳ ରାଜ୍ୟଗୁଡ଼ିକ ନିମନ୍ତେ ଏକ ନିର୍ଭରଯୋଗ୍ୟ ଓ ଲୋକପ୍ରିୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବେ ଉଭା ହୋଇଥିବା ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୨୦୦୫ ମସିହାରେ ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୨୦୨୩ ମସିହାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍‍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆରଏଫ୍)ର ର୍‍ୟାଙ୍କିଙ୍ଗ୍‌ରେ ଦେଶର ୧୬ ତମ ଶ୍ରେଷ୍ଠ ମେଡିକାଲ୍ କଲେଜ ଭାବେ ସ୍ଥାନୀତ




ହୋଇଛି। ଶିତଳାପଲ୍ଲୀ ଠାରେ ଆରମ୍ଭ ହେବାକୁ ଯାଉଥିବା ନୂତନ ହସ୍ପିଟାଲ୍‌ରେ ୨୦୦ ଶଯ୍ୟାର ସୁବିଧା ରହିଥିବା ବେଳେ ଆଗାମୀ ଦିନରେ ଏହାର ସଂଖ୍ୟା ବୃଦ୍ଧି ପାଇ ୫୦୦ ହେବ ।

ଏହି ଡାକ୍ତରଖାନାରେ ସୁଲଭ ମୂଲ୍ୟରେ ସମସ୍ତ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବାର ସୁବିଧା ଉପଲବ୍ଧ ହେବା ସହ ୨୪ ଘଂଟା ରୋଗୀ ସେବା ପ୍ରଦାନ କରାଯିବ। ସୋଆ ପକ୍ଷରୁ ଭୁବନେଶ୍ୱରରେ ୨୦୨୦ ମସିହାରେ ଏକ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ମଲ୍ଟି ସୁପର ସ୍ପେଶିଆଲିଟି କ୍ୱାଟରନେରି କେୟାର ହସ୍ପିଟାଲ୍ ସମ୍ ଅଲ୍ଟିମେଟ ମେଡିକେୟାର ମଧ୍ୟ ଆରମ୍ଭ କରାଯାଇଛି। ସୋଆର ଏହି ୪ ଟି ହସ୍ପିଟାଲ୍ ଲୋକମାନଙ୍କୁ ଉତ୍ତମ ମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ନିମନ୍ତେ ପରସ୍ପରର ସହଯୋଗ କରିବେ। ଏହି ୪ ଟି ହସ୍ପିଟାଲ୍‌ରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସୁବିଧା ଉପଲବ୍ଧ ।

### ଏମ୍ସ ଭୁବନେଶ୍ୱର ପକ୍ଷରୁ ଏମ୍ସ-ଫିଜିଓମିଟ୍ କର୍ମଶାଳା

## ଦେଶର ୧୭ଟି ଏମ୍ସରୁ ୪୦ ଜଣ ବିଶିଷ୍ଟ ଫିଜିଓଲୋଜିଷ୍ଟଙ୍କ ଅଂଶଗ୍ରହଣ

ଭୁବନେଶ୍ୱର (ସବ୍ୟୁ): ବର୍ତ୍ତମାନ ସମାଜରେ ଦେଖାଯାଉଥିବା ଅନିୟନ୍ତ୍ରିତ ତଥା ତ୍ରୁଟିପୂର୍ଣ୍ଣ ଜୀବନଶୈଳୀଜନିତ ନାନା ବ୍ୟାଧି ତଥା ଦିନକୁ ଦିନ ମାନବ ସମାଜ ନିମିତ୍ତ ଆହ୍ୱାନ ପାଲଟୁଥିବା ବିଭିନ୍ନ ବୈଶ୍ୱିକ ସ୍ୱାସ୍ଥ୍ୟ ସମସ୍ୟା ଗୁଡ଼ିକର ସଫଳ ମୁକାବିଲା କରିବାରେ ଫିଜିଓଲୋଜି(ଶରୀରତତ୍ତ୍ୱ ବିଜ୍ଞାନ) ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।



ଅନ୍ତର୍ଜାତୀୟସ୍ତରରେ ଶରୀରତତ୍ତ୍ୱ ବିଜ୍ଞାନ ଉପରେ ଅଧିକ ଗବେଷଣା, ମେଡିକାଲ୍ ପାଠ୍ୟକ୍ରମରେ ଏହାର ବ୍ୟାପକତା ଆଦି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏନେଇ ଏହି ସନ୍ଦର୍ଭରେ ବ୍ୟାପକ ଗବେଷଣାର ଆବଶ୍ୟକତା ରହିଛି । ଏମ୍ସ ଭୁବନେଶ୍ୱର ଫିଜିଓଲୋଜି ବିଭାଗ ଦ୍ୱାରା ଆୟୋଜିତ ଅଭିନବ ଏମ୍ସ-ଫିଜିଓମିଟ୍ କର୍ମଶାଳାରେ ଏପରି ମତବ୍ୟକ୍ତ କରିଛନ୍ତି ଦେଶର ବିଶିଷ୍ଟ ଶରୀରତତ୍ତ୍ୱ ବିଜ୍ଞାନୀଗଣ । ସମଗ୍ର ଦେଶରେ ଶରୀରତତ୍ତ୍ୱ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ସହଭାଗିତା ବୃଦ୍ଧି କରିବା ଏବଂ ଗବେଷଣାକୁ ପ୍ରାଥମିକତା ଦେବା ଲକ୍ଷ୍ୟରେ, ଏହି ଦୁଇଦିନିଆ କର୍ମଶାଳାରେ ଦେଶର ୧୭ଟି ଏମ୍ସରୁ ୪୦ ରୁ ଉର୍ଦ୍ଧ୍ୱ ଖ୍ୟାତନାମା ଶରୀରତତ୍ତ୍ୱ ବିଜ୍ଞାନୀ ଅଂଶଗ୍ରହଣ କରିଥିଲେ ।

ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଶରୀରତତ୍ତ୍ୱ ବିଜ୍ଞାନୀ ତଥା ଏମ୍ସ କଲ୍ୟାଣୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ରାମଜୀ ସିଂ, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଏମ୍ସ ପାଟଣା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଜି କେ ପାଲ୍, ଏମ୍ସ ଯୋଧପୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ମାଧବାନନ୍ଦ କର, ଏମ୍ସ ଭୁବନେଶ୍ୱର ଡିନ୍ ଡ. ପି ଆର୍ ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଡି କେ ପରିଡ଼ା, ଫିଜିଓଲୋଜି ବିଭାଗ ମୁଖ୍ୟ ଡ. ପ୍ରଣତୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ନେତୃତ୍ୱରେ ଏହି ଜାତୀୟ ଅନୁଷ୍ଠାନର ଫିଜିଓଲୋଜି ବିଭାଗରେ କୃତ୍ରିମ ବୁଦ୍ଧିମତା(ଏଆଇ)ର ବ୍ୟବହାରପୂର୍ବକ ବହୁ ଗବେଷଣାମୂଳକ କାର୍ଯ୍ୟ ହାତକୁ ନିଆଯାଇଛି । ସମଗ୍ର ଦେଶରେ ଏଆଇର ପ୍ରୟୋଗ ପୂର୍ବକ ଶରୀରତତ୍ତ୍ୱ ବିଜ୍ଞାନ ସନ୍ଦର୍ଭରେ ବ୍ୟାପକ ଗବେଷଣା ହେବା ଆବଶ୍ୟକ ବୋଲି ଡ. ବିଶ୍ୱାସ ଅନୁଷ୍ଠିତ ଆଲୋଚନା କାଳରେ ମତ ରଖିଥିଲେ । ଅତିରିକ୍ତ ପ୍ରଫେସର ତଥା ଆୟୋଜନ କମିଟି ସମ୍ପାଦକ ଡ. କଳ୍ପନା ବାରହୱାଲ୍ ଏହି ନିଆରା କର୍ମଶାଳା ଏମ୍ସ ଭଳି ବିଭିନ୍ନ ଜାତୀୟ ଅନୁଷ୍ଠାନର ଗବେଷକଙ୍କ ପାଇଁ ଏକ ବିଶେଷ ସୁଯୋଗ ଆଣିବ ବୋଲି କହିଥିଲେ ।

## ବିଶ୍ୱର ସର୍ବବୃହତ ଅନଲାଇନ ସୁପର ଷ୍ଟୋର ବେଦାନ୍ତ ମେଟାଲ୍ ବଜାରର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ନିର୍ମାତା ମେଟାଲ ବଜାରର ଶୁଭାରମ୍ଭ କରିଛି ଯାହା ପ୍ରାଥମିକ ଆଲୁମିନିୟମ ପାଇଁ ଏକ ଅଭିନବ ନୂଆ ଇ-ସୁପରଷ୍ଟୋର ଅଟେ । ଏଥିରେ ୭୫୦ରୁ ଅଧିକ ପ୍ରକାର ଉତ୍ପାଦ ବିକ୍ରିକରାଯିବ । ନିମ୍ନଲିଖିତ ପୋର୍ଟାଲ ଲିଙ୍କ ମାଧ୍ୟମରେ ବେଦାନ୍ତ ମେଟାଲ ବଜାରକୁ ସିଧାସଳଖ ପରିଚାଳନା କରିବ ଯଥା: https://browse.vedantametalbazaar.moglix.com/catalog/aluminium ଓ ଏହା ଗୁଗୁଲ ପ୍ଲେ ଷ୍ଟୋର ଓ ଆପଲ ପ୍ଲେ ଷ୍ଟୋରରୁ ଡାଉନଲୋଡ କରାଯାଇପାରିବ । ପ୍ରଦାନ କରାଯାଉଥିବା ଉତ୍ପାଦ ମଧ୍ୟରେ ଇନଗଟ, ବିଲେଟ, ପ୍ରାଇମେରି ଫାଉଣ୍ଡରୀ ଆଲଏ, ଓୟାର ରଡ, ରୋଲଡ ପ୍ରଡକ୍ଟ ଇତ୍ୟାଦି ରହିଛି। ଆଲୁମିନିୟମ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ। ଏହା ଏରୋସ୍ପେଶ, ଅଟୋମୋବାଇଲ, ବିଲଡିଂ ଓ ନିର୍ମାଣ




ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ବ୍ୟବହୃତ ହେଉଛି। ଏହାକୁ ଭବିଷ୍ୟତର ଧାତୁ ଆଖ୍ୟା ଦିଆଯାଇଛି। କ୍ରେତାମାନେ ନିଶ୍ଚିତ ମୂଲ୍ୟ ଗତବିଧି ଉପରେ ନଜର ରଖିବେ ଓ ଏକାଧିକ ପାରାମିଟର୍ସରେ ଉତୀର୍ଣ୍ଣ ହୋଇଥିବା ସମାଗ୍ରୀକୁ ବାଛିବାକୁ ପସନ୍ଦ କରିବେ। ଗ୍ରାହକଙ୍କ ସୁବିଧା ପାଇଁ ବେଦାନ୍ତ ଆଲୁମିନିୟମ ବେଦାନ୍ତ ମେଟାଲ ବଜାର ଆରମ୍ଭ କରିଛି। ଏଠାରୁ କ୍ରେତାମାନେ ଏକ ଅଭିନବ ଅନୁଭୂତି ଲାଭ କରିପାରିବେ। କମ୍ପାନି ସମଗ୍ର କ୍ରୟ ପ୍ରକ୍ରିୟାକୁ ସରଳ କରିବାକୁ ପ୍ରତିଶ୍ରୁତି ଦେଇଛି। ଏହାର କ୍ରେତାମାନେ ଠିକ ସମୟରେ ବିତରଣ, ରିୟଲ ସମୟ ଏଆଇ ଆଧାରିତ ମୂଲ୍ୟ ଆବିଷ୍କାର ଓ ମେସାନଙ୍କ କ୍ରୟ ଉପରେ ଡେଲିଭରି ପର୍ଯ୍ୟନ୍ତ ସବୁ ପ୍ରକାର ସହାୟତା ପାଇପାରିବେ । ଗ୍ରାହକଙ୍କ ପାଇଁ ବ୍ୟବସାୟ କରିବାର ସହଜତାକୁ ବଢାଇବା ଉଦ୍ଦେଶ୍ୟରେ ବେଦାନ୍ତ ଆଲୁମିନିୟମ ବେଦାନ୍ତ ମେଟାଲ ବଜାର ଆରମ୍ଭ କରିଛି, ଆଲୁମିନିୟମ କ୍ରୟ ଅଭିଜ୍ଞତାକୁ ବୈପ୍ଳବିକ କରିବାକୁ ଏକ ଅଭିନବ-ବାଣିଜ୍ୟ ପ୍ଲାଟଫର୍ମ। ଏହା ସମଗ୍ର କ୍ରୟ ପ୍ରକ୍ରିୟାକୁ ସରଳ କରିବ । କ୍ରେତାମାନଙ୍କୁ ସେମାନଙ୍କ ବ୍ୟବସାୟ ଅଭିବୃଦ୍ଧି ଉପରେ ଧ୍ୟାନ ଦେବାରେ ସକ୍ଷମ କରିବ । ବେଦାନ୍ତ ମେଟାଲ୍ ବଜାର କ୍ରେତାମାନଙ୍କୁ ଠିକ୍ ସମୟରେ ବିତରଣ, ରିଅଲ୍- ସମୟ ଏଆଇ- ଆଧାରିତ ମୂଲ୍ୟ ଆବିଷ୍କାର ଏବଂ ସେମାନଙ୍କର କ୍ରୟର ଏଣ୍ଡ - ଟୁ-ଏଣ୍ଡ ଭିଜିବିଲିଟି, ଅର୍ଡର ପ୍ଲେସମେଂଟ ଠାରୁ ଡେଲିଭରି ପର୍ଯ୍ୟନ୍ତ ଦୃଢ ଉତ୍ପାଦନ ଯୋଜନା ପାଇଁ ଏହା ଅନୁମତି ଦିଏ ଏବଂ ଅଧିକ କୌଶଳ ବିନିଯୋଗ ପାଇଁ ସେମାନଙ୍କର ପୁଞ୍ଜି ମୁକ୍ତ କରିବାରେ ସାହାଯ୍ୟ କରେ ।

### ରଘୁନାଥ ସଂସ୍କୃତ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

ପୁରୀ (ସବ୍ୟୁ): ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ଆଜି ଏହି ପରିପ୍ରେକ୍ଷୀରେ ଚନ୍ଦନପୁର ସ୍ଥିତ ରଘୁନାଥ ସଂସ୍କୃତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ର ଅଧକ୍ଷ ଡ଼ଃ କମଳାକାନ୍ତ ମିଶ୍ର ଆଲୋଚନା ଚକ୍ର କୁ ଅଧ୍ୟକତା କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଅଧ୍ୟାପିକା ରାଜଶ୍ରୀ ଦଳାଇ, ବିଜୟଲକ୍ଷ୍ମୀ ଦାଶ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ଏହି କାର୍ଯ୍ୟକ୍ରମ ରେ କଲେଜ ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍ କାନୁନ୍ ସମ୍ବନ୍ଧରେ ବୁଝାଇବା ସହ ରାସ୍ତାଘାଟରେ କିପରି ସୁରକ୍ଷିତ ଭାବେ ଯାତ୍ରା କରିପାରିବା ସେ ବିଷୟରେ ମୁଖ୍ୟ ଅତିଥି ବୁଝାଇ କହିଥିଲେ ।

### ଆନ୍ତଃରାଜ୍ୟ ବିଳାସପୂର୍ଣ୍ଣ କାର୍ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ

## ଦୁଇଯୋଡା ପତି-ପତ୍ନୀଙ୍କ ସମେତ ୫ଗିରଫ, ଇନୋଭା ଜବତ

ଭୁବନେଶ୍ୱର,(ସବ୍ୟୁ): ଆନ୍ତରାଜ୍ୟ ବିଳାସପୂର୍ଣ୍ଣ କାର ଚୋରି ର୍‍ୟାକେଟର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ । ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ୫୫ଲକ୍ଷ ଟଙ୍କା ମୂଲ୍ୟର ଇନୋଭା କାର୍ ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା । ତାମିଲନାଡୁ, ପଶ୍ଚିମବଙ୍ଗର ଆନ୍ତରାଜ୍ୟ ଲୁଟେରା ହରିଆନା, ଉତ୍ତରପ୍ରଦେଶ, ଦିଲ୍ଲୀ, ତାମିଲନାଡୁ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରୁ କାର୍ ଚୋରି କରନ୍ତି । ଯେଉଁ ରାଜ୍ୟରୁ କାର ଚୋରି କରନ୍ତି ସେହି ରାଜ୍ୟରେ ବିକ୍ରି ନକରି ଅନ୍ୟ ରାଜ୍ୟରେ ବିକ୍ରି କରନ୍ତି । ସେହିପରି ପଞ୍ଜାବର ଜୟପାଲ ସିଂଙ୍କ କାର୍‌କୁ ଦିଲ୍ଲୀରୁ ଚୋରି କରି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଯୋଗାଯୋଗ କରି ଅପେକ୍ଷା କରିଥିଲେ । ପୋଲିସ ଟିମ୍ ଇନୋଭା କାର୍ ନଂ ବାହାର ରାଜ୍ୟର ଦେଖି ସନ୍ଦେହ କରିଥିଲା । ସେଠାରେ ଥିବା ମହିଳା ଓ ପୁରୁଷ ଲୋକଙ୍କୁ ପଚରାଉଚରା କରିବା ପରେ ତାଙ୍କ କଥାରେ ତାଳମେଳ ନରହିବାରୁ ଥାନାକୁ ଆଣି ଜେରା କରି ଚୋରି ର୍‍ୟାକେଟର ରହସ୍ୟ ଉନ୍ମୋଚନ କରିଛି । ସେମାନେ ନକଲି ନମ୍ବର ପ୍ଲେଟ ମଧ୍ୟ ବ୍ୟବହାର କରନ୍ତି ବୋଲି ଏସିପି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।

## ଭାରତୀୟ ଚିକିତ୍ସକ ସଂଘ ଓଡିଶା ଶାଖାର ନୂତନ କର୍ମକର୍ତ୍ତା

କଟକ, (ସ୍ୱପ୍ର): ଭାରତୀୟ ଚିକିତ୍ସକ ସଂଘ (ଆଇଏମ୍‌ଏ) ଓଡିଶା ଶାଖାର ନୂତନ କର୍ମକର୍ତ୍ତା ଆସନ୍ତା ଦୁଇବର୍ଷ (୨୦୨୪-୨୫) ପାଇଁ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି । ସଂଘର ୭୩ତମ ଦୁଇଦିନିଆ ବାର୍ଷିକ ଅଧିବେଶନ ଅନୁଗୁଳ ଜିଲ୍ଲା ସ୍ଥିତ ହୋଟେଲ ଦୁର୍ଗା ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିବେଶନରେ ଆଇଏମ୍‌ଏର ଜାତୀୟ ସଭାପତି ଡା: ଆର.ଭି. ଅଶୋକନ୍ ଓ ଜାତୀୟ ଉପସଭାପତି ଡା: ସୁରେଶ ଗୁପ୍ତା, ଅନୁଗୁଳ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ସଂଘର ସଭାପତି ଭାବେ ମୟୁରଭଞ୍ଜର ଡା: ଶ୍ୟାମ ସୁନ୍ଦର ଖଣ୍ଡେଲୱାଲ, ଉପସଭାପତି ଭାବେ ଡା: ଭରତ ପାଣିଗ୍ରାହୀ, ଡା: ଶଙ୍କର ଜୟ କିଶାନ୍, ଡା: ଅରୁଣ ସାହୁ, ଡା: ସୁକାନ୍ତ ମିଶ୍ରଙ୍କ ସମେତ ରାଜ୍ୟ ଶାଖା ସମ୍ପାଦକ ଭାବେ ଡା: ମୃତ୍ୟୁଞ୍ଜୟ ମହାପାତ୍ର, ସହ-ସମ୍ପାଦକ ଡା: ଦୀପକ ରଞ୍ଜନ ଦାସ, ଡା: ଦୀପକ ପାଣିଗ୍ରାହୀ, ଅର୍ଥନୈତିକ ସମ୍ପାଦକ ଭାବେ ଡା: ସମ୍ରାଟ କର, ମହିଳାଶାଖା ସମ୍ପାଦକ ଭାବେ ଡା: ସସ୍ମିତା ସ୍ୱାଇଁ, ସାମାଜିକ ସମ୍ପାଦକ ଭାବେ ଡା: ଜ୍ୟୋତିରଞ୍ଜନ ନାୟକ, ପତ୍ରିକା ସମ୍ପାଦକ ଡା: ଅଶୋକ ପାଢୀ,



ପତ୍ରିକା ଏଡିଟର ଡା: ସଂଯୁକ୍ତା ପାଢୀ, ଚେୟାରମ୍ୟାନ୍ ଆଇଏମ୍‌ଏଏମ୍‌ଏସ୍ ଡା: ଅଭୟ କୁମାର ସାହୁ, ସମ୍ପାଦକ ଡା: ରିତାଞ୍ଜଳୀ ମିଶ୍ର, ନିର୍ଦ୍ଦେଶକ ଆଇଏମଏସିଜିପି ଡା: କମଳାକାନ୍ତ ପାଣିଗ୍ରାହୀ, ସମ୍ପାଦକ ଆଇଏମଏସିଜିପି ଡା: ପ୍ରଶାନ୍ତ ସାବତ, ସହସମ୍ପାଦକ ଭାବେ ଆଇଏମଏସିଜିପି ଡା: ବନିତା ପଣ୍ଡାଙ୍କ ସହିତ କେନ୍ଦ୍ରୀୟ କମିଟି ସଭ୍ୟ ଭାବେ ଡା: ପ୍ରଭାତ କୁମାର ପଣ୍ଡା, ଡା: ବ୍ରଜକିଶୋର ଦାଶ, ଡା: ବାନାମ୍ବର ସେନାପତି, ଡା: ଦେବ ପ୍ରସାଦ ମହାନ୍ତି, ଡା: ମନୋଜ ଛୋଟରାୟ ଓ ଡା: ପ୍ରସନ୍ନ କୁମାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଉକ୍ତ ଅଧିବେଶନରେ ଓଡିଶାର ବିଭିନ୍ନ ଶାଖାରୁ ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ ।

# ଚିତା ବାଘ ଛାଲ, ବନ୍ଧୁକ ଜବତ: ଜଣେ ଗିରଫ



ବାଲିଗୁଡା, (ସବ୍ୟୁ): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗିବାଡ଼ି ଥାନା ଅଧୀନ ଦାସିଙ୍ଗବାଡ଼ିରେ ଏସ୍ଟିଏଫ୍ ପକ୍ଷରୁ ଚଡ଼ କରାଯାଇ ଗୋଟିଏ ଚିତାବାଘ ଛାଲ ସହିତ ଗୋଟିଏ ଦେଶୀବନ୍ଧୁକ ଜବତ କରାଯାଇଛି। ଘଟଣାରେ ଦାରିଙ୍ଗବାଡି ଥାନା ଅଧୀନ ଗୋହିବାଡ଼ିର ଘନେଶ୍ୱର ପ୍ରଧାନ (୩୫) ଙ୍କୁ ଗିରଫ କରାଯାଇଛି। ଘନେଶ୍ୱର ନିକଟରେ ବାଘଛାଲ ଓ ବନ୍ଧୁକ ଥିବା ନେଇ ଏସ୍ଟିଏଫ୍ ଟିମ୍ ବିଶେଷ ସୂତ୍ରରୁ ଖବର ପାଇ ଚଡ଼ କରିଥିଲା। ତାକୁ ଗିରଫ କରାଯାଇ ଦାରିଙ୍ଗିବାଡ଼ି ଜେଏମ୍ଏଫ୍ସି କୋର୍ଟରେ ହାଜର କରାଯାଇଥିଲା। ଏନେଇ ଏସ୍ଟିଏଫ୍ ଟିମ ଏକ ମାମଲା ରୁଜୁ କରିଛି। ଏହି ଚଢଉରେ ଏସ୍ଟିଏଫ୍ ସମେତ ଫୁଲବାଣୀ ଏବଂ ବାଲିଗୁଡ଼ା ବନଖଣ୍ଡର କର୍ମଚାରୀ ମାନେ ସାମିଲ ଥିଲେ। ତେବେ ଜବତ ହେବା ପରେ ଏହି ଚିତାବାଘ ଛାଲର ପରୀକ୍ଷଣ ପାଇଁ ଡେରାଡୁନ୍ ସ୍ଥିତ ଡବ୍ଲ୍ୟୁଆଇଆଇକୁ ପଠାଯାଇଛି ବୋଲି ଏସ୍ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଜବତ ହୋଇଥିବା ଦେଶୀ ବନ୍ଧୁକକୁ ରସୁଲଗଡ଼ ସ୍ଥିତ ଏସ୍ଏଫ୍ଏସ୍ଏଲ୍ ଲାବୋରେଟୋରିକୁ ପଠାଯାଇଛି। ଏ ସଂକ୍ରାନ୍ତରେ ତଦନ୍ତ ଜାରି ରହିଛି ଏବଂ ଏଥିରେ ଆଉ କିଏ କିଏ ସାମିଲ ଅଛନ୍ତି ସେ ନେଇ ଅଧିକ ଖୋଳତାଡ଼ ଜାରି ରହିଛି ।

# ଆମ ଓଡ଼ିଶା–ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ବୁଗୁଡା, (ସବ୍ୟୁ): ବୁଗୁଡା ବ୍ଲକ ଅନ୍ତର୍ଗତ ଗୌଡିଆବୋରଦା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୌଡିଆବୋରଦା ସରପଞ୍ଚ ସୁନ୍ଦରୀ ମହାରଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ , ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ବିଡିଓ ସନ୍ତୋଷ କୁମାର ଜେନା, ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନା, ସିଡିପିଓ ବବିତା ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳତା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏଥି ସହ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସେମାନଙ୍କ ବିଭାଗର ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକମାନଙ୍କ ପାଖରେ ପହଞ୍ଚାଇ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନେକ ଜନପ୍ରତିନିଧି, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସିଆରପି, ଏମବିକେ, ଏସଏଚଜି ମହିଳାଗଣ ଓ ପଞ୍ଚାୟତବାସୀ ଉପସ୍ଥିତ ରହିଥିଲେ ।

# ନେସ୍କୋ ପାୱାର୍ ଏମ୍ପ୍ଲୋଇଜ୍ ୟୁନିୟନର ସାଧାରଣ ବୈଠକ ଓ ବିଶାଳ କର୍ମଚାରୀ ସମାବେଶ

ବାରିପଦା, (ସବ୍ୟୁ) : ନେସ୍କୋ ପାୱାର୍ ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ରାଇରଙ୍ଗପୁର ଡିଭିଜନ ଅଧିନରେ ଥିବା କାର୍ଯ୍ୟରତ ଶ୍ରମିକ, କର୍ମଚାରୀ ମାନଙ୍କୁ ନେଇ ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପ ଠାରେ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସଙ୍ଘର ସ୍ଥାଇ ସଭାପତି ଜଗଦୀଶ ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ସଙ୍ଘର ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଶ୍ରମିକ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଏବଂ ତାର ସମାଧାନ ବାବଦରେ ଆଲୋକପାତ କରିଥିଲେ। ବାରିପଦା ଡିଭିଜନର ଚନ୍ଦନ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ଦେବାଶିଷ ବେହେରା, ଦିପ୍ତିକାନ୍ତ ଭୂୟାଁ, ସତ୍ୟରଞ୍ଜନ ପାଣିଗ୍ରାହୀ, ଜ୍ୟୋତିଲାଲ ବିଶ୍ୱାଳ ପ୍ରମୁଖ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ତାଙ୍କର ମୂଲ୍ୟବାନ ବକ୍ତବ୍ୟରେ ଶ୍ରମିକ, କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ୨୦୨୧ ମସିହା ଠାରୁ ଟିପିଏନଓଡିଏଲ୍–ଟାଟା ପାୱାର୍ ହାତକୁ ଯିବାଠାରୁ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀ ଓ ଶ୍ରମିକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଟା ପାୱାର୍ କାର୍ଯ୍ୟଧାରାରେ ଏଜେନ୍ସି ମାନଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ଠିକା କର୍ମଚାରୀ ମାନେ ଦିନକୁ ୮ ଘଣ୍ଟା ପରିବର୍ତ୍ତେ ୧୨ ରୁ ୧୬ ଘଣ୍ଟା କାର୍ଯ୍ୟ କରିବା ସହିତ ସାପ୍ତାହିକ ଛୁଟି ମଧ ପାଇବାରେ ସକ୍ଷମ ହେଉ ନାହାଁନ୍ତି। ଶ୍ରମିକ କର୍ମଚାରୀ ମାନଙ୍କୁ ଏଜେନ୍ସି ମାଧମରେ ଛଟେଇ କରିବାର ଧମକ ଦିଆଯାଉଥିବା ବେଳେ ମନଇଚ୍ଛା ବଦଳି କରାଯାଉଛି। ସଠିକ ସମୟରେ ଇପିଏଫ ଓ ଇଏସଆଇ ସଠିକ ଭାବରେ ପୈଠ କରାଯାଉ ନାହିଁ। ଦରମାର ଅସଂଗତି ବିଳମ୍ବରେ ଦରମା ଦିଆଯାଉଛି। ଯାହାଦ୍ୱାରା ଉପସ୍ଥିତ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ମାନଙ୍କ ମନରେ ଅଶାନ୍ତିର ବାତାବରଣ ସୃଷ୍ଟି ହେବା ସହିତ ଆଗତ ଭବିଷ୍ୟତରେ ତୃଣମୂଳ ସ୍ତରରେ ଏକ ବିରାଟକାୟ ଆନ୍ଦୋଳନର ରୂପରେଖ ନେଉଛି ବୋଲି ସଙ୍ଘର ସାଧାରଣ ସମ୍ପାଦକ ପ୍ରକାଶ କରିଛନ୍ତି। ତୁରନ୍ତ ବିଦ୍ୟୁତ୍ ଠିକା କର୍ମଚାରୀଙ୍କ ସର୍ବନିମ୍ନ ଦରମା ୧୮ହଜାର ଟଙ୍କା ଓ ସର୍ବନିମ୍ନ ମଜୁରୀକୁ ବୃଦ୍ଧି କରିବା ପାଇଁ ସଙ୍ଘ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି। ରାଇରଙ୍ଗପୁରର ସମସ୍ତ ବିଦ୍ୟୁତ୍ କର୍ମଚାରୀ ମାନଙ୍କୁ ନେଇ ନେସ୍କୋ ପାୱାର୍ ଏମ୍ପ୍ଲୋଇଜ୍ ୟୁନିୟନ ମଙ୍ଗ ଧରି ସଙ୍ଘକୁ ସୁଦୃଢ଼ କରିବା ସହିତ ଉତ୍ତରୋତ୍ତର ଉନ୍ନତି ପାଇଁ ସଭାପତି ବୈଠକରେ ଆହ୍ୱାନ କରିଛନ୍ତି। ଏହି ଅବସରରେ ସର୍ବସମ୍ମତି କ୍ରମେ ରାଇରଙ୍ଗପୁର ଡିଭିଜନର ସମ୍ପାଦକ ରୂପେ ଦୀପକ କୁମାର ମହାନ୍ତଙ୍କୁ ଚୟନ କରାଯିବା ସହିତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଛି। ଉକ୍ତ ସମାବେଶରେ ୫୦୦ରୁ ଉର୍ଦ୍ଧ କର୍ମଚାରୀଙ୍କ ସହିତ ଦିନେଶ କୁମାର ଗୁପ୍ତା, ଉଦୟଭାନୁ ବେହେରା, ଅମୀୟ କୁମାର ସ୍ୱାଇଁ, ଲମ୍ବୋଦର ମହାନ୍ତ, ଚନ୍ଦନ ରାଉତ୍, ବୀରସିଂ ମାରାଣ୍ଡି, ମହେନ୍ଦ୍ର ମହାନ୍ତ, ଗୋପିନାଥ ଗିରି, ଇନ୍ଦ୍ରଜିତ ସାହୁ, ଜୟ ନାରାୟଣ ପରିଡା, ରଞ୍ଜନ ସେଠୀ, ସରୋଜ ମହାନ୍ତ, ଶ୍ୟାମସୁନ୍ଦର ପାତ୍ର ଓ ଦିଗବିଜୟ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।




# ଭଗବାନ ପାଢ଼ୀଙ୍କ ସ୍ମୃତିଚାରଣ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ବାସୁଦେବପୁରର ଜଣାଶୁଣା ଶିକ୍ଷାବିତ ସ୍ୱର୍ଗତ ଭଗବାନ ଚନ୍ଦ୍ର ପାଢ଼ୀଙ୍କର ସ୍ମୃତି ଚାରଣ ସଭା ନିଜ ଗ୍ରାମ ମଖଲପୁରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୟାଧର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଏହି ସଭାକାର୍ଯ୍ୟରେ ବାସୁଦେବପୁ ନିର୍ବାଚନ ମଣ୍ଡଳୀର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗ ଦେଇଥିଲେ। ଉକ୍ତ ସଭାରେ ସମ୍ମାନୀତ ଅତିଥି ଭାବରେ ପୂର୍ବତନ ଶିକ୍ଷକ ମହେଶ୍ୱର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଇଞ୍ଜିନିୟର ଭାଗିରଥି ମହାପାତ୍ର, ନାବାର୍ଡ଼ର ପୂର୍ବତନ ମୁଖ୍ୟ ଜେନେରାଲ ମ୍ୟାନେଜର ଅକ୍ଷୟ କୁମାର ପାଢ଼ୀ,ଡାକ୍ତର ନରେନ୍ଦ୍ର ପ୍ରସାର ସାହୁ,ଶିକ୍ଷକ ରମାକାନ୍ତ ପଣ୍ଡା ଓ ମହେଶ୍ୱର ଦାସ ଯୋଗଦାନ କରିଥିଲେ। ପୁତ ଡ.ଶୈଳେନ୍ଦ୍ର ନାରାୟଣ ପାଢ଼ୀ ଅତିଥି ପରିଚୟ କରିଥିଲେ।

# ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ

ଫୁଲବାଣୀ, (ସବ୍ୟୁ) : ଜିଲ୍ଲା ତଥା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା, ଫୁଲବାଣୀର ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଚତୁର୍ଦ୍ଦଶ ପୁସ୍ତକମେଳା ଫୁଲବାଣୀ ମାଷ୍ଟରପଡା ସ୍ଥିତ ବି ଟିମ୍ ପଡିଆରେ ସୋମବାର ଉଦଘାଟିତ ହୋଇଯାଇଛି। ଉତ୍ସବରେ କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ ଯୋଗଦେଇ ଦୀର୍ଘ ୧୨ ଦିନ ଧରି ହେବାକୁ ଥିବା ଏହି ମେଳାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଫୁଲବାଣୀ କୋମଲ ଗାନ୍ଧାର ସଂଗୀତ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ସଭାରେ ଅଧକ୍ଷତା କରି ନିଜ ଅଭିଭାଷଣରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ଅନୁଷ୍ଠାନ ଦୀଘ ୧୩ ବର୍ଷ ଧରି ନାନା ବାଧାବିଘ୍ନ ସତ୍ତ୍ୱେ ଏହାର ସକ୍ରୀୟ କର୍ମକର୍ତ୍ତା ମାନଙ୍କ ସହଯୋଗରେ ଏହି ମେଳାର ଆୟୋଜନ କରି ଆସୁଛି। ସେହିଭଳି ଚଳିତ ବର୍ଷ ଚତର୍ଦ୍ଦଶ ପୁସ୍ତକ ମେଳାରେ ଜିଲ୍ଲାର ବିଶିଷ୍ଟ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ମାନଙ୍କୁ ସମାଜରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯିବ। ଆମ ଅନୁଷ୍ଠାନ, ଫୁଲବାଣୀ ତଥା ସମଗ୍ର କନ୍ଧମାଳ ଜିଲ୍ଲାର ସର୍ବାଧିକ ଥର ରକ୍ତଦାନ କରିଥିବା ରକ୍ତଦାତା ଏବଂ ଭିନ୍ନକ୍ଷମ ଓ ମହିଳା ରକ୍ତଦାତାମାନଙ୍କୁ ପ୍ରତି ବର୍ଷ ସମ୍ବର୍ଦ୍ଧିତ କରି ଆସୁଛି। ଏହା ଦ୍ୱାରା ଅନ୍ୟ ଯୁବକ ଯୁବତୀ ମାନେ ମଧ ରକ୍ତଦାନ କରିବାକୁ ଆଗ୍ରହୀ ହେବେ। ସେହିପରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ କୁନିକୁନି ଛାତ୍ରଛାତ୍ରୀ ମାନଙ୍କ ଠାରୁ କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧରେ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ବକ୍ତୃତା, କ୍ୱିଜ୍ ଏବଂ ଆଧୁନିକ ଗୀତ, ଭଜନ ଭଳି ବିଭିନ୍ନ ପ୍ରତିଯୋଗୀତା ମାନ କରାଯିବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ମଧ କରାଯାଉଛି। ଏହା ସମେତ ମେଳାରେ ୩୫ରୁ ଅଧିକ ପୁସ୍ତକ ପ୍ରକାଶନ ସଂସ୍ଥା ଓ ବିକ୍ରେତାଙ୍କ ଷ୍ଟଲ ଖୋଲାଯାଇଛି। ଏଥିରେ ପିଲାମାନଙ୍କ ପାଠ ପଢା ବହି ସମେତ ପ୍ରସାଶନିକ ସେବା, ଆଇନ ସମ୍ପର୍କିତ ବିଭିନ୍ନ ପ୍ରକାର ପୁସ୍ତକ ସମେତ ସମାଜରେ ସବୁ ବର୍ଗର ଲୋକଙ୍କ ପାଇଁ ଉପାଦେୟ ପୁସ୍ତକ ଉପଲବ୍ଧ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଫୁଲବାଣୀର ବରିଷ୍ଠ ସାମ୍ବାଦିକ ଡ଼ଃ ଅରୂପ କୁମାର ଜେନା ତାଙ୍କ ବକ୍ତବ୍ୟରେ ପୁସ୍ତକ ପଢିବା ଆବଶ୍ୟକ ଉପରେ ଯୁବ ପିଢି ଗୁରୁତ୍ୱ ଦେବା ଉଚିତ୍ ଏବଂ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଦୀର୍ଘବର୍ଷର ଏହି ନିରନ୍ତର ପ୍ରୟାସରେ ଫୁଲବାଣୀରେ ଏହିଭଳି ଗୋଟିଏ ଭବ୍ୟ ମେଳାର ଆୟୋଜନ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି କହିଥିଲେ । ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡ଼ଃ କାହ୍ନୁଚରଣ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ସ୍ମରଣୀକା ବନଜ୍ୟୋତ୍ସ୍ନା ପୁସ୍ତକ ମେଳା ସଂଖ୍ୟା ଓ କାହ୍ନୁଚରଣ ଶତପଥୀଙ୍କ ରଚିତ ପୁସ୍ତକ ନିଦ୍ରାହୀନ ରାତ୍ରି ଓ ତାରାବିହୀନ ଆକାଶ ଓ ବିପ୍ଲବର ମହାନାୟକ ନେତାଜୀ ସୁଭାଷ ଉନ୍ମୋଚନ ହୋଇଥିଲା। ପରେ ପରେ ଅତିଥି ମାନଙ୍କ ଦ୍ୱାରା ପୂର୍ବରୁ ଅୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସଦସ୍ୟା ରୁପମ୍ବିକା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ପରିଚୟ ସଦସ୍ୟା ପ୍ରଣତି ତ୍ରିପାଠୀ କରିବା ବେଳେ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଶରତଚନ୍ଦ୍ର ମହାନ୍ତି ଓ ସଦସ୍ୟା ବିରାଜିନୀ ମହାପାତ୍ର, ସୁଶ୍ରୀ ମୁସ୍କାନ ସୁଆର, ସରସ୍ୱତୀ ସାହୁ, ନିହାରିକା ମହାନ୍ତି, ଗୀତାଞ୍ଜଳୀ ପଟ୍ଟନାୟକ, ବୈଜୟନ୍ତୀମାଳା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।



# ବିଧାୟକ ପ୍ରକାଶ ସୋରେନ ଗୁରୁତର, ଏମ୍ସ ସ୍ଥାନାନ୍ତର

ବାରିପଦା, (ସବ୍ୟୁ): ବାରିପଦା ବିଜେପି ବିଧାୟକ ପ୍ରକାଶ ସୋରେନ ମଙ୍ଗଳବାର ସନ୍ଧ୍ୟାରେ ହଠାତ ଅସୁସ୍ଥ ହୋଇପଡିବା ସହ ଅଚେତ ହୋଇ ଯାଇଥିଲେ । ପରିବାର ଲୋକେ ସଙ୍ଗେ ସଙ୍ଗେ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଚିକିତ୍ସା ସମୟରେ ପ୍ରକାଶ ସୋରେନଙ୍କ ଛାତିରେ ପ୍ରବଳ ଯନ୍ତ୍ରଣାହେବାରୁ ତାଙ୍କର ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇଥିଲା । ଡାକ୍ତର ସଙ୍ଗେ ସଙ୍ଗେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତରିତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଡାକ୍ତରମାନେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆମ୍ବୁଲାନ୍ସରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି । ତାଙ୍କ ସଙ୍ଗେ ତାଙ୍କ ପରିବାର ସହ ବହୁ ବିଜେପି କାର୍ଯ୍ୟକର୍ତ୍ତାମାନେ ଭୁବନେଶ୍ୱର ଏମ୍ସ ଆସିଥିବା ଜଣାପଡିଛି ।



# କଣ୍ଟାପାଳ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ

ବାରିପଦା, (ସବ୍ୟୁ): ଶାମାଖୁଣ୍ଟା ବ୍ଲକ୍ ସ୍ତରୀୟ ବିଜ୍ଞାନ କଂଗ୍ରେସ ସରକାରୀ ଉଚ୍ଚବିଦ୍ୟାଳୟ, କଣ୍ଟାପାଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କାର୍ଯ୍ୟକ୍ରମର ସାଂଗଠନିକ ସଂପାଦକ ଅମିତାଭ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବିଜ୍ଞାନ କଂଗ୍ରେସର ଉଦଘାଟନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନଳୀନ ଚୌଧୁରୀ, ସମ୍ମାନିତ ଅତିଥିଭାବେ ଏବିଇଓ ସୁଭାଷ ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ବେଣୁଧର ଚାନ୍ଦ, ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ଦତ୍ତ ଓ ନୟନ କୁମାର ଗିରି ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଦିଗଦର୍ଶନରେ ଛାତ୍ରଛାତ୍ରୀମାନେ ପ୍ରକଳ୍ପ ଉପସ୍ଥାପନ କରିଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ଅତୋସୀ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୂରୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ, ପ୍ରତାପ ଚନ୍ଦ୍ର ଧଡ଼ା, ମହେଶ ସେଠୀ, ଶିକ୍ଷୟିତ୍ରୀ ଲକ୍ଷ୍ମୀ କୁମାରୀ, ନିବେଦିତା ନାଏକ, ଦେବସ୍ମିତା ମହାନ୍ତ, ଅନିଶା ବେହେରା, ସୁମିତ୍ରା ତରେଇ ଓ ମିଲି ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଅଧିକାରୀ ଡଃ ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟଅତିଥି ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ମୁଖ୍ୟବକ୍ତା ତଥା ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ରାଜେଶ କୁମାର ବେଜ୍, ହରିପଦ ବେହେରା ଓ ପୂର୍ଣ୍ଣେନ୍ଦୁ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



# ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ ସ୍ମୃତି ସମାରୋହ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକର ବି.କରଡ଼ାବାଡ଼ି ଗ୍ରାମସ୍ଥିତ ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ ପରିସରରେ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସ୍ମୃତି ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରାକ୍ତନ ଛାତ୍ର ତଥା ପିପୁଲ୍ସ କଲେଜ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ପ୍ରାକ୍ତନ ଶିକ୍ଷକ ବିଜୟ କୁମାର ସାହୁ, ଗୋପାଳ ଚନ୍ଦ୍ର ନାୟକ, ବଳରାମ ପଣ୍ଡା, ବଂଶୀଧର ନାୟକଙ୍କ ସମେତ ବିକ୍ରମାଦିତ୍ୟ ଆରୁଖ, ବିନାୟକ ପ୍ରଧାନ, କାର୍ଯ୍ୟରତ ପ୍ରଧାନ ଶିକ୍ଷକ ପ୍ରକାଶ ନାୟକ ଓ ପ୍ରାକ୍ତନ ଛାତ୍ର ବୃନ୍ଦାବନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ ୧୯୬୯ ମସିହାରେ ସ୍ଥାପିତ ଉକ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କାଳର ଅନେକ ସ୍ମୃତି ଓ ଅନୁଭୂତିକୁ ପ୍ରାକ୍ତନ ଛାତ୍ରଛାତ୍ରୀଗଣ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ନିରଞ୍ଜନ ପ୍ରଧାନ, ବଙ୍ଗାଳି ମୁଣ୍ଡା, ସମୀର ସାମନ୍ତରା ପ୍ରମୁଖ ସହଯୋଗ କରିଥିଲେ ।

# ଯୋଗେଶ୍ୱର ଶିବ ମୁନିଙ୍କ ସ୍ମୃତି ସ୍ମାରକୀ ଶ୍ରଦ୍ଧାଞ୍ଜଳି

ବାରିପଦା, (ସବ୍ୟୁ) : ଭଞ୍ଜପୁର ସ୍ଥିତ ଶିବମୁନି କେନ୍ଦ୍ର ଯୋଗାଶ୍ରମରେ ଯୋଗ ବିଜ୍ଞାନ ଜୀବନ୍ମୁକ୍ତି ମାର୍ଗର ପ୍ରଣେତା ସଦ୍‌ଗୁରୁ ଯୋଗେଶ୍ୱର ଶିବ ମୁନିଙ୍କ ୬୩ତମ ସ୍ମୃତିସ୍ମାରକୀ ଶ୍ରଦ୍ଧାଞ୍ଜଳୀ ଦିବସ ଓ ଅଖିଳ ଭୂ–ମଣ୍ଡଳୀୟ ସର୍ବ ଶିରୋମଣୀ ମୁନୀ କଲ୍ୟାଣ ପରିଷଦ ମୁନି ଋଷି ସମାଜର ୩୫ତମ ପ୍ରଚାର ଦିବସ ତଥା ଜନ ଚେତନା ଯୋଗୋ ଆତ୍ମଜ୍ଞାନ ଭି–ମୁଖୀ କରିବା ଦିବସ ପାଳିତ ହୋଇଅଛି । ଅଧକ୍ଷ ପରଂସ୍ୱରୂପ ଯୋଗାଚାର୍ଯ୍ୟ ସୁରେଶ ମୁନି ବ୍ରହ୍ମଦୀପ ଜ୍ୟୋତି ପ୍ରଜ୍ଜ୍ୱଳନ କରି କେନ୍ଦ୍ର ଯୋଗାଶ୍ରମର ପୁରାତନ ଧ୍ୱଜା ଅବତରଣ କରି ନୂତନ ଗୈରିକ ଧ୍ୱଜା ଉତ୍ତୋଳନ କରିଥିଲେ । ଶିବ ମୁନିଙ୍କ ଜୟ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଥିଲା । ଏହା ପରେ ସମବେତ ମୁନି, ମୁନିମତୀ, ଯୋଗୀ, ଯୋଗାଚାର୍ଯ୍ୟ ମହାକାବ୍ୟ ବେଦ ମନ୍ତ୍ର ଶୁଭଭାବନା ପାଠ ପରେ ସତ୍ୟଧ୍ୱଜା ତଳେ ପ୍ରଣତି ଜଣାଇଥିଲେ । ଏତଦ୍ ବ୍ୟତିତ ସମବେତ ମୁନି, ମୁନିମତୀ, ଯୋଗୀ, ଯୋଗାଚାର୍ଯ୍ୟ, ଅତିଥିଗଣ ଦୁଇମିନିଟ ନିରବତା ଆତ୍ମସ୍ଥ ପୂର୍ବକ ସଦ୍‌ଗୁରୁ ଯୋଗେଶ୍ୱର ଶିବମୁନିଙ୍କୁ ଗଭୀର ସ୍ମରଣ କରି ପରମ ଶାନ୍ତି ଜୀବନର ଉନ୍ନତି କାମନା କରିଥିଲେ । ଶ୍ରଦ୍ଧାଞ୍ଜଳୀ ଜ୍ଞାନ ଯଜ୍ଞ ସତସଙ୍ଗ ପ୍ରଜ୍ଞା ସମାରୋହ ଅଧକ୍ଷ ଯୋଗାଚାର୍ଯ୍ୟ ସୁରେଶ ମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଜ୍ଞାନ ଯଜ୍ଞ ସତସଙ୍ଗ ସମାରୋହକୁ ମହା ସଚିବ ଯୋଗାଚାର୍ଯ୍ୟ ଅଜୟ ମୁନି ପରିଚାଳନା କରିଥିଲେ । ସଚିବ ଯୋଗୀ ଗଙ୍ଗାଧ ମୁନି, କୋଷାଧକ୍ଷ ଯୋଗୀ ପରମାନନ୍ଦ ମୁନି, ସଚିବ ଯୋଗୀ ରମାକାନ୍ତ ମୁନି, ଯୋଗୀ କେଶବ ମୁନି, ଯୋଗୀ ରତ୍ନ ସପନ ମୁନି ମଞ୍ଚାସୀନରେ ଯୋଗୀ ରାଧେଶ୍ୟାମ ମୁନି ଉପାଧକ୍ଷଙ୍କ ବୟସ ଏକଶହ ବର୍ଷ ହୋଇଥିବା ହେତୁ ସର୍ବ ବୟସ୍କର ସମ୍ମାନୀତ କରିବା ସହିତ ଯୋଗାଚାର୍ଯ୍ୟ ଉପାଧି ସଂସ୍ଥା ତଥା କମିଟି ପ୍ରଦାନ କରିଥିଲେ । ଅଧକ୍ଷ ପରଂସ୍ୱରୂପ ଯୋଗାଚାର୍ଯ୍ୟ ସୁରେଶ ମୁନି, ଯୋଗାଚାର୍ଯ୍ୟ ରାଧେଶ୍ୟାମ ମୁନିଙ୍କୁ ଶପଥ ପାଠ କରାଇଥିଲେ । ଯୋଗାଚାର୍ଯ୍ୟ ରାଧେଶ୍ୟାମ ମୁନି ଜ୍ଞାନ ଯଜ୍ଞରେ ଶପତ ପାଠ କରିବା ପରେ ପ୍ରବଚନ ପ୍ରଦାନ କରିଥିଲେ । ଏହା ପରେ ଯୋଗାଚାର୍ଯ୍ୟ ସୁରେଶ ମକୁନିଙ୍କ ସ୍ୱଅନୁଭୂତି ପୁସ୍ତକ ମୃତ୍ୟୁକୁ ଦୂର କରିବାର ଉପାୟ ଉନ୍ମୋଚନ କରିବା ସହିତ ଆତ୍ମ ଉନ୍ନତିର ମାର୍ଗ ଦ୍ୱିତୀୟ ସଂସ୍କରଣ ପୁସ୍ତକ ମଧ୍ୟ ଉନ୍ମୋଚନ କରିଥିଲେ । ଏହାପରେ ଜ୍ଞାନ ଯଜ୍ଞରେ ମୁନି ମତି ଦମୟନ୍ତିଙ୍କୁ ଯୋଗ ଶିକ୍ଷୟିତ୍ରୀ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଯୋଗ ଶିକ୍ଷୟିତ୍ରୀ ଥତା ଯୋଗୀ ମତୀ ଦମୟନ୍ତୀଙ୍କୁ ଅଧକ୍ଷ ଶପତ ପାଠ କରାଇଥିଲେ । ଯୋଗୀ ମତୀ ଦମୟନ୍ତୀ ଏହା ପରେ ପ୍ରବଚନ ପ୍ରଦାନ କରି ଯୋଗ ଆତ୍ମଜ୍ଞାନ ସମାଜ ସେବା, ସମାଜ ସଂସ୍କାର ଉପରେ ଗଭିର ତତ୍ତ୍ୱଜ୍ଞାନ ପ୍ରବଚନ ପ୍ରଦାନ କରିଥିଲେ । ଏହିଥିରେ ସଚୀବ ଗଙ୍ଗାଧର ମୁନୀ, ସଚୀବ ଯୋଗୀ ରାମକାନ୍ତ ମୁନି, ଯୋଗୀ କେଶବ ମୁନି, ଯୋଗୀ ରତ୍ନ ସପନ ମୁନି, ମୁନିବର ଟୁଡୁ ମୁନି, ପୂର୍ଣ୍ଣ ମୁନି, ମୁନି ମତୀ ବାସନ୍ତି ଦେବୀ, ମୁନିକୁମାର ଚିନ୍ମୟ, ମୁନି କୁମାର ସଂଜୀବ ମୁନି, ମୁନି କୁମାର ରତ୍ନାକର ମୁନି ଏତଦ୍ ବ୍ୟତୀତ ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ପେନସନାର ସଂଘର କାର୍ଯ୍ୟକାରୀ ସଭାପତି ନୀଳରତ୍ନ ମୁନି, ସଂଗଠନ ସଚୀବ ପ୍ରତାପଦ ଚନ୍ଦ୍ର ମହାପାତ୍ର ଏବଂ ସଭ୍ୟ ସୁଶୀଲ କୁମାର ଜେନା ଯୋଗଦାନ କରି ଜ୍ଞାନ ଯଜ୍ଞର ଶୋଭ ବର୍ଦ୍ଧନ କରିଥିଲେ । ସର୍ବ ଶେଷରେ ଶାନ୍ତି ପାଠ କରାଯାଇ ବିଶ୍ୱର ଶାନ୍ତି ତଥା ମାନବ ସମାଜର ଶାନ୍ତି କାମନା କରିଥିଲେ । ଏହି ଜ୍ଞାନ ଯଜ୍ଞରେ ଶତାଧିକ ସର୍ବ ସାଧାରଣ ଯୋଗଦାନ କରି ଅନ୍ନପ୍ରସାଦ ଗ୍ରହଣ କରିଥିଲେ ।



## ଫେବୃଆରୀ ୧୬ରୁ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା

# ଦକ୍ଷିଣାଞ୍ଚଳର ଆଠଟି ଜିଲ୍ଲାର ୨୦୫ କେନ୍ଦ୍ରରେ ୭୯, ୫୫୮ ଜଣ ପରୀକ୍ଷାର୍ଥୀ

ବ୍ରହ୍ମପୁର, (ସବ୍ୟୁ): ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବହୁ ପ୍ରତୀକ୍ଷିତ ୨୦୨୪ ବର୍ଷର ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆଗାମୀ ଫେବୃଆରୀ ୧୬ ତାରିଖରୁ ଆରମ୍ଭ ହେଉଅଛି । ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ । ଉଚ୍ଚ ମାଧମିକ ଶିକ୍ଷା ପରିଷଦର ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ଅଧୀନସ୍ଥ ଆଠଟି ଜିଲ୍ଲାରେ ୨୦୫ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ଚଳିତ ବର୍ଷ ୨୦୫ଟି କେନ୍ଦ୍ରରେ ସର୍ବମୋଟ ୭୯ ହଜାର ୫୫୮ ଜଣ ପରୀକ୍ଷାର୍ଥୀ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ସ୍ରୋତରେ ପରୀକ୍ଷା ଦେବା ନିମନ୍ତେ ଫର୍ମ ପୂରଣ କରିଛନ୍ତି । ଫେବୃଆରୀ ଦଶରୁ ତେର ତାରିଖ ମଧରେ ଆଠଟି ଜିଲ୍ଲାର ମୋଟ ୪୫ଟି ପରୀକ୍ଷା ପରିଚାଳନା ହବ୍‌ରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବ୍ୟବସ୍ଥା ମଧରେ ପହଞ୍ଚାଇ ଦିଆଯାଇଅଛି । ହବ୍ ମାନଙ୍କରେ ଚବିଶ ଘଣ୍ଟା ସିସି କ୍ୟାମେରାର ବ୍ୟବସ୍ଥା କରାଯିବା ସହ ସଶସ୍ତ୍ର ପୋଲିସ୍ ବାହିନୀ ମୁତୟନ କରାଯାଇଛି । ପରୀକ୍ଷାକୁ ସଂପୂର୍ଣ୍ଣ ଶୃଙ୍ଖଳିତ, ସ୍ୱଚ୍ଛ ଓ କପିମୁକ୍ତ କରିବା ପାଇଁ ଉଚ୍ଚ ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଭିନ୍ନ ପରୀକ୍ଷା ପରିଚାଳନା ହବ୍ ପକ୍ଷରୁ ପ୍ରେରିତ ପର୍ଯ୍ୟବେକ୍ଷକଙ୍କୁ ନେଇ ପର୍ଯ୍ୟବେକ୍ଷକ ସ୍ତରୀୟ ସ୍କ୍ୱାଡ୍, ବ୍ରହ୍ମପୁର ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଜୋନାଲ୍ ସ୍ତରୀୟ ସ୍କ୍ୱାଡ୍ ଓ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ କେନ୍ଦ୍ରୀୟ ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯିବା ସଂଗେ ସଂଗେ ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ ମଧ ପ୍ରଶ୍ନପତ୍ର ଖୋଲାଯିବା ଓ ଉତ୍ତରପତ୍ର ପ୍ୟାକେଟ୍ ସିଲ୍ ହେବା ସମୟରେ ଉପସ୍ଥିତ ରହି ସ୍ୱଚ୍ଛ, ଶୃଙ୍ଖଳିତ ଓ କପିମୁକ୍ତ ପରୀକ୍ଷା ସୁନିଶ୍ଚିତ କରିବା ସହ ସଂପୂର୍ଣ୍ଣ ପରୀକ୍ଷା ବ୍ୟବସ୍ଥାର ତଦାରଖ କରିବେ ବୋଲି ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଉପସଚିବ ଡକ୍ଟର୍ କୁଳମଣି ଓଝା ସୂଚନା ଦେଇଛନ୍ତି । ଚଳିତ ବର୍ଷ ଗଞ୍ଜାମ ଜିଲ୍ଲାର ୭୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩୩ ହଜାର ୪୧୬ ଜଣ ଛାତ୍ରଛାତ୍ରୀ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ସ୍ରୋତରେ ପରୀକ୍ଷା ଦେବେ । କଳା ସ୍ରୋତରେ ୧୯ ହଜାର ୧୯୧ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୧୭ ହଜାର ୫୩୧ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି । ଏହା ସହ ଏକ୍ସ–ରେଗୁଲାର୍ ପରୀକ୍ଷା ଦେବା ପାଇଁ କଳା ସ୍ରୋତରେ ୮୨୬ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। ବିଜ୍ଞାନ ସ୍ରୋତରେ ୧୧ ହଜାର ୬୪୭ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୧୧ ହଜାର ୩୭୮ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି। ଏକ୍ସ–ରେଗୁଲାର୍ ପରୀକ୍ଷା ଦେବା ପାଇଁ ମୋଟ ୧୦୩୬ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ବାଣିଜ୍ୟ ସ୍ରୋତରେ ୨ ହଜାର ୩୧୬ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୨ ହଜାର ୧୨୬ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି । ବାଣିଜ୍ୟରେ ଏକ୍ସ–ରେଗୁଲାର୍ ପରୀକ୍ଷା ଦେବା ପାଇଁ ୧୩୭ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। ଧନ୍ଦାମୂଳକ ଶିକ୍ଷା ସ୍ରୋତରେ ୩୨୨ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୨୫୯ ଜଣ ବିଦ୍ୟାର୍ଥୀ ଫର୍ମ ପୂରଣ କରିଛନ୍ତି । ଏକ୍ସ–ରେଗୁଲାର୍ ପରୀକ୍ଷା ଦେବା ପାଇଁ ୩୨ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ଗଞ୍ଜାମ ଜିଲ୍ଲାରେ ୭୩ଟି ପରୀକ୍ଷା କେନ୍ଦ୍ର ଓ ୧୬ଟି ପରୀକ୍ଷା ପରିଚାଳନା ହବ୍ କରା ଯାଉଥିବା ଡ. ଓଝାଙ୍କ ସୂତ୍ରରୁ ଜଣାପଡ଼ିଛି । ଗଜପତି ଜିଲ୍ଲାରେ ୪ଟି ପରୀକ୍ଷା ପରିଚାଳନା ହବ୍ ସ୍ଥାପିତ ହୋଇଥିବା ବେଳେ ୧୬ଟି ପରୀକ୍ଷା କେନ୍ଦ୍ରରେ ମୋଟ ୫ ହଜାର ୬୧ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ଆଦି ସ୍ରୋତରେ ପରୀକ୍ଷା ଦେବେ ଝ ୨ କଳା ସ୍ରୋତରେ ୩ ହଜାର ୫୧୮ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୩ ହଜାର ୧୨୪ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି । ଏକ୍ସ–ରେଗୁଲାର୍ ପରୀକ୍ଷାର୍ଥୀ ରୂପେ ୨୮୭ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ବିଜ୍ଞାନ ସ୍ରୋତରେ ୧୩୦୨ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୧୧୯୬ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି ଏବଂ ଏକ୍ସ–ରେଗୁଲାର୍ ପରୀକ୍ଷାର୍ଥୀ ରୂପେ ୨୩୩ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି । ବାଣିଜ୍ୟ ସ୍ରୋତରେ ୯୬ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରଣ କରିଥିବା ବେଳେ ତନ୍ମଧ୍ୟରୁ ୮୩ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବେ ଏବଂ ଏକ୍ସ–ରେଗୁଲାର୍ ପରୀକ୍ଷାର୍ଥୀ ରୂପେ ମାତ୍ର ୨ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। ଧନ୍ଦାମୂଳକ ଶିକ୍ଷା ସ୍ରୋତରେ ୧୦୪ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ତନ୍ମଧ୍ୟରୁ ୯୨ ଜଣ ବିଦ୍ୟାର୍ଥୀ ଫର୍ମ ପୂରଣ କରିଛନ୍ତି ଏବଂ ଏକ୍ସ–ରେଗୁଲାର୍ ପରୀକ୍ଷାର୍ଥୀ ରୂପେ ୪୩ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ପ୍ରାପ୍ତ ସୂଚନାରୁ ପ୍ରକାଶ ।

# ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଆସିକା, (ସବ୍ୟୁ): ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ମହାବିଦ୍ୟାଳୟର ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ପରିଚାଳନା ତଥା ନୂଆ–ଓ ର ନୋଡାଲ ଅଫିସର ଡ. ବସନ୍ତ କୁମାର ଆଚାରୀଙ୍କ ସଂଯୋଜନାରେ ଏକ ରକ୍ତଦାନ ଶିବିର ଅନଷ୍ଠିତ ହୋଇଛି। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅବସର ପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ରକ୍ତଦାନ ଦ୍ୱାରା ଅନ୍ୟର ଜୀବନ ଦାନ ମହତ ସନ୍ଦେଶକୁ ଯୁବପିଢ଼ିଙ୍କୁ ଆହ୍ୱାନ କରିଥିଲେ। ସମୁଦାୟ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉପଖଣ୍ଡ ରକ୍ତ ଭଣ୍ଡାର, ଭଂଜନଗର ଡାକ୍ଟର ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସମନ୍ୱୟକାରୀ ବିପିନ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧାପକ, ଅଧାପିକା କର୍ମଚାରୀ ରକ୍ତଦାନ କରିଥିଲେ। ମହାବିଦ୍ୟାଳୟର ରେଡ ରିବନ୍ କ୍ଲବ ତରଫରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଏଡସ୍ ସଚେତନତାର ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଓଡ଼ିଶା ସରକାର ୫ଟି ଯୋଜନା ରୂପାୟନ କ୍ରମେ ଯୁବ ରେଡକ୍ରସ ଉପଦେଷ୍ଟା ରାଜେଶ୍ କୁମାର ସାହୁ ଓ ଡ. ଅଜିତ୍ କୁମାର ମୁନୀ, ଅଧାପକ ସରୋଜ କୁମାର ପଣ୍ଡାଙ୍କ ସଂଯୋଜନାରେ ଏହି ଶିବିର ସଂପାଦିତ ହୋଇଥିଲା ।

# କେନ୍ଦ୍ରୀୟ ମତ୍ସ୍ୟ ଅଧିକାରୀଙ୍କ ସଚେତନତା ସଭା

ରମ୍ଭା, (ସବ୍ୟୁ): କେନ୍ଦ୍ରୀୟ ମତ୍ସ୍ୟଜୀବି ଉନ୍ନୟନ ଯୋଜନାର ସଚେତନତା ସଭା ମତ୍ସ୍ୟଜୀବି ସଂଘ ଆନୁକୁଲ୍ୟରେ ବାଳମୁକୁନ୍ଦ ମନ୍ଦିର ଚନ୍ଦ୍ରପୁଚ୍ଛ ଠାରେ ଅନୁଷ୍ଠିତ ହୋଇଥିଲା। ଏନଏଫ୍ ଡି ବି, ଇରୋ ଓ ନିହିଡ଼ା ଅଫିସର ସ୍ମୃତି ରେଖା ପତି, ଭକ୍ତ ବିହାରୀ ମିଶ୍ର, ରାଜ୍ୟ ମତ୍ସ୍ୟଜୀବି ନେତା ଭୀମସେନ ବେହେରା, ସଂଘ ସଭପତି ଭଞ୍ଜ କିଶୋର ବେହେରା, ଗ୍ରାମ୍ୟ ସଭାପତି ଗୋବିନ୍ଦ ଜାଲି ଓ ଉପଦେଷ୍ଟା ସେନାପତି ବେହେରା ମଞ୍ଚାସିନ ଥିଲେ। ଶତାଧିକ ପୁରୁଷ ଓ ମହିଳାଙ୍କୁ ଅଫିସର ମାନେ ଯୋଜନା ଗୁଡିକ ବିଷୟରେ ସୁଫଳ ରୂପାୟନ ସଂପର୍କରେ ଆଲୋଚନା କରିଥିଲେ। ଜଣେ ମତ୍ସ୍ୟଜୀବିଙ୍କ ୪୫ ଲକ୍ଷ ଟଙ୍କା ପ୍ରଦାନ ପାଇବାର ସହାୟତା ରାଶି ଅନୁପ୍ରାଣିତ ହୋଇ ରହିଛି, ସ୍ୱାସ୍ଥ୍ୟ ଯୋଜନାରେ ଜଣେ ମତ୍ସ୍ୟଜୀବି ୩୬୧ଟଙ୍କା ବର୍ଷକୁ ଖର୍ଚ୍ଚ କଲେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ, ଉଦ୍ୟମି ମିତ୍ର, ବି.ଆରଏସ, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ଜନ ଧନ, ଆବାସ, କୃଷି, ଜୀବନ ଜ୍ୟୋତି, ଖଣିଜ କ୍ଷେତ୍ର ଏଭଳି ଅନେକ ଯୋଜନା ମିଳିବାର ବ୍ୟବସ୍ଥା ଅଛି।

# ରୋଡସିଂହା ଗ୍ରାମର ପରିବାରକୁ ବାସନ୍ଦ



ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲାର ପୁରୁଣାକୋର୍ଟ ଥାନା ଅନ୍ତର୍ଗତ ରୋଡସିଂହା ଗ୍ରାମର କୃତାର୍ଥ ପ୍ରଧାନଙ୍କ ପରିବାରକୁ ସେହି ଗ୍ରାମର ସଭାପତି ଏବଂ ତାଙ୍କର ସହକର୍ମୀ ମାନେ ବାସନ୍ଦ କରିବା ସହିତ ଗ୍ରାମରୁ ତଡି ଦେଇଛନ୍ତି । ପ୍ରକାଶ ଯୋଗ୍ୟ ଯେ ରୋଡସିଂହା ଗ୍ରାମରେ କୃତାର୍ଥ ପ୍ରଧାନଙ୍କ ୧୭ ଡେସିମିଲ ଗୃହ ଉପଯୋଗୀ ଜମି ଅଛି । ସେହି ଜମିକୁ ଗ୍ରାମର ସଭାପତି ଓ ତାଙ୍କର କିଛି ସହକର୍ମୀ ମାନେ ନୂତନ କାଳି ମନ୍ଦିର ନିର୍ମାଣ ନିମନ୍ତେ ବଳପୂର୍ବକ ଭାବେ ଅକ୍ତିଆର କରିନେଲେ । କୃତାର୍ଥ ଏବଂ ତାଙ୍କ ପରିବାର ଏହାର ଦୃଢ଼ ପ୍ରତିବାଦ କରିବା ସହିତ ଏହା ବିରୁଦ୍ଧରେ କୋର୍ଟରେ ଆଶ୍ରୟ ନେଲେ । କୋର୍ଟର ନୋଟିସ ପାଇଲା ପରେ ଗ୍ରାମର ସଭାପତି ଓ ତାଙ୍କର ସହକର୍ମୀ ମାନେ ଅନ୍ୟାୟ ଭାବେ କୃତାର୍ଥ ପ୍ରଧାନଙ୍କ ପରିବାରକୁ ବାସନ୍ଦ କରିବା ସହିତ ସେମାନଙ୍କ ଘରୁ ତଡି ଦେଇଥିଲେ । ଏପରିକି ସେମାନଙ୍କୁ ଗ୍ରାମର କୌଣସି ଲୋକ ସାହାଯ୍ୟ ଓ ସହଯୋଗ ନକରିବା ପାଇଁ ଧମକ ଦେଇଥିଲେ ଓ ଶପଥ ମଧ ନେଇଥିଲେ । ଏହି ସମ୍ପର୍କରେ କୃତାର୍ଥ ପ୍ରଧାନ ଓ ତାଙ୍କର ସମସ୍ତ ପରିବାର ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତରଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ତୁରନ୍ତ ବାସନ୍ଦରୁ ମୁକ୍ତି ଦେବା ସହିତ ଅଭିଯୁକ୍ତ ମାନଙ୍କୁ ଦଣ୍ଡ ଦିଆଯାଉ ବୋଲି ନିବେଦନ କରିଛନ୍ତି ।

## ବେଆଇନ ବାଲି ଗଚ୍ଛିତ କରି ବେଧଡ଼କ ଚାଲିଛି ଚୋରା ଚାଲାଣ

ବନ୍ତଳା, (ସବ୍ୟୁ): ଅନୁଗୋଳ ତହସିଲ ଅନ୍ତର୍ଗତ କୁମୁରିସିଂହା ରାଜସ୍ୱ ନିରକ୍ଷକ ଅଧୀନରେ ସାରଙ୍ଗପୁର ଗ୍ରାମର ଜନୈକା ସିମେଣ୍ଟ ବ୍ୟବସାୟୀ ବେଆଇନ ଭାବରେ ନିଜ ଜାଗାରେ ଟ୍ରିପ ଟ୍ରିପ ବାଲି ଗଛିତ କରି ସକାଳ ଓ ସନ୍ଧ୍ୟା ସମୟରେ ନିଜ ଗାଡି ଦ୍ୱାରା ବାଲି ଚୋରା ଚାଲାଣ ପାଇଁ ଉଦିଷ୍ଟ ସମୟ ମନେ କରି ବାଲି ଚୋରା ଚାଲାଣରେ ବ୍ୟବସାୟୀ ଚଳାଇଥିବା ଅଭିଯୋଗ ହେଉଛି । ସେ ଅଞ୍ଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ବେଧଡ଼କରେ ବାଲି ଚୋରା ଚାଲାଣ କରି ଖୁବ ଦୁଇ ପଇସା ରୋଜଗାର କରି ଅନ୍ୟ ବ୍ୟବସାୟରେ ଲଗାଉଛନ୍ତି । କିପରି ଓ କେମିତ ବିନା ବିଲରେ ବାଲି ଚୋରା ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କାର ବାଲି ଲୁଟ ହେଉଛି ଯଦ୍ୱାରା ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଫାଙ୍କି ବ୍ୟବସାୟ କରୁଛନ୍ତି , ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟ ପରିବର୍ତ୍ତେ କ୍ଷତି ହେଉଛି ବୋଲି ଅଭିଯୋଗ ହେଉଛି । ରାଜସ୍ୱ ବିଭାଗ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ଅଛି ବୋଲି ଅନେକ ଅଭିଯାଗ କରୁଛନ୍ତି ।

## ଜୟନ୍ତ ସାହୁ ଟୋଲପ୍ଲାଜା କର୍ମଚାରୀ ସଂଘ ସଭାପତି ନିର୍ବାଚିତ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଭାଗଡା ନାରାୟଣପୁର ଟୋଲପ୍ଲାଜା କର୍ମଚାରୀ ସଂଘ ସଭାପତି ଭାବେ ଜୟନ୍ତ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। କର୍ମଚାରୀ ଭବାନି ଶଙ୍କର ନାୟକ, ପ୍ରଭାକର ସେନାପତି, ପ୍ରବୀର ରାଉତ, କମଳାକାନ୍ତ ପରିଡା, ଅଭିସାର ସୁନ୍ଦର ସାହୁ, ଦୁର୍ଯ୍ୟୋଧନ ଯେନା ପ୍ରମୁଖ ନୂତନ ସଭାପତିଙ୍କୁ ସ୍ୱାଗତ କରିଥିଲେ।

# ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ଅନ୍ତର୍ଗତ ଧରମପୁର ଗ୍ରାମର ମଝାମଝି ବିଦ୍ୟୁତ ବିଭାଗ ପକ୍ଷରୁ ଏକ ଟ୍ରାନ୍ସଫର୍ମର ଲଗାଯାଇ ତାର ଚାରିପାଖରେ ୫ରୁ ୬ଫୁଟ୍ ଉଚ୍ଚତାରେ ପାଚେରୀ ଦିଆଯାଇଥିଲା । କିନ୍ତୁ ଏବେ ତାର ସମ୍ମୁଖ ପଟର କାନ୍ଥ ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଛି । ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ ବିଭାଗକୁ ଜଣାଇଥିଲେ ମଧ ପାଚେରୀ କାର୍ଯ୍ୟ ମରାମତି କରାଯାଇ ନାହିଁ । ଫଳରେ ଟ୍ରାନ୍ସଫର୍ମରଟି ଏବେ ମୁକୁଳା ଅବସ୍ଥାରେ ପଡ଼ି ରହିଛି ବୋଲି ଗ୍ରାମବାସୀମେନେ ଅଭିଯୋଗ କରଛନ୍ତି । ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ ଟ୍ରାନ୍ସଫର୍ମର ଗୁଡ଼ିକର ଯତ୍ନ ନିଆଯାଉ ନଥିବାରୁ ପ୍ରାୟ ସମୟରେ ଟ୍ରାନ୍ସଫୋର୍ମର ଗୁଡ଼ିକ ଏପରି ମୁକୁଳା ଅବସ୍ଥା ରହୁଥିବାରୁ ଗାଈଗୋରୁ, ଛୋଟପିଲା କେତେବେଳେ ତାର ସଂସ୍ପର୍ଶରେ ଆସି ଜୀବନ ହରାଇବେ ସେଥିନେଇ ଦାୟୀ ହେବ କିଏ? ତେବେ ବିଶେଷ କଥା ହେଉଛି, ଏହି ଟ୍ରାନ୍ସଫର୍ମରଟି ଗ୍ରାମ ମଝିର ଜନଗହଳିପୂର୍ଣ୍ଣ ଅଂଚଳରେ ରହିଥିବାରୁ ଗ୍ରାମବାସୀଙ୍କ ପାଇଁ କେତେ ବେଳେ ଘାତକ ସାଜିପାରେ । ସକାଳ ପାହିଲେ ଗ୍ରାମବାସୀ ନିଜର କର୍ମକ୍ଷେତ୍ର ଓ ଛୋଟଛୋଟ ପିଲାମାନେ ସ୍କୁଲ, କଲେଜ, ଟ୍ୟୁସନ, ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଗ୍ରାମର ପଶୁପାଳକମାନେ ଯାତାୟତ କରିଥାନ୍ତି । ଏହି ରାସ୍ତାଟି ତାଳଚେର ସହର, ଗୋଡ଼ିବନ୍ଧ ଓ ବିଭିନ୍ନ ସ୍ଥାନକୁ ସଂଯୋଗ କରଛି । ଗ୍ରାମର ମଝି ମୁଖ୍ୟରାସ୍ତାରେ ଏହି ଟ୍ରାନ୍ସଫର୍ମର ଖୋଲା ଓ ମୁକୁଳା ଅବସ୍ଥାରେ ପଡ଼ିରହିଥିବାରୁ ଏକ ଭୟାବହ ପରିସ୍ଥିତି ଉପୁଜୁଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରୁଛନ୍ତି । ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ତୁରନ୍ତ ମରାମତି କାର୍ଯ୍ୟ କରାଯିବାକୁ ଗ୍ରାମବାସୀ ପ୍ରକାଶ କରିଛନ୍ତି

## ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ

ପାଇକସାହି /ଠାକୁରଗଡ଼,(ସବ୍ୟୁ): ଆଠମଲ୍ଲିକ ବ୍ଲକ ପାଇକସାହି କାଶୀବିଶ୍ୱନାଥ ଉଚ ମାଧ୍ୟମିକ ବିଦ୍ୟାଳୟ ରେ ଚାଲିଥିବା ଛାତ୍ରୀ ଆତ୍ମ ରକ୍ଷା କୌଶଳ ଶିବିର ସୋମବାର ଦିନ ଉଦଯାପିତ ହୋଇଯାଇଛି । ବିଦ୍ୟାଳୟ ର ଅଧକ୍ଷ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଶିବିରରେ ଅତିଥି ଭାବରେ ଅଧ୍ୟାପକ ମୁକୁନ୍ଦ ଚନ୍ଦ୍ର ଗଡତିଆ, ପ୍ରଦୀପ କୁମାର ସାହୁ, ଅଧ୍ୟାପିକା ତୃପ୍ତିମୟୀ ପାତ୍ର, ଚିତ୍ର ସେନ ପ୍ରଧାନ, ସରିତା ମଞ୍ଜରି ପୃଷ୍ଟି, ଶ୍ରୀକାନ୍ତ ରାଉତ, ଅବନୀ କାନ୍ତ ପ୍ରଧାନ, ସୁଜିତ କୁମାର ସାହୁ, ଧୀରେନ କୁଦେଇ, ନବୀନ ଚନ୍ଦ୍ର ପ୍ରଧାନ, ଶୁକଦେବ ସାହୁ , ଯୋଗ ଦେଇଥିଲେ । ସସ୍ମିତା ସାହୁ ପ୍ରଶିକ୍ଷକ ଭାବରେ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ । ଏଥିରେ ମହାବିଦ୍ୟାଳୟର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ।

## ଯାଦବ ମହାସଂଘ ପ୍ରସ୍ତୁତି ବୈଠକ

ତାଳଚେର, (ସବ୍ୟୁ): ତାଳଚେର ରେ ବସବାସ କରୁଥିବା ଯାଦବ ମାନଙ୍କୁ ନେଇ ତାଳଚେର ସ୍ଥିତ ପଶ୍ଚମେଶ୍ୱର ମନ୍ଦିର ପ୍ରାଗଣ ରେ ଯାଦବ ମହାସଂଘର ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଭାପତି ଗିରିଶ ଭୂତିଆ ସଭାପତିତ୍ୱ କରିଥିଲେ । ଯାଦବମାନଙ୍କର ବର୍ତ୍ତମାନ ଦେଖା । ଦେଇଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଆଗାମୀ ଦିନରେ କିପରି ଏହାର ସମାଧାନ ହୋଇପାରିବ ସେ ସମ୍ପର୍କରେ ଉପସ୍ଥିତ ଯାଦବ ସଦସ୍ୟ ମାନେ ମତବ୍ୟକ୍ତ କରିଥିଲେ । ରାଜ୍ୟ ସରକାର ତରଫରୁ ଯାଦବ ଭବନ ନିର୍ମାଣ ପାଇଁ ନିଆଯାଇଥିବା ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିବା ସହିତ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ଏବଂ ରାଜ୍ୟ ସରକାର ଯାଦବ ଭବନ ନିମନ୍ତେ ଅର୍ଥ ମଞ୍ଜୁର କରିଥିବାରୁ ନଗରପାଳ, ବିଧାୟକ, ସାଂସଦ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ବୈଠକରେ ବାନାମ୍ବର ଭୂତିଆ, ରାମ ଚନ୍ଦ୍ର ଭୂତିଆ, ଉଗ୍ରସେନ ବେହେରା ପ୍ରମୁଖ ଆଲୋଚନା ରେ ଭାଗ ନେଇଥିଲେ । ଆଗାମୀ ଦିନରେ ତାଳଚେର ଉପଖଣ୍ଡର ସମସ୍ତ ଯାଦବ ଭାଇ ମାନଙ୍କୁ ନେଇ ପୂର୍ଣ୍ଣାଙ୍ଗବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

## ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର

ବାସୁଦେବପୁର,(ସବ୍ୟୁ):ରାଜ୍ୟ ସରକାର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରୁଛନ୍ତି। ଏହି ଜନକଲ୍ୟାଣ ମୂଳକ ଯୋଜନା ଗ୍ରାମାଂଚଳରେ ଥିବା ସାଧାରଣ ଲୋକମାନଙ୍କ ପାଖରେ ପହଂଚିବା ଆବଶ୍ୟକ। ସାଧାରଣ ଲୋକ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଜାଣିଲେ ସୁଫଳ ନିଶ୍ଚିତ ପହଂଚିବ ବୋଲି ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଆମ ଓଡିଶା ନବୀନ ଓଡିଶା ପକ୍ଷରୁ ବାସୁଦେବପୁର ବ୍ଲକର ବାଲିମେଦ,ଲକ୍ଷ୍ମୀଦାସପୁର ଓ ରାଜଘରପୋଖରୀ ପଂଚାୟତସ୍ତରୀୟ ସଚେତନତା ଶିବିରରେ ଯୋଗଦେଇ କହିଥିଲେ। ଏହି ଶିବିରରେ ବ୍ଲକର ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ । ତାଙ୍କ ସହିତ ବିଡିଓ ସଂଜୀବ କୁମାର ସାହୁ ଯୋଗଦେଇ ଥିଲେ। ବିକାଶ ପୁସ୍ତକକୁ ବିଧାୟକ ଶ୍ରୀରାଉତରାୟ ଉନ୍ମୋଚିତ କରିଥିଲେ। ୩ଟି ପଂଚାୟତର ସମସ୍ତ ବିକାଶ ମୂଳକ କାର୍ଯ୍ୟ ଏଲଇଡି ମାଧମରେ ପ୍ରଦର୍ଶିତ କରାଯାଇଥିଲା।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ବାର୍ଷିକୋତ୍ସବ

ବାଲେଶ୍ୱର, (ସବ୍ୟୁ) : ଡ଼ିଆ ଭାଷା ବିକାଶ ଆନ୍ଦୋଳନ, ବାଲେଶ୍ୱରର ପଞ୍ଚମ ବାର୍ଷିକ ଉତ୍ସବ ଓ ସାରସ୍ୱତ ବଣଭୋଜି ସଜନାଗଡ଼ ଅନ୍ତର୍ଗତ ଗୋଡ଼ିଶୁଳସ୍ଥିତ ମିକୋ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବକୁ ବର୍ଷିୟାନ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଉଦ୍ଘାଟନ କରିଥିଲେ। ଦୀପକ ବୋଷଙ୍କ ରଚିତ ଅନୁଷ୍ଠାନ ସଙ୍ଗୀତକୁ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ଶାନ୍ତି ବିଶି, କୃଷ୍ଣା ପ୍ରଧାନ, ସୁବ୍ରତା ମହାନ୍ତି, ଅର୍ଚ୍ଚନା କର, ସ୍ନିଗ୍ଧା ସାମନ୍ତରାୟ ଓ ପୁଷ୍ପଲତା ଚକ୍ରବର୍ତ୍ତୀ ଗାନ କରିଥିଲେ। ଯନ୍ତ୍ରାଂଶରେ ସହଯୋଗ କରିଥିଲେ ସଂଜୀବ ବେହେରା। ସଂପାଦକ ନିବାରଣ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଂଗଠନ ସଂପାଦକ ତପନ ରାୟଙ୍କ ସଂଯୋଜନାରେ ମୋ ପାଇଁ ଶୁଖଇ ନଈ ହେନାଫୁଲ ହୁଏ ବାସ୍ନାହୀନ ଶୀର୍ଷକରେ ବିନୀତା ସାହୁ, ତପନ ବିଶ୍ୱାଳ, ସଂଯୁକ୍ତା ବିଶ୍ୱାଳ, ଶରତ ମହାପାତ୍ର, ମମତା ମହାନ୍ତି, ମାମିନା ମହାପାତ୍ର, ରଶ୍ମିରେଖା ପତି, ଦୀନବନ୍ଧୁ ଲେଙ୍କା, ଶାନ୍ତିଲତା ପଣ୍ଡା, ରଘୁନାଥ ପଟ୍ଟ, ଲମ୍ବୋଦର ନାୟକ, କରୁଣାକର ସ, ଜ୍ୟୋତ୍ସ୍ନା ରାୟ, ବାସନ୍ତୀ କର, ଅଞ୍ଜଳି ପଣ୍ଡା, ଉର୍ମିଳା ନାୟକ, ଅରୁଣା ରାୟ, ଗୀତାରାଣୀ ପୁରୀ, ଅବନ୍ତୀ ପ୍ରଧାନ, ସୁନାମଣି ଜେନା, ଦେବାଶିଷ ସିଂହ, ମନ୍ମଥ କୁମାର ସାହୁ, ସ୍ମୃତି ଦାସ ଓ ଶେଫାଳି ତ୍ରିପାଠୀ ପ୍ରମୁଖ ଏକତ୍ର କବିତା ରଚନା ଓ ଆବୃତ୍ତି କରିଥିଲେ। ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସାରସ୍ୱତ ସ୍ରଷ୍ଟାଙ୍କର ସ୍ୱପ୍ନ ଶୀର୍ଷକ ଏକ ଭାବଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲାବେଳେ ଜୟନ୍ତୀ ଲେଙ୍କା, ପ୍ରତାପ ସାମନ୍ତରାୟ, ରାମନାରାୟଣ ଦେ, ପ୍ରତିଭା ରାଉତ, ସ୍ୱାତୀ ମୁଖାର୍ଜୀ, ବିଜୟଲକ୍ଷ୍ମୀ ଜେନା, ଭବାନୀକାନ୍ତ ଜେନା, ମହାମାୟା ବର୍ଦ୍ଧନ ଓ ଅମିତାଭ ସିଂହ ପ୍ରମୁଖ ନିଜ ନିଜର କଥା ରଖିଥିଲେ। ଅପରାହ୍ଣରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ଓ ନିରଂଜନ ରାଉତଙ୍କ ନିର୍ଦ୍ଦେଶିତ ନାଟକ ଲେଟେଷ୍ଟ ମେଡିସିନ ମଞ୍ଚସ୍ଥ ହୋଇଥିଲା। ଏଥିରେ ପ୍ରଭାକର ସାହୁ, କୃଷ୍ଣା ପ୍ରଧାନ, ସଂଜୟ ପଣ୍ଡା, ଡ. ସାରଙ୍ଗଧର ତ୍ରିପାଠୀ, ପୀତାମ୍ବର ବେହେରା, ଜୁମରନାଥ ପାତ୍ର, ସ୍ନିଗ୍ଧା ସାମନ୍ତରାୟ, ଶାନ୍ତି ବିଶି ଓ ଡ. ରତ୍ନାକର ସିଂହ ଅଭିନୟ କରିଥିଲେ। ଶେଷରେ ଯୁଗ୍ମ ସଂପାଦକ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଛାତ୍ରୀ ନିବାସର ଭିତ୍ତିପ୍ରସ୍ତର



କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ମହାବିଦ୍ୟାଳୟ ଠାରେ ଛଅକୋଟି ଟଙ୍କାର ବ୍ୟୟଅଟକଳରେ ନିର୍ମାଣ ହେବାକୁ ଥିବା ଦୁଇଟି ଛାତ୍ର ଓ ଛାତ୍ରୀ ନିବାସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହି ଭିତ୍ତିପ୍ରସ୍ତର ଶୁଭ ଉଦଘାଟନ କରିଥିଲେ । ୧୦୦ ଶଯ୍ୟା ବିଶିଷ୍ଟ ଏହି ଛାତ୍ର ଓ ଛାତ୍ରୀ ନିବାସ ନିର୍ମାଣ ହେବା ଫଳରେ କାମାକ୍ଷାନଗର ମହାବିଦ୍ୟାଳୟ ରେ ପାଠ ପଢୁଥିବା ଉପଖଣ୍ଡର ବିଭିନ୍ନ ଅଞ୍ଚଳ ର ଛାତ୍ର, ଛାତ୍ରୀ ସୁବିଧାରେ ରହିପାରିବେ । ଯାହା ଫଳରେ ସେମାନେ ସୁବିଧା ରେ ପାଠ ପଢିବା ସହ ଅଯଥା ଖର୍ଚ୍ଚାନ୍ତରୁ ବଞ୍ଚିତ ହେବେ । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଅନ୍ୟଅତିଥି ଭାବେ କାମାକ୍ଷାନଗର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ବିଡ଼ିଓ ଅବିନାଶ ପାଣ୍ଡିଆ, ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

## କନଭେଣ୍ଟ ସ୍କୁଲରେ ସରସ୍ୱତୀ ପୂଜା ବନ୍ଦ: ଅଭିଭାବକ ଅସନ୍ତୋଷ

ବେତନଟୀ , (ସବ୍ୟୁ) : ରାଜ୍ୟରେ ପ୍ରତି ବିଦ୍ୟାଳୟ ଗୁଡିକରେ ଛାତ୍ର ଛାତ୍ରୀମାନଙ୍କ ଆଧ୍ୟାତ୍ମିକତାର ଭାବନାର ପରିପ୍ରକାଶ ତଥା ଭକ୍ତି ଓ ଏକାଗ୍ରତା ଜାଗ୍ରତ ପାଇଁ ଗଣେଶ । ଏବଂ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଥାଏ। ମାତ୍ର ବୈଶିଙ୍ଗା ଥାନା ଅନ୍ତର୍ଗତ ସରବଣା ଠାରେ ଘରୋଇ ଶିକ୍ଷାନୁଷ୍ଠାନ ଦିବ୍ୟ ଜ୍ୟୋତି କନଭେଣ୍ଟସ୍କୁଲରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।କେବେବି ଗଣେଶ ଏବଂ ସରସ୍ୱତୀ ଦେବୀଙ୍କ ପୂଜା ହୁଏ ନାହିଁ।ପୂର୍ବରୁ ବହୁ ଅଭିଭାବକ ଏଥିପାଇଁ ଅଭିଯୋଗ କରିଥିଲେ ମଧ କର୍ତ୍ତୃପକ୍ଷ କର୍ଣ୍ଣପାତ କରି ନଥିବାର ଅଭିଯୋଗ ଆସିଛି। କିନ୍ତୁ ସେ ଦିନଟିକୁ ଛୁଟି ଘୋଷଣା କରି ଏକ ମେସେଜ ପ୍ରତି ଅଭିଭାବକଙ୍କ ନିକଟକୁ ପଠାଇଥିବାର ନଜର ଆସିଛି।ଏହି ମେସେଜ୍ ପାଇବା ପରେ ଅଭିଭାବକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଭାରତ ଭଳି ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତ ଧର୍ମ କୁ ସମ୍ମାନ ଦିଆଯିବା ସହିତ ସାମ୍ବିଧାନିକ ଅଧିକାର ଦିଆଯାଉଥିବା ବେଳେ ଏହି ବିଦ୍ୟାଳୟରେ ପୂଜା ନ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାତ୍ର ଏଠାରେ ବଡ଼ଦିନ ପର୍ବ ଏକ ସପ୍ତାହ ଧରି ପାଳନ କରାଯିବା ସହିତ ପିଲାମାନଙ୍କୁ ମଧ ସାମିଲ କରାଯାଇଥାଏ। ଏଠାରେ ସବୁ ଧର୍ମର ପିଲା ପାଠ ପଢୁଥିବା ବେଳେ ଏକକ ଧର୍ମୀୟ ଭାବନା ପିଲାମାନଙ୍କ ଭବିଷ୍ୟତ କୁ କୁଠାରାଘାତ ବୋଲି ଆଲୋଚନା ହେଉଛି।

## ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଗ୍ରାମ ପରିକ୍ରମା ଯାତ୍ରା

ତିହିଡି,(ସବ୍ୟୁ): ଆସନ୍ତା ନିର୍ବାଚନରେ ବିଜେଡିକୁ ପ୍ରତିହତ କରି ଡବଲ୍ ଇଞ୍ଜିନ୍ ସରକାର ଗଢିବା ଲାଗି ତିହିଡି ବ୍ଲକ ଅଧିନ ପୀରହାଟ କାନପୁର ପଡିଆରେ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଗ୍ରାମ ପରିକ୍ରମା ଯାତ୍ରାରେ ଏପରି ମତପ୍ରକାଶ ପାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଉପେନ୍ଦ୍ର ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ, ସମ୍ମାନୀତ ଅତିଥିଭାବେ ଧାମନଗର ବିଧାୟକ ସୂରଜ ସୂର୍ଯ୍ୟବଂଶୀ ସ୍ଥିତପ୍ରଜ୍ଞ, ଜିଲ୍ଲା ପ୍ରଭାରୀ ଯତିନ୍ଦ୍ର ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ବରିଷ୍ଠ ନେତା ମଙ୍ଗରାଜ ନାୟକ ପ୍ରମୁଖ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିବା ସହିତ ଆଗାମି ନିର୍ବାଚନରେ ବିଜୟ ହାସଲ କରିବା ଲାଗି ତୃଣମୂଳ ସ୍ତରରୁ ଦଳକୁ ମଜବୁତ୍ କରିବାକୁ ଆହ୍ୱାନ ଦେଇଥିଲେ।

# ରୋଟାରୀ ପବ୍ଲିକ୍ ସ୍କୁଲ୍‌ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



ଅନୁଗୋଳ,(ସବ୍ୟୁ): ଚଳିତ ମାସ ତା ୧୦ଏବଂ ତା ୧୧ ରିଖ ଦୁଇଦିନ ଧରି ରୋଟାରୀ ପବ୍ଲିକ ସ୍କୁଲ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବର ଉଦ୍ଘାଟନୀ ଦିବସରେ ମୁଖ୍ୟ ଅତିଥି ରାଜସ୍ୱ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ନିର୍ଦ୍ଦେଶକ ବିଧୁ ଭୂଷଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଓଡ଼ିଆ ସିନେ ତାରକା ଦୀପକ କୁମାର ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସୁନାଗରିକ ହେବା ପାଇଁ ଦିଗ୍ ଦର୍ଶନ ଦେଇଥିଲେ ଓ ବିଭିନ୍ନ କ୍ଷେତ୍ରରେ ସ୍କୁଲ୍ ପାଇଁ ଗୌରବ ଆଣିଥିବା ଛାତଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥଲେ ।

ସେହିପରି ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜେଏନ୍‌ୟୁର ଅବସରପ୍ରାପ୍ତ ପ୍ରଫେସର ଡ.ଅଜିତ୍ କୁମାର୍ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ଆଇଡଲ ଗାୟିକା ସୋହିନୀ ମିଶ୍ର ଏବଂ ଗୀତିକାର ଲଳିତ ନାରାୟଣ ରଥ ଯୋଗଦେଇ ଛାତ୍ରଛାତ୍ରୀ ମାନେ କିଭଳି ଭାବରେ ଭଲ ମଣିଷ ଟିଏ ହୋଇ ସମାଜରେ ଗୋଟିଏ ସୁନାଗରିକ ଭାବରେ ବଞ୍ଚିବା ପାଇଁ ପ୍ରୟାସ କରିବେ ଏବଂ ସେଥି ପ୍ରତି କିଭଳି ଯତ୍ନବାନ ହେବା ଦରକାର ତା ଉପରେ ଆଲୋକପାତ କରିଥଲେ । ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୪୫ ଟି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଦର୍ଶକ ମାନଙ୍କୁ ଭରପୁର ମନୋରଞ୍ଜନ ଯୋଗଦେଇଥିଲେ । ବିଦ୍ୟାଳୟ ର ଶିକ୍ଷକ ମାନଙ୍କ ଦ୍ୱାରା ଅଭିନୀତ ନାଟକଟି ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା । ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଙ୍କ ନିର୍ଦ୍ଦେଶନା ଏବଂ ସତ୍ୟବାନ୍ ବେହେରା ଙ୍କ ସଙ୍ଗୀତ ନିର୍ଦ୍ଦେଶନା ରେ ନାଟକ 'ଅନ୍ତଃସ୍ୱର ' ବିଶେଷ ଆକର୍ଷଣ ଭାବେ ଦର୍ଶକ ମାନଙ୍କୁ ବିମୋହିତ କରିଥିଲା । ବିଦ୍ୟାଳୟର ଆଲୁମିନି ଆସୋସିଏସନ୍ ର ସଭାପତି ଡ. ସ୍ୱପ୍ନି କିରଣ ଏବଂ ସମ୍ପାଦକ ପ୍ରତ୍ୟୁଷା ଅମାନ୍ତଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବଟି ରୋଟାରୀ ପବ୍ଲିକ୍ ସ୍କୁଲର ପୂର୍ବତନ ଅଧକ୍ଷ ନିଖିଲ ରଞ୍ଜନ ମିଶ୍ର, ରୋଟାରି ପବ୍ଲିକ୍ ସ୍କୁଲ୍ ର ଅଧକ୍ଷ ଅଶୋକ କୁମାର ବେହେରା, ଉପାଧକ୍ଷ ଡ. ମନୋରଞ୍ଜନ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରି କଳ୍ପଲତା ଦାଶ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କର ଅକ୍ଲାନ୍ତ ପରିଶ୍ରମରେ ମହାଆଡ଼ମ୍ବରରେ ସମାପନ ହୋଇଯାଇଅଛ । ଶିକ୍ଷୟିତ୍ରୀ ଡଲଫିନ ସାହୁ ଏବଂ ଅନୁଭା ମିଶ୍ର ଯଥାକ୍ରମେ ଉଦ୍ଘାଟନୀ ଏବଂ ଉଦଯାପନୀ ଉତ୍ସବରେ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଓଡିଆ ସାହିତ୍ୟରେ ମାଆର ଭାଷା

ଭଦ୍ରକ,(ସବ୍ୟୁ):ସାହିତ୍ୟ ସଂସ୍କୃତି ସଙ୍ଗଠନ ଆମେ ର ୬୪ତମ ଅମାବାସ୍ୟ ଆସର ପ୍ରଜ୍ଞାପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଂଚାସୀନ ଥିଲେ ଡ. କ୍ଷୀରୋଦ ସାମଲ, ଡ. ନାରାୟଣ ସେନାପତି, ଡ. ପ୍ରଫୁଲ୍ଲ ସାହୁ ଏବଂ ପ୍ରାଧ୍ୟାପିକା ଉଷାରାଣୀ ଜେନା, ବରେଣ୍ୟ ବକ୍ତାମାନଙ୍କର ବକ୍ତବ୍ୟକୁ ସମୀକ୍ଷା କରିଥିଲେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଶିଶୁ ସାହିତ୍ୟିକ ଡ. ମନିନ୍ଦ୍ର ମହାନ୍ତ ମହାନ୍ତି। ଅନ୍ୟମାନଙ୍କ ମଧ୍ୟରୁ ଡକ୍ଟର ସୁଧୀର ଜେନା, ଭାନୁମତି ମାଟିଆ, ଜଗନ୍ନାଥ ରାଉତ, ମଦନ ମୋହନ ମହାକୁଡ,ମନୋଜ ପଣ୍ଡା, ଲଳିତ ମଲ୍ଲିକ, ଅଂଶୁମାନ ନାୟକ, ଅରୂପାନନ୍ଦ ନାୟକ, ଆଡଭୋକେଟ ଅଗଣୀ ଚରଣ ଜେନା, ଶରତ ଚନ୍ଦ୍ର ମହାନ୍ତି, ବିପ୍ଳବ ହୋତା, ବରିଷ୍ଠ ନାଗରିକ ମହାସଂଘ ସାମ୍ବାଦିକ କୈଳାଶ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ଦାସ, ଅର୍ଜୁନ ଚରଣ ବାରିକ, ସଂଗ୍ରାମ କେଶରୀ ଦାସ ପ୍ରମୁଖ ନିଜ ନିଜର ବକ୍ତବ୍ୟରେ ମାଆର ଭାଷା କିପରି ଧିରେ ଧିରେ ଲୋପ ପାଇଯିବାକୁ ବସିଲାଣି ଉଦାହରଣ ଛଳରେ କହିଥିଲେ। ମା ଝିଅକୁ ଶିଖେଇ ଥିବା କାନ୍ଦଣା, ଛୋଟ ପିଲାକୁ ଶୁଣାଉ ଥିବା ଲୋରୀ, ବୁଢୀ ଅସୁରୁଣୀ ଗପ, ବାଇଆ, ବାଇଆଣୀ ଆସିବେ ଶୋଇପଡ ଇତ୍ୟାଦି କଥା, ଶବ୍ଦ, ଢଗ ଢମାଳୀ ଧିରେ ଧିରେ ଜନମାନସରୁ ହଜି ଯାଉଛି ଏବଂ ଆମ ଅଭିଧାନରେ ଆଉ ସ୍ଥାନିତ ହେଉନାହିଁ। ବୋକଦେବା(ଚୁମା ଦେବା) ପରି ମାର ମମତାଶିକ୍ତ ଶବ୍ଦ ଲୋପ ପାଇଯିବାକୁ ବସିଲାଣି। ମାଆର ଭାଷାରେ ଲେଖି ଗୋପିନାଥ ମହାନ୍ତି, କାହ୍ନୁଚରଣ, ସଚ୍ଚିରାଉତତରାୟ, ରାଧାମୋହନ ଗଡନାୟକର ସାହିତ୍ୟ କାଳଜୟୀ ହୋଇପାରିଥିଲା ବୋଲି ସର୍ବସମ୍ମତି କ୍ରମେ ମତପ୍ରକାଶ ପାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ କୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ବାରିକ ଏବଂ ମଂଚ ସଂଯୋଜନା କରିଥିଲେ ସମ୍ପାଦକ ପ୍ର. ଅଟଳ ବିହାରୀ ନାୟକ।

## ସାତକଡ଼ି ହୋତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

ବାଲେଶ୍ୱର, (ସବ୍ୟୁ) : ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା ଦୈନିକ ସମ୍ବାଦପତ୍ର ସମୟର ମୁଖ୍ୟ ସମ୍ପାଦକ ସାତକଡ଼ି ହୋତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକରଛାୟା ଖେଳିଯାଇଛି । ସ୍ୱର୍ଗତଃ ହୋତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଉପସଭାପତି ପ୍ରଦୀପ ଚାଟାର୍ଜୀ, ସାଧାରଣ ସମ୍ପାଦକ ଦୀପକ ବୋଷ, ଯୁଗ୍ମ ସମ୍ପାଦକ ସାରଙ୍ଗଧର ତ୍ରିପାଠୀଙ୍କ ସମେତ କବି ଶ୍ରୀଦେବ, ଉତ୍ପଳ ମହାନ୍ତି ପ୍ରମୁଖ ଗଭୀର ଶୋକପ୍ରକାଶ କରିବା ସହ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ସ୍ୱର୍ଗତଃ ହୋତା ସାହିତ୍ୟ ଓ ସାମ୍ବାଦିକତା ଜଗତର ଜଣେ ଧ୍ରୁବତାରା ବୋଲି ମତବ୍ୟକ୍ତ କରିବା ସହ ତାଙ୍କର ଏହି ପରଲୋକ ଘଟଣା ସାହିତ୍ୟ ଓ ସାମ୍ବାଦିକତା ଜଗତର ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଛନ୍ତି ।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଭଦ୍ରକ,(ସବ୍ୟୁ):ଭଦ୍ରକ ସତସଙ୍ଗ ବିହାରରେ ଯୁଗ ପୁରୁଷୋତ୍ତମ ଓ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ତମ ଜନ୍ମ ମହୋତ୍ସବ ଓ ୯୧ତମ ଭଦ୍ରକ ଶ୍ରୀମନ୍ଦିର ଉଦ୍‌ବୋଧନ ସ୍ମୃତି ମହୋତ୍ସବ ତଥା ଭଦ୍ରକ ଜିଲାସ୍ତରୀୟ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଓଘର ଆଶ୍ରମରୁ ପୂଜ୍ୟପାଦ ଆଚାର୍ଯ୍ୟ ଦେବଙ୍କର କନିଷ୍ଠ ଭ୍ରାତା ପୂଜନୀୟ ଅଭିକଦାଦା ଉପସ୍ଥିତ ରହି ଭକ୍ତମାନଙ୍କୁ ଉଦବୋଧନ ଦେଇଥିଲେ। ଅତିଥିଭାବେ ସାଂସଦ ମଂଜୁଲତା ମଣ୍ଡଳ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ଡଃ ତପୋଧନ ପଣ୍ଡା ଯୋଗଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଭାବଧାରା ଉପରେ ବକ୍ତବ୍ୟ ରଖିଥିଲେ। ଭଜନ କାର୍ଯ୍ୟକ୍ରମରେ କଟକରୁ ମନ୍ଦାକିନୀ ଶ୍ରୀୟା, ଜୟନ୍ତୀ ବସାକ ଯୋଗଦେଇଥିଲେ। ଏଥିରେ ଅବସରପ୍ରାପ୍ତ ଇଂ ଗୌରାଙ୍ଗ ଚରଣ ପୃଷ୍ଟି ସଭାପତିତ୍ୱ କରିଥିଲେ। ଯୁବ ସତସଙ୍ଗୀ ଦେବୀ ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ ସହିତ ଦୀକ୍ଷା ପତ୍ର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଶେଷରେ ନନ୍ଦଦୁଲାଲ ଦାସ ଧ୍ୱନି ଦେଇ ସଭାସଙ୍ଗ କରିଥିଲେ। ଏହାପରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ଅପରାହ୍ନରେ ମାତୃ ସମ୍ମିଳନୀ ଓ ସନ୍ଧ୍ୟାରେ ସତସଙ୍ଗ ଓ ନାମ ସଂକୀର୍ତ୍ତନ ହୋଇଥିଲା। ଏହି ଉତ୍ସବରେ ଭଦ୍ରକ ଜିଲାରୁ ପ୍ରାୟ ୪ ହଜାର ଲୋକଙ୍କର ସମାବେଶ ହୋଇଥିଲା। ଉତ୍ସବ ଶେଷରେ ସମସ୍ତେ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ।

## ମୁଁ ଲେଖିବି ମୋ ପରିବାରର ଇତିହାସ ଉପରେ ଆଲୋଚନାଚକ୍ର

ବାଲେଶ୍ୱର,(ସବ୍ୟୁ) :ହିଡ଼ିଗାଁ କ୍ଲଷ୍ଟର ଓ ଇତି ପରିବାରର ମିଳିତ ଆନୁକୂଲ୍ୟରେ ମୁଁ ଲେଖିବି ମୋ ପରିବାରର ଇତିହାସ ଉପରେ ଏକ ଆଲୋଚନା ଚକ୍ର ଚାନ୍ଦିପୁର ବେଳାଭୂମିରେ ସିଆରସିସି ବିଥିକା ରାଣୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଇତି ପରିବାରର ମୁଖ୍ୟ ମୂରଲୀଧର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜ ପରିବାରର ଇତିହାସ ଜାଣିବା ପ୍ରତିଟି ମଣିଷର ଆବଶ୍ୟକତା ଅଛି ବୋଲି କହିଥିଲେ। ଭାରତବର୍ଷ ଏକ ପରିବାର କୈନ୍ଦ୍ରିକ ଦେଶ ୧୯୬ କୋଟି ୮ଲକ୍ଷ ୫୩ ହଜାର ୧୨୪ବର୍ଷ ପୂର୍ବେ ଚୈତ୍ର ଶୁକ୍ଳପଦା ତିଥିରେ ସୂର୍ଯ୍ୟୋଦୟ ସମୟରେ ପରମପିତା ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ରଚନାର ଅୟମାରମ୍ଭ ହୋଇଥିବା ବୋଲି ଭାରତୀୟମାନେ ବିଶ୍ୱାସ କରନ୍ତି । ସେହିଦିନଠୁଁ ପରିବାର ରହିଆସିଛି । ମୁଖ୍ୟବକ୍ତାଭାବେ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ମଲ୍ଲିକଙ୍କ ସମେତ ସିଆରସିସି ତ୍ରିଲୋଚନ ପରିଡ଼ା, ଶିକ୍ଷକ ନବକିଶୋର ପଣ୍ଡା, ସୂର୍ଯ୍ୟମଣି ମୁର୍ମୁ, ସତ୍ୟବନ୍ଧୁ ଦାସ, ସୁଶାନ୍ତ ଦାସ, କୌଶଲ୍ୟା ହେମ୍ବ୍ରମ, ଅନିମା ଦାସ, ରାଜକିଶୋର ମାଝି, କାଞ୍ଚନବାଳା ମାଇତି, ବିନତୀ ବାରିକ,ପୂର୍ଣ୍ଣମା ପାଠୀ, ବିଷ୍ଣୁପ୍ରିୟା ପ୍ରଧାନ, ତକବୁଲ ହୁସେନ, ମିନତୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ନିର୍ମାଣ ହେଉନି ପଶୁଡାକ୍ତର ଖାନା: ଜିଲ୍ଲାପାଳଙ୍କୁ ଦାବିପତ୍ର



ଠାକୁରଗଡ଼, (ସବ୍ୟୁ): ଗୋରୁଙ୍କୁ ସୁରକ୍ଷା ପାଇଁ ସରକାର ବହୁ ଯୋଜନା ପ୍ରଚଳନ କରିବା ସହ ଚାଷ କରିବା ପାଇଁ ବିଭିନ୍ନ ଯୋଜନା ଜରିଆରେ ଲୋକ ଙ୍କୁ ଋଣ ଯୋଗାଇ ଦେଉଛନ୍ତି । ହେଲେ ଅନେକ ପଶୁ ଡାକ୍ତରଖାନାରେ ଏବେ ଡାକ୍ତର ଓ କର୍ମଚାରୀ ଅଭାବ ସାଙ୍ଗକୁ କେନ୍ଦ୍ର ନଥିବା ଯୋଗୁଁ ଗୁହପାଳିତ ପଶୁ ଚିକିସା ହୋଇପାରୁନାହଛନ୍ତି । ଯାହା ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ଦେଖିବାକୁ ମିଳିଛି । ଏଠାରେ ଥିବା ପଶୁଡାକ୍ତରଖାନାଟି ୬ ବର୍ଷ ହେବ ଭାଙ୍ଗିଯାଇଥିବା ବେଳେ ନୂତନ ଭାବରେ ପଶୁଡାକ୍ତରଖାନା ନିର୍ମାଣ ହେଉନାହିଁ । ଫଳରେ ସ୍ଥାନୀୟ ଅଂଚଳବାସଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଛି । ଏ ନେଇ ଗ୍ରାମବାସୀ ମାନେ ମଙ୍ଗଳବାର ଦିନ ବଇଣ୍ଡା ଅଞ୍ଚଳ ପାଇଁ ନିଯୁକ୍ତି ହୋଇଥିବା ପ୍ରାଣିଧନ ନିରିକ୍ଷକ କନ୍ଦର୍ପ ମାଝୀଙ୍କ ଜରିଆରେ ଅନୁଗୋଳ ଜିଲ୍ଲା ପଶୁ ଡାକ୍ତର ଙ୍କୁ ଅଭିଯୋଗପତ୍ର ମାଧ୍ୟମ ଅବଗତ କରାଇଛନ୍ତି । ଏହାର ଏକ ନକଲ ଅନୁଗୋଳ ଜିଲ୍ଲାପାଳ , ପଶୁ ସମ୍ପଦ ମନ୍ତ୍ରୀ , ୫ -ଟି ଅଧକ୍ଷ , ମୁଖ୍ୟମନ୍ତ୍ରୀ ଙ୍କୁ ପ୍ରଦାନ କରିଛନ୍ତି । ଗ୍ରାମବାସୀ କହିଛନ୍ତି ଯେ ବହୁ ବର୍ଷରୁ ବଇଣ୍ଡା ଠାରେ ପଶୁଡାକ୍ତରଖାନା ଥିବା ବେଳେ ୨୦୧୮ ମସିହା ମେ ୧୭ ରେ ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କରାଯିବା ପାଇଁ ରାସ୍ତା କଡରେ ଥିବା ଯୋଗୁଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା । ହେଲେ ଉଚ୍ଛେଦର ୬ ବର୍ଷ ବିତିଯାଇଥିଲେ ମଧ ପଶୁଡାକ୍ତର ଖାନା ନିର୍ମାଣ ହେଉନାହିଁ । ଏହି ପଶୁଡାକ୍ତରଖାନା ଉପରେ ନୁଁନୁକାପସି, ଗାଁ ବଇଣ୍ଡା,ଜାମୁନାଳୀ, ଲୁହାମୁଣ୍ଡା, ଆଦି ପଂଚାୟତ ଗୁଡିକ ର ପଶୁ ମାନେ ଚିକିସା କରିବା ପାଇଁ ନିର୍ମାଣ ନିର୍ଭର କରୁଛନ୍ତି । ଏହି କେନ୍ଦ୍ର ଉପରେ ୪ ଟି ପଞ୍ଚାୟତ ର ୩ ହଜାର ୨୨ ଟି ଗାଈ, ୪ ହଜାର ୨୧୨ ଟି ଛେଳି, ୧୧୨ ଟି ବିଦେଶୀ କୁକୁର, ସହ ଅନ୍ୟାନ ଗୁହ ପାଳିତ ପଶୁ ଚିକିସା ପାଇଁ ନିର୍ଭରଶୀଳ । ହେଲେ ପଶୁ ଡାକ୍ତରଖାନା ନଥିବା ଯୋଗୁଁ ବହୁ ପଶୁ ଚିକିସା ପାଇବାରୁ ବଞ୍ଚିତ ହେଉଛନ୍ତି । କିଛି ଦିନ ହେବ ଏହି ଅଂଚଳରେ ଗାଈ ଙ୍କ ପାଖରେ ଫାଟୁଆ ରୋଗ ବ୍ୟାପୁଥିବା ବେଳେ ଅନେକ ଗାଈକୁ ଲୋକେ ଚିକିସା କରି ପାରୁନଥିବା ଯୋଗୁଁ ମୃତ୍ୟୁ ମୁଖରେ ପଡୁଛନ୍ତି । କୌଣସି ପଶୁ କୁ ଚିକିସା ପାଇଁ ୭ କିମି ଦୂର ହଣ୍ଡପା ପଶଡାକ୍ତର ଖାନା ଉପରେ ନିର୍ଭର କରୁଛନ୍ତି ଅଞ୍ଚଳବାସୀ । ସେହିପରି ଏହି ପଶୁଚିକିସା କେନ୍ଦ୍ରରେ ନିଯୁକ୍ତ ହୋଇଥିବା ଡାକ୍ତର ଅବସର ପରେ ଆଉ ବିଭାଗ ପକ୍ଷରୁ ନୂତନ ଡାକ୍ତର ନିଯୁକ୍ତ କରାଯାଇନାହି । ଫଳରେ ଗୋ– ଚାଷୀ ମାନେ ଅଯଥା ଖର୍ଚ୍ଚାନ୍ତ ହୋଇ ଅନ୍ୟ ଘରୋଇ ପଶୁଡାକ୍ତରଙ୍କ ଠାରେ ନିଜର ଗୁହ ପାଳିତ ପଶୁଙ୍କର ଚିକିସା କରୁଛନ୍ତି । ବଇଣ୍ଡା ଠାରେ ପଶୁଡାକ୍ତର ଖାନା ନିର୍ମାଣ ପାଇଁ ପୂର୍ବରୁ ତା ୧୮/୦୨/୨୦୧୯ ତା ୧୫/୦୯/୨୦୨୧ , ଓ ତା ୧୨/୦୩/୨୦୨୨ ରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଆଠମଲ୍ଲିକ ବିଧାୟକ ଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ । ତୁରନ୍ତ ପଶୁଡାକ୍ତରଖାନା ନିର୍ମାଣ ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି । ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଜମି ଚିହ୍ନଟ କରି ନୂତନ ପଶୁଡାକ୍ତରଖାନା ଖୋଲିବା ପାଇଁ ଗ୍ରାମର ବରିଷ୍ଠ ନାଗରିକ ଭଗବାନ ଘିଓ୍ୱାଲା, ପରିକ୍ଷିତ ସାହୁ, ଆଲୋକ ବେହେରା, ରାଜେନ୍ଦ୍ର ସାହୁ, ଯାଦବ ପ୍ରଧାନ, ସତ୍ୟ ରାଉତ, ଦୀପକ ବେହେରା, ରବୀନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି । ଏ ନେଇ ଆଠମଲ୍ଲିକ ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ ନୀଳାଞ୍ଚଳ ସେନାପତି କୁହନ୍ତି – ବଇଣ୍ଡାରେ ପଶୁ ଡାକ୍ତର ଖାନା ପାଇଁ ଜମି ଚିହ୍ନଟ ହୋଇପାରୁନାହି । ଯାହାକି ପଶୁ ଡାକ୍ତରଖାନା ନିର୍ମାଣ ହୋଇ ପାରୁନାହି ।

# ଯାହାକୁ ରଖିବେ ଅନନ୍ତ



ନୀଳଗିରି,(ସବ୍ୟୁ) : କଥାରେ ଅଛି ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ । ଏହି ଉକ୍ତିର ଏକ ଜ୍ୱଳନ୍ତ ଉଦାହରଣ ନୀଳଗିରି ଅଞ୍ଚଳର ଘଟିଥିବା ଦେଖିବାକୁ ମିଳିଛି । ସୋମବାର ସନ୍ଧ୍ୟା ସାଢେ ୭ଟା ସମୟରେ ମାଣତ୍ରୀ ଗ୍ରାମର ଛୋଟା ଓରଫ ରଂଜନ କୁମାର ବେହେରା ପରିବା ବ୍ୟାଗରେ ୪ଲକ୍ଷ ଟଙ୍କା ଧରି ଘରକୁ ବାଇକ୍‌ରେ ଯାଉଥିଲେ । ନୀଳଗିରି – ମିତ୍ରପୁର ରାସ୍ତାର କଣ୍ଟାବଣିଆ ଛକ ନିକଟରେ ହଠାତ୍ ଏକ ଭାଲୁ ବାହାରି ଆସି ବାଇକ୍‌କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ବାଇକ୍‌ଟି ପଡ଼ିଯିବା ସହ ବାଇକ୍‌ରେ ଥିବା ପରିବାଥଳିଟି ମଧ ପଡ଼ିଯାଇଥିଲା । ଭାଲୁଟି ଯୁବକ ଜଣଙ୍କୁ ଆକ୍ରମଣ କରୁଥିବାବେଳେ ନୀଳଗିରି ପଟୁ ପୁଲିସ ଗାଡ଼ି ଆସୁଥିବା ଦେଖି ଭାଲୁଟି ସେଠାରୁ ପଳାଇଥିଲା । ପରେ ଆହତ ଯୁବକକୁ ପୁଲିସ ଗାଡ଼ିରେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା । ପରେ ଦୁର୍ଘଟଣାସ୍ଥଳରୁ ୨ଜଣ ଯୁବକ ବାଇକ ଓ ପରିବାଥଳିକୁ ଧରି ନୀଳଗିରି ଥାନାରେ ଜିମା ଦେଇଥିଲେ । ପରିବା ଥଳିରେ ୪ଲକ୍ଷ ଟଙ୍କା ରହିଥିଲା । ଏହି ପରିବା ଥଳିଟିକୁ ଗୋପିନାଥପୁର ଅଞ୍ଚଳର ଅଶୋକ ସିଂ ଓ ଦେବରାଜ ନାୟକ ନେଇ ଥାନାରେ ଜିମା ଦେଇ ନିଜର ମଣିଷ ପଣିଆ ଦେଖାଇଛନ୍ତି । ଏଥିପାଇଁ ନୀଳଗିରି ଥାନା ଅଧିକାରୀ ଗୋପାଳ କର୍ଣ୍ଣ ଯୁବକ ଦୁଇଜଣକୁ ସାଧୁବାଦ ଜଣାଇଛନ୍ତି । ଥାନାରୁ ରଂଜନ କୁମାର ବେହେରା ପ୍ରମାଣ ଦେଖାଇ ନିଜର ସମସ୍ତ ଟଙ୍କା ନେଇଥିବା ଜଣାଯାଏ । ଜୀବନ ବି ବଞ୍ଚିଲା, ଟଙ୍କା ବି ଫେରିଲା । ଏହି ଘଟଣାକୁ ନେଇ ଏବେ ନୀଳଗିରି ଅଞ୍ଚଳରେ ଚର୍ଚ୍ଚା ହେଉଛି ଯେ ଯାହାକୁ ରଖିବେ ଅନନ୍ତ ।

# ଚାଷ ଜମି ଓ ଗୋଚର ରାସ୍ତା ଜବରଦଖଲ : ଗ୍ରାମବାସୀଙ୍କ ଧାରଣା

ସୋର, (ସବ୍ୟୁ) : ସୋର ବ୍ଲକ ନଟାପଡ଼ା ସ୍ଥିତ ଗ୍ରୀଡ଼ ସବ୍‌ଷ୍ଟେସନ ପକ୍ଷରୁ ନିର୍ମାଣ କରାଯାଇଥିବା ପାଚେରୀ ଚାଷୀମାନଙ୍କ ଚାଷ ଜମିକୁ ରାସ୍ତା, ଗୋଚର ଏବଂ ଶ୍ମଶାନକୁ ଅବରୋଧ କରାଯାଇଥିବାକୁ ନେଇ ୨୦୧୯ ମସିହାରେ ଏକ ଜନସ୍ୱାର୍ଥ ମାମଲା ମାନବାଧିକାର କମିଶନରଙ୍କ ନିକଟରେ ରୁଜୁ କରାଯାଇଥିଲା। ଏହି ଆଧାରରେ ମାନବାଧିକାର ପକ୍ଷରୁ ଜାଗାକୁ ମାପ କରାଯାଇ ଜବରଦଖଲ ଥିବା ଜାଗାକୁ ଚିହ୍ନଟ କରାଯିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ହେବା ପରେ ମଙ୍ଗଳବାର ତହସିଲଦାର ସୋର ପୁଲିସ ସହଯୋଗରେ ଉକ୍ତ ସ୍ଥାନକୁ ମାପ କରି ଚିହ୍ନଟ କରିଛନ୍ତି। କିନ୍ତୁ ସ୍ଥାନୀୟ ଲୋକେ ଏହି ପାଚେରୀକୁ ଯଥାଶୀଘ୍ର ଭାଙ୍ଗିବା ସହିତ ସେମାନଙ୍କୁ ରାସ୍ତା ପ୍ରଦାନ କରିବା ପ୍ରତିବାଦରେ ଦୀର୍ଘ ସମୟ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁସାରେ ସୋର ବ୍ଲକ ନଟାପଡ଼ା ସମେତ ଅନ୍ୟ ଚାରୋଟି ଗ୍ରାମର ଲୋକଙ୍କ ଚାଷଜମି, ଗୋଚର ଜମି ଓ ଶ୍ମଶାନ ଏହି ଗ୍ରୀଡ଼ର ପଛ ପଟରେ ଅଛି। ଯାହାକୁ ଯାତାୟତ କରିବା ପାଇଁ ଥିବା ରାସ୍ତାଟି ଗ୍ରୀଡ଼ର ପାଚେରୀ ନିର୍ମାଣ କରାଯାଇ ଜବରଦଖଲ କରାଯାଇଥିବାରୁ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଗତ ୨୦୧୯ ମସିହାରେ ମାନବାଧିକାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଯାହାର ଅଭିଯୋଗ ନମ୍ବର ୧୯୫୬/୧୯। ଏହି ଅଭିଯୋଗ ମୂଳେ ମାନବାଧିକାର କମିଶନଙ୍କ



ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଜାଗା ମାପ କରି ଚିହ୍ନଟ ପାଇଁ ନିର୍ଦ୍ଦେଶ ଆସିବା ପରେ ସ୍ଥାନୀୟ ତହସିଲଦାର ସୋର ପୁଲିସ ସହଯୋଗରେ ସ୍ଥାନ ଚିହ୍ନଟ କରିଥିଲେ। ଦୀର୍ଘ ବର୍ଷ ପରେ ସ୍ଥାନ ଚିହ୍ନଟ କରାଯାଇଥିଲେ ମଧ ପାଚେରୀ ଭଙ୍ଗା ନଯିବାରୁ ଗ୍ରାମବାସୀମାନେ ପାଚେରୀ ଭାଙ୍ଗିବାକୁ ଜିଦ ଧରି ଧାରଣାରେ ବସିଥିଲେ। ଦୀର୍ଘ ସମୟ ପରେ ତହସିଲଦାର ପହଞ୍ଚି ଖୁବ ଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବାର ପ୍ରତିଶ୍ରୁତି ଦେବା ପରେ ଧରଣା ପ୍ରତ୍ୟାହୃତ ହୋଇଥିଲା।

# କେନ୍ଦ୍ର ସମବାୟ ବ୍ୟାଙ୍କରୁ ପ୍ରାପ୍ୟ ପାଇ ନଥିବା କର୍ମଚାରୀଙ୍କ ପ୍ରତୀକ ଧାରଣା

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସଂଘର ବିଶେଷ ଅଧିବେଶନ ରାଜାବଗିଚା ସ୍ଥିତ ରାଧାକୃଷ୍ଣ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ସଭାପତି ସାଥୀ ହରିଶ୍ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସାଥୀ ବାଳକୃଷ୍ଣ ନନ୍ଦ, ଅବସରପ୍ରାପ୍ତ ୬୫ଜଣ କର୍ମଚାରୀଙ୍କର ଅବସରକାଳୀନ ପ୍ରାପ୍ୟ ବ୍ୟାଙ୍କ୍ ଦୀର୍ଘଦିନ ଧରି ଦେଉନଥିବା ବିଷୟ ଉପସ୍ଥାପନ କରିଥିଲେ। ଅବସରକାଳୀନ ପ୍ରାପ୍ୟ ଦେବାପାଇଁ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ବିଧାୟକ ବାଲେଶ୍ୱର, ବସ୍ତା, ସୋର, ସିମୁଳିଆ, ରେମୁଣା, ଭଦ୍ରକ, ଚାନ୍ଦବାଲି, ବାସୁଦେବପୁର, ଧାମନଗର ଅନୁରୋଧ କରିଥିଲେ ମଧ ତା ଉପରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସେହିପରି ସମବାୟ ନିବନ୍ଧକ ଅବସରକାଳୀନ ପ୍ରାପ୍ୟ ଦେବାପାଇଁ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ମଧ ବ୍ୟାଙ୍କ୍ କର୍ତ୍ତୃପକ୍ଷ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଆଇନ୍‌ଗତ ଭାବରେ କର୍ମଚାରୀ ଅବସର ଏକମାସ ମଧରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ତାଙ୍କର ଅବସରକାଳୀନ ପ୍ରାପ୍ୟ ଦେବାପାଇଁ ଆଇନ୍‌ରେ ଲିପିବଦ୍ଧ ଥିଲେ ମଧ ଜାଣିଶୁଣି ବ୍ୟାଙ୍କ୍ କାର୍ଯ୍ୟକାରୀ କରୁନାହିଁ। ସଂଘ ବାରମ୍ବାର ଆଲୋଚନା କରି ପ୍ରତିଶ୍ରୁତି ପାଇବା ପରେ ମଧ ୬୫ଜଣ ଗରୀବ କର୍ମଚାରୀ ଯେଉଁମାନେ କି ୧୦୦୦ ରୁ ୨୦୦୦ ମଧରେ ପେନ୍‌ସନ୍ ପାଉଛନ୍ତି ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ଦିଆଯାଉନାହିଁ। ଏ ବିଷୟରେ ସବିଶେଷ ଆଲୋଚନା କରାଯାଇ ବ୍ୟାଙ୍କର ଆସନ୍ତା ସାଧାରଣ ପରିଷଦ ବୈଠକ ଦିନ ୬୫ଜଣ ଅବସରକାଳୀନ କର୍ମଚାରୀ ଓ ତାଙ୍କର ପରିବାର ବର୍ଗ ଏକ ଦିନିକିଆ ଧାରଣା କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହାପରେ ମଧ ଯଦି ସେମାନଙ୍କ ଦାବି ପୂରଣ ନକରାଯାଏ, ସମଗ୍ର ବ୍ୟାଙ୍କ୍‌କୁ ଅଚଳ କରିଦିଆଯିବ। ଏହି ସଭାରେ ସାଥୀ ଜଳଧର ପଣ୍ଡା, ଅଜିତ୍ ହୋତା, ବିଷ୍ଣୁ ମହାନ୍ତି, ଏଓସିସିବିଇଏଫ୍‌ର ସାଧାରଣ ସଂପାଦକ ଏବଂ ରବୀନ୍ଦ୍ର ବେହେରା, ପୂର୍ବତନ ସଂଘ ସଭାପତି ଆଲୋଚନାରେ ଭାଗ ନେଇଥିଲେ।

# ସାନ ଭାଇ ମାଡରେ ବଡ ଗୁରୁତର

ସିମୁଳିଆ, (ସବ୍ୟୁ) : ଜମିଜମା ବିବାଦକୁ କେନ୍ଦ୍ର କରି ସାନ ଭାଇ ମାଡରେ ବଡ ଭାଇ ଗୁରୁତର ଅବସ୍ଥାରେ ସିମୁଳିଆ ପରେ ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ଅଜିପୁର ଗ୍ରାମର ରତ୍ନାକର ଜେନା ସିମୁଳିଆ ଥାନାରେ ଅଭିଯୋଗ ଅନୁଯାୟୀ ଲକ୍ଷ୍ମଣ ଜେନା ଓ ତାଙ୍କ ସାନ ଭାଇ ଅନନ୍ତ ଜେନାଙ୍କ ମଧ୍ୟରେ ଦୀର୍ଘଦିନ ଧରି ଜମିଜମା ବିବାଦ ହୋଇ ଆସୁଥିଲା । ଆଜି ବାଡ ବୁଜିବାକୁ କେନ୍ଦ୍ର କରି ଲକ୍ଷ୍ମଣ ଓ ଅନନ୍ତଙ୍କ ମଧ୍ୟରେ ବାକବିତଣ୍ଡା ହୋଇଥିଲା । ପରେ ଉତକ୍ଷିପ୍ତ ହୋଇ ସାନ ଭାଇ ଅନନ୍ତ ବଡ ଭାଇ ଲକ୍ଷ୍ମଣକୁ ବାଡି ସାହାର୍ଯ୍ୟରେ ମୁଣ୍ଡ ଓ ହାତକୁ ଶକ୍ତ ପ୍ରହାର କରିଥିଲେ । ଲକ୍ଷ୍ମଣଙ୍କୁ ରକ୍ତ ଜୁଡୁ ଅବସ୍ଥାରେ ୧୦୮ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଅଭିଯୋଗ ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରିବା ସହ ସାନ ଭାଇ ଅନନ୍ତକୁ ଗିରଫ କରି ଥାନାରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରିଥିବାର ପୋଲିସ ସୂତ୍ରରୁ ଜଣାଯାଇଛି ।

## ଛାତ୍ରକୁ ପ୍ରଧାନଶିକ୍ଷକଙ୍କ ଅମାନୁଷିକ ମାଡ଼

# ବିଦ୍ୟାଳୟ ପରିସରରେ ଉତ୍ତେଜନା

ନୀଳଗିରି, (ସବ୍ୟୁ) :ଜଣେ ପ୍ରଧାନ ଶିକ୍ଷକ ନିଜର ମଣିଷପଣିଆକୁ ଭୁଲିଯାଇ ସରକାରଙ୍କ ନୀତି ନିୟମକୁ ଉଲଙ୍ଘନ କରି ଜଣେ ୪ର୍ଥ ଶ୍ରେଣୀ ଛାତ୍ରକୁ ଅମାନୁଷିକ ଭାବେ ମାଡ଼ ମାରିବା ଘଟଣାକୁ ନେଇ ବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖିବାକୁ ମିଳିଥିବା ବେଳେ ଆହତ ଛାତ୍ରଙ୍କ ପିତା ତାଙ୍କ ପୁଅକୁ ନୀଳଗିରି ଡାକ୍ତରଖାନାକୁ ନେଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୯ନମ୍ବର ୱାର୍ଡରେ ଥିବା ବଂଶୀଧର ନୋଡ଼ାଲ ୟୁପିସ୍କୁଲରେ ଏଭଳି ଘଟଣା ଘଟିଛି । ୨ ପିଲାଙ୍କ ମଧରେ ଝଗଡ଼ା ଲାଗିଥିବା ବେଳେ ପ୍ରଧାନ ଶିକ୍ଷକ ବାଲୁକେଶ୍ୱର ବେହେରା ଝଗଡ଼ାର ସମାଧାନ ନକରି ବଦଳରେ ଚତୁର୍ଥ ଶ୍ରେଣୀ ଛାତ୍ର ଅଭି ସିଂକୁ ଅମାନୁଷିକ ଭାବେ ପିଟିଥିଲେ । ଅଭିର ଚିତ୍କାର ଶୁଣି ପାଖପୋଡ଼ଶୀ ବିଦ୍ୟାଳୟରେ ପହଞ୍ଚି ଥିଲେ । ଅଭିର ଗୋଡରେ ଗଭୀର ଆଘାତ ଲାଗିଥିବା ବେଳେ ସେ ଚାଲିପାରୁ ନଥିଲା । ଖବର ପାଇ ଅଭି ସିଂର ବାପା କୁନା ସିଂ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଅଭିର ଏପରି ଅବସ୍ଥା ଦେଖି ପ୍ରଧାନ ଶିକ୍ଷକ ଛାତ୍ରର ବାପାକୁ ବୁଝାଇବା ସହ ସାମ୍ବାଦିକମାନଙ୍କୁ ନଜଣାଇବା ପାଇଁ ନେହୁରା ହୋଇଥିଲେ । ଖବର ପାଇ ବହୁ ଅଭିଭାବକ ଗ୍ରାମବାସୀମାନେ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ଘେରିଯାଇ ଗାଳିଗୁଲଜ କରିଥିଲେ । ଘଟଣା ବାବଦରେ ଆହତ ଛାତ୍ରଜଣଙ୍କୁ ପଚାରିବାକୁ ସେ କହିଥିଲା ଯେ ପ୍ରଧାନ ଶିକ୍ଷକ ଏକ ନଳୀରେ ପିଟି ଥିଲେ । ଯାହା ଫଳରେ ଛାତ୍ରଜଣଙ୍କ ଯନ୍ତ୍ରଣା ପାଇ କାନ୍ଦୁ ଥିବାବେଳେ କେହି ଶିକ୍ଷକ ପିଲାଟିକୁ ମେଡ଼ିକାଲ ନେଇ ନଥିବା ବେଳେ ଶେଷରେ ତାର ବାପା ଆସି ମେଡ଼ିକାଲକୁ ନେଇଥିଲେ । ଏହି ଘଟଣାକୁ ନେଇ ଜନଅସନ୍ତୋଷ ଦେଖାଦେଇଥିବା ବେଳେ ଏଭଳି ଅମାନୁଷିକ ମାଡ଼ ମାରିଥିବା ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବାକୁ ସାଧାରଣରେ ଦାବି ହେଉଛି ।




# ତିହିଡ଼ି ବ୍ଲକ୍‌ର ମିଳିତ ଜନଶୁଣାଣି ଶିବିର

ଭଦ୍ରକ/ତିହିଡି,ତା(ସବ୍ୟୁ):ଭଦ୍ରକ ଜିଲ୍ଲାପାଳ ଓ ଏସ୍.ପି. ଯୁଗ୍ମ ଜନାଭିଯୋଗ ଶୁଣାଣି ଶିବିର ତିହିଡ଼ି ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୫୪ଟି ଅଭିଯୋଗର ଶୁଣାଣି କରିଛନ୍ତି । ସେଥି ମଧରେ ୪୯ଟି ବ୍ୟକ୍ତିଗତ ଓ ୫ ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ତିହିଡ଼ି ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ବି.ଡ଼ି.ଓ. ଜ୍ୟୋତିର୍ମୟ କର, ତହସିଲଦାର ଦେବୀ ପ୍ରସନ୍ନ ସାରସ୍ୱତ ଡ଼େପୁଟି କଲେକ୍ଟର ତନ୍ମୟ କୁମାର ଜେନା ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ୍‌ସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ପାଇଁ ଜିଲ୍ଲାପାଳଙ୍କ ଆବଶ୍ୟକ ମତେ ତଥ୍ୟ ଉପସ୍ଥାପନ କରିଥିଲେ । ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ଗୁଡ଼ିକର ଆଶୁ ସମାଧାନ ପାଇଁ ଶିବିରରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଢ଼େଙ୍କିକୋଟ, (ସବ୍ୟୁ) : ମଙ୍ଗଳବାର ଘଟଗାଁ ବ୍ଲକ୍ ଅନ୍ତର୍ଗତ ଙ୍କେିକୋଟ ଗ୍ରାମପଞ୍ଚାୟତ ଠାରେ ପଞ୍ଚାୟତ ସ୍ଥରୀୟ ସଚେତନତା ଶିବିର କାର୍ଯକ୍ରମ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ସ୍ତାନିୟ ସରପଞ୍ଚ ଖଇର ନାଏକ,ବ୍ଲକ ଚେୟାରମ୍ୟାନ ଗୀତାଞ୍ଜଳୀ ନାଏକ, ଆଠ ନମ୍ବର ଜୋନ ଜିଲାପରିଷଦ ରଂଜିତ ନାଏକ, ନଅ ନମ୍ବର ଜୋନ ଜିଲାପରିଷଦ ସୁରେନ୍ଦ୍ର ଜେନା, ଜେ ଇ ପ୍ରତାପ ବିହାରୀ, ସମିତିସଭ୍ୟା କଳ୍ପନା ନାଏକ, ନାୟବ୍ ସରପଞ୍ଚ ଗଣେଶ୍ୱର ନାୟକ ପ୍ରମୁଖ ମଞ୍ଚାସିନ ଥିଲେ । ଶିକ୍ଷକ ରୋହି କୁମାର ବେହେରାଙ୍କ ସଂଯୋଜନା ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସଚେତନତା ପାଲା,ସମେତ କେନ୍ଦୁଝରର ବର୍ଷା ଡ୍ୟାନ୍ସ ଗ୍ରୁପ, ଓ ସ୍ଥାନିୟ ଦୁଇ ନୃତ୍ୟଶିଳ୍ପୀ ସୋନାଲି ଓ ମୋନାଲି ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳା ସମେତ ଢ଼େଙ୍କିକୋଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲଙ୍ଗଳକଣ୍ଟି,କପାସପଡ଼ା,ଟିକିରା ଗ୍ରାମର ଲୋକମାନେ ଯୋଗ ଦେଇଥିଲେ।

## ପାଟଣା ପୋଲିସର ବଡ ସଫଳତା

# ଧରାପଡ଼ିଲେ ୭ ଆନ୍ତଃରାଜ୍ୟ ଲୁଟେରା



ପାଟଣା/ଢ଼େଙ୍କିକୋଟ , (ସବ୍ୟୁ) :କେନ୍ଦୁଝର ଜିଲ୍ଲା ପାଟଣା ପୁଲିସ, ଘଟଗାଁ ପୁଲିସ ଓ ଏସଡ଼ିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ଲଗାତାର ଅପେରେସନ୍ ଯୋଗୁଁ ମଙ୍ଗଳବାର ଦିନ ୭ଜଣ ଆନ୍ତଃ ରାଜ୍ୟ ଲୁଟେରା ଧରାପଡ଼ିଛନ୍ତି । ଆଗକୁ ଆହୁରି ଧରା ପଡିବାର ସୁଚନା ମିଳିଛି । ସେମାନଙ୍କ ପାଖରୁ ଅନେକ ସୁନା ଗହଣଝ, ଟଂକା,ଓ ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଲୁଟେରା ମାନେ ଗଞ୍ଜାମ ଓ ଯାଜପୁର ଜିଲ୍ଲାର ବୋଲି ଜଣାପଡିଛି । ସାତ ଜଣଙ୍କ ମଧରୁ ପାଞ୍ଚ ଜଣ ଏ ଶ୍ରୀନୁ (୩୦), କ୍ରିଷ୍ଣା ଦାସ୍ ( ୨୬),ଆଡେଲ ଏସୁ ( ୨୫), ବିଜୟ ଦାସ (୪୦) ଗଞ୍ଜାମ ଜିଲ୍ଲାର । ଅନ୍ୟ ଦୁଇଜଣ ଏ ମାଳିଙ୍ଗା ( ୩୦) ଏ ଶେଖର ( ୩୦) ଯାଜପୁର ଜିଲ୍ଲାର ବୋଲି ଜଣାପଡିଛି । ଏମାନେ ଚମ୍ପୁଆ,ତୁରମୁଙ୍ଗା, ପାଟନା,ଓ ଘଟଗାଁ ଥାନା ଅନ୍ତର୍ଗତ ଅଂଚଳରେ ଲୁଟପାଟ କରୁଥିଲେ ।ତେବେ ପାଟଣା ପୁଲିସ ଓ ଏସଡ଼ିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ପଞ୍ଜା ରେ ଶେଷରେ ପଡିଛନ୍ତି। ସଭିଙ୍କୁ ଅଧିକ ତଥ୍ୟ ସଂଗ୍ରହପାଇଁ ଜେରା ଚାଲିଛି । କିଛି ଦିନ ପୂର୍ବରୁ ପାଟଣା ଥାନା ଅନ୍ତର୍ଗତ ଧାନବେଣୀ ଗ୍ରାମ ର ହେମାନନ୍ଦ ମହାନ୍ତ ,ପିତା ଗୌର ମହାନ୍ତ ପାଟଣା ମାର୍କେଟରେ ଥିବା ଜୟ ଗୁରୁ ସୁନା ଗହଣା ଦୋକାନ ରୁ ଗହଣା କିଣା କିଣି କରି ନିଜ ବାଇକ ଯୋଗେ ନିଜ ଘର କୁ ଫେରୁଥିବା ସମୟରେ ପାଟଣା ବୈତରଣୀ ନଦୀ ଶିବ ମନ୍ଦିର ନିକଟରେ ଛିନତାଇ ଗ୍ୟାଙ୍ଗ ଦ୍ୱାରା ସମସ୍ତ ସୁନା ଗହଣା ଚୋରୀ ହୋଇଥିଲା ।ଏହି ଘଟଣା କୁ ଆଖି ଆଗରେ ରଖି କେନ୍ଦୁଝର ଏସ୍ ପି ଙ୍କ ନିର୍ଦ୍ଦେଶ କ୍ରମେ ଘଟଗାଁ ଏସ୍ ଡି ପି ଓ ଚମ୍ପୁଆ ଏସ୍ ଡି ପି ଓ ଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଏହି ଅନ୍ତରାଜ୍ୟ ଛିନତାଇ ଗ୍ୟାଙ୍ଗ କୁ କାବୁ କରା ଯାଇଥିଲା। ସେମାନଙ୍କ ପାଖରୁ ଗୋଟିଏ ସୁନା ମଙ୍ଗଳ ସୂତ୍ର,ଦୁଇଟି କାନ ଫୁଲ,ଗୋଟିଏ ସୁନା କଏନ,ଗୋଟିଏ ରିଙ୍ଗ ସହିତ ୫୪୨୮୬ ଟଙ୍କା ନଗଦ ପାଞ୍ଚଶହ ଟଙ୍କିଆ ନୋଟ ଏବଂଗୋଟିଏ ବାଜାଜ ପୁଲସର ବାଇକ(ଅ ଆର-୦୨-ବି ଏକ୍ସ-୫୮୨୬ )ସହିତ ଗୋଟିଏ ହିରୋ ସି ବି ଜେଡ୍( ଓ ଆର-୦୫-ଏ କ୍ୟୁ-୨୩୪୩)ଏବଂ ୫ ଟି ମୋବାଇଲ ଜବତ କରିଥିବା ସାମ୍ବାଦିକ ସମ୍ମିଳନୀରେ ଘଟଗାଁ ଏସ୍.ଡି.ପି.ଓ. ସୁଦର୍ଶନ ଗାଙ୍ଗୋଇ ସୂଚନା ଦେଇଛନ୍ତି।

# ବେତନଟୀ ବ୍ଲକ୍‌ରେ ଗଡ଼ିଲା ଲକ୍ଷ୍ମୀ ବସ୍

ବେତନଟୀ, (ସବ୍ୟୁ) : ମଙ୍ଗଳବାର ସକାଳେ ବେତନଟୀ ସରକାରୀ ବସ ଷ୍ଟାଣ୍ଡ ପରିସରରେ ଲକ୍ଷ୍ମୀ ବସ ଚଳାଚଳର ଶୁଭାରମ୍ଭ ହୋଇଛି ।ମଙ୍ଗଳବାର ସକାଳ ପ୍ରାୟ ୭ଟା ରେ ମୟୁରଭଞ୍ଜ ଜିଲା ଓ ଏସ ଆର ଟି ସି ର ସହକାରୀ ମ୍ୟାନେଜର ଆଦିତ୍ୟ ପ୍ରସାଦ ସାହଙ୍କ ତତ୍ତ୍ୱାବଧାନରେ ବିଶେଷ ଅତିଥି ଭାବେ ବ୍ଲକ ଅଧକ୍ଷା କୌଶଲ୍ୟା ମାଝୀ ଯୋଗଦାନ କରିବସ ଚଳା ଚଳର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧରେ ଉପାଧକ୍ଷ ଦେବଦତ୍ତ ତିଆଡ଼ି, ବିଡ଼ିଓ ଡ. ଅମୃତ କୁମାର ରାଉଳ, ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ । ବସଟି ବେତନଟୀ ସରକାରୀ ବସ ଷ୍ଟାଣ୍ଡରୁ ସକାଳ ୬ଟାରେ ବାହାରି ଅଗ୍ରିଆ, ନଡ଼ପୁର, ପାଟଳିପୁରା, ଯୁଗଳ. ହାତୀଝୁରି, କେନ୍ଦୁଆ, ବୈଶିଙ୍ଗା, ଗଡ଼ ଦେଉଳିଆ ଦେଇ କଲମା ରେ ପହଞ୍ଚି ପୁଣି ସେଠାରୁ ବେତନଟୀ ଫେରିବ ବୋଲି ଜଣାଯାଇଛି । ଏହି ଲକ୍ଷ୍ମୀ ବସ ଦିନ ମଧରେ ୩ ଥର ଚଳା ଚଳ କରିବ ବୋଲି କୁହାଯାଇଛି। ପରବର୍ତ୍ତୀ ଅବସ୍ଥାରେ ଆଉ ଦୁଇ ଟି ବସ ବିଭିନ୍ନ ସ୍ଥାନକୁ ଚଳା ଚଳ କରିବ ବୋଲି ଜଣାଯାଇଛି। ଏହି ବସରେ ମାତ୍ର ୫ ଟଙ୍କା ରେ ମହିଳା, ସ୍କୁଲ ଓ କଲେଜ ପିଲାଙ୍କ ସମେତ ଭିନ୍ନ କ୍ଷମ ମାନେ ଯିବା ଆସିବା କରିପାରିବେ ।ଏହି ବସ ଗ୍ରାମାଞ୍ଚଳ ବାସୀ ଙ୍କ ନିମନ୍ତେ ସହାୟକ ହେବ ବୋଲି ଜଣାଯାଇଛି ସୁପର ଭାଇଜର ଇସ୍ମିତା ସାହୁ ସହଯୋଗ କରିଥିଲେ ।

# ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଆଗରପଡ଼ା,(ସବ୍ୟୁ):ଆମ ଓଡ଼ିଶା,ନବୀନ ଓଡ଼ିଶା ସଚେତନତା ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆଗରପଡ଼ା ଚଉଦ ନମ୍ବର ଜୋନ ଅନ୍ତର୍ଗତ ବିଟିପୁର,କାଦବରାଙ୍ଗ ଓ ଆଡ଼ିଆ ପଂଚାୟତରେ ପୃଥକ ଭାବେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ବିଡିଓ ପ୍ରଦୀପ ସେଠୀ,ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ସଭ୍ୟା ରୁନିତା ଦାସ,ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ,ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି,ଯୁବ ସଭାପତି ସତ୍ୟସାଧନ ବେଜ,ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ,ଉପାଧକ୍ଷା ପ୍ରଗତିବାଳା ସ୍ୱାଇଁ,ସରପଂଚ ଶୁଭଦ୍ରା ସିଂହ,ତପୋଇ ସେଠୀ,ମୀନା କୁମାରୀ ଜେନା,ବିନୋଦିନୀ ମହାନ୍ତି,ପ୍ରକାଶ ବିଶ୍ୱାଳ,ସମିତିସଭ୍ୟା ଜ୍ୟୋର୍ତିମୟୀ ପଣ୍ଡା,ଯୁବନେତା ସପନ ସିଂହ,ବିଜୟ ଜେନା,ଭାଗିରଥୀ ସେଠୀ ପ୍ରମୁଖ ବିଭିନ୍ନ ପଂଚାୟତରେ ଆୟୋଜିତ ସଭାରେ ଉପସ୍ଥିତ ଥିଲେ। ବିଭିନ୍ନ ସଚେତନତାଧର୍ମୀ ନୃତ୍ୟ,ସଙ୍ଗୀତ କାର୍ଯ୍ୟକ୍ରମମାନ ପ୍ରଦର୍ଶୀତ ହୋଇଥିଲା। ଏହି ଅବସରରେ ବିଟିପୁର ପଂଚାୟତ ପକ୍ଷରୁ ସ୍ୱତନ୍ତ୍ରଭାବେ ଅକ୍ଷୟ ସିଂହ,ହେମନ୍ତ ସିଂହ,ପ୍ରଦ୍ୟୁମ୍ନ ପୁହାଣ,ଜିତେନ୍ଦ୍ର ଶତପଥି,ବିନୋଦ ଧଳସାମନ୍ତ,ସୁଶାନ୍ତ ଦାସ,ବିଶ୍ୱନାଥ ସିଂହ ପ୍ରମୁଖ ଗଣମାଧମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାଛଡ଼ା ସବୁ ପଂଚାୟତରେ କଳାକାର,ଅଙ୍ଗନବାଡ଼ି କର୍ମୀ,ଆଶାକର୍ମୀ,ଏସଏଚଜି ମହିଳା ଆଦି ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ମଧ କରାଯାଇଥିଲା।

# ନବୀନ ଓଡ଼ିଶା କାର୍ଯ୍ୟକ୍ରମ : ବିଜେଡ଼ି-ବିଜେପି ମୁହାଁମୁହିଁ

ଭୋଗରାଇ, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୁଣସାର୍ଥା ପଞ୍ଚାୟତ ପ୍ରିୟବାଗ ଠାରେ ମଙ୍ଗଳବାର ଦିନ ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଜେଡ଼ି ଓ ବିଜେପି ମୁହାଁମୁହିଁ ହୋଇଥିବା ବେଳେ ଉଭୟ ପକ୍ଷରୁ ଠେଲାପେଲା ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଆମଓଡ଼ିଶା- ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ସରପଞ୍ଚ ରଜନୀକାନ୍ତ ସାହୁ ଓ ସମିତି ସଭ୍ୟା ମାଳାବତୀ ଜେନା ପ୍ରମୁଖ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳର ବିକାଶ ଧାରା ସମ୍ପର୍କରେ ମତ ପ୍ରକାଶ କରିବା ପରେ ମୁଖ୍ୟ ଅତିଥି ଭୋଗରାଇ ବିଧାୟକ ଅନନ୍ତ ଦାସ ସରକାରଙ୍କ ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖୁ ଥିଲେ । ଏହି ସମୟରେ ମଂଚ ସାମ୍ନାରେ ଚେୟାରରେ ବସିଥିବା ୧୦ରୁ ଅଧିକ ମହିଳା ଓ ପୁରୁଷ ବ୍ୟକ୍ତି ଉଠିପଡ଼ି ଆମ ଗ୍ରାମରେ ରାସ୍ତା କାହିଁକି ହେଉ ନାହିଁ ଓ ଗରିବ ଲୋକମାନେ ସରକାରଙ୍କ ଯୋଜନାଗୁଡ଼ିକର ସୁଫଳ କାହିଁକି ପାଉ ନାହାଁନ୍ତି ବୋଲି ପାଟି କରିବା ସହିତ ଏକ ସମୟରେ ଜୟଶ୍ରୀରାମ ନାରାବାଜି ପ୍ରଦର୍ଶନ କରିବାରୁ ସଭାମଂଚ କିଛି ସମୟ ପାଇଁ ଉତ୍ତପ୍ତ ହୋଇଥିଲା । ଭାଜପା ସମର୍ଥିତ ଶ୍ରୀରାମ ଭକ୍ତମାନେ ଜୟଶ୍ରୀରାମ ଧ୍ୱନି ଦେଇ ସଭାକୁ ଭଣ୍ଡୁର ନିମନ୍ତେ ସଭା ମଂଚ ଆଡ଼କୁ ମାଡ଼ି ଆସୁଥିବା ବେଳେ ବିଜେଡ଼ି କର୍ମୀମାନେ ସେମାନଙ୍କୁ ଅଟକାଇବାରୁ ଉଭୟ ବିଜେଡ଼ି ଓ ବିଜେପି ସମର୍ଥକଙ୍କ ମଧରେ କିଛି ସମୟ ଠେଲାପେଲା ହୋଇଥିଲା । ଏହି ଦୃଶ୍ୟ ଦେଖି ମୁଖ୍ୟ ଅତିଥି ଗଣ୍ଡଗୋଳ ଆଶଙ୍କା କରି ସଭା ମଂଚ ଛାଡ଼ି ଚାଲିଯାଇଥିଲେ । ଏହି ଘଟଣା କମର୍ଦ୍ଦା ଥାନାରେ ପହଞ୍ଚିବା ପରେ ତୁରନ୍ତ ପୁଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଏହି ସମ୍ବାଦ ଲେଖାଯିବା ପର୍ଯ୍ୟନ୍ତ କମର୍ଦ୍ଦା ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ଆଇଆଇସି ପ୍ରିୟମ୍ବଦା ନାୟକ କହିଛନ୍ତି ।

# ୧୬ ଧର୍ମଘଟକୁ ବିଭିନ୍ନ ରାଜନୈତିକ ଦଳର ସମର୍ଥନ

ବାଲେଶ୍ୱର, (ସବ୍ୟୁ) : ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍, ସ୍ୱାଧୀନ ଫେଡେରେସନ୍, ବିଭିନ୍ନ ଏସୋସିଏସନ୍ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା ତରଫରୁ ଦରଦାମ୍ ବୃଦ୍ଧି, ବେକାରୀ ବୃଦ୍ଧି ସାଙ୍ଗକୁ ଶ୍ରମ ଆଇନ୍‌ପରିବର୍ତ୍ତନ ବିରୁଦ୍ଧରେ ଚାଷର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ୱାମୀନାଥନ କମିଟି ସୁପାରିସ୍ ଅନୁଯାୟୀ ଆଇନ୍ ପରିଣତ କରିବା ସହିତ ୨୧ ଦଫା ଦାବି ସହିତ ମୋଦୀ ହଟାଅ-ଦେଶ ବଞ୍ଚାଅ ଦାବି ଉପରେ ଦେଶତମାମ ସାଧାରଣ ଧର୍ମଘଟ ଆହ୍ୱାନକୁ ମଙ୍ଗଳବାର ଦିନ ଜାତୀୟ କଂଗ୍ରେସ୍, ସି.ପି.ଆଇ, ସି.ପି.ଆଇ(ଏମ୍), ଫରୱାର୍ଡ଼ ବ୍ଲକ୍ ଏବଂ ତୃଣମୂଳ କଂଗ୍ରେସ୍ ଦଳ ବାଲେଶ୍ୱର ଠାରେ ବରିଷ୍ଠ ବାମପନ୍ଥୀ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସି.ପି.ଆଇ.(ଏମ୍) କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଏହି ଆନ୍ଦୋଳନକୁ ସମର୍ଥନ ଜ୍ଞାପନ କରାଯାଇଛି। ଜିଲ୍ଲାର ସମସ୍ତ ଶିଳ୍ପ-କାରଖାନା ଶ୍ରମିକ, ବିଭିନ୍ନ ସ୍କିମ୍‌ରେ ଥିବା ଶ୍ରମିକ କର୍ମଚାରୀ, କୃଷି ଶ୍ରମିକ ଓ ଅସଂଗଠିତ ଶ୍ରମିକମାନେ ଧର୍ମଘଟରେ ସାମିଲ ହେବେ। ଗ୍ରାମାଞ୍ଚଳରେ କୃଷକ ସଂଗଠନମାନେ ୧୬ ଫେବୃଆରୀ, ୨୦୨୪ ସାଧାରଣ ଧର୍ମଘଟକୁ ସଫଳ କରାଇବେ ବୋଲି ଆଜିର ବୈଠକରେ ଘୋଷଣା କରାଯାଇଛି। ଏହି ବୈଠକରେ ଜାତୀୟ କଂଗ୍ରେସର ଜିଲ୍ଲା ସଭାପତି ସଂଜୀବ ଗିରି, ଆଇ.ଏନ୍.ଟି.ୟୁ.ସି ସଭାପତି ସୁରେଶ ବେହେରା, ସି.ପି.ଆଇ (ଏମ୍) ଜିଲ୍ଲା ସଂପାଦକ ଶିଶିର ହୁଇ, ନିର୍ମଳ ନାୟକ, ଶ୍ୟାମସୁନ୍ଦର ଜେନା, ସି.ପି.ଆଇ. ଜିଲ୍ଲା ନେତୃତ୍ୱ ଶ୍ୟାମସୁନ୍ଦର ଜେନା, ଫରୱାର୍ଡ଼ ବ୍ଲକ୍‌ର ନେତା ସର୍ବେଶ୍ୱର ମିଶ୍ର, ତୃଣମୂଳ କଂଗ୍ରେସର ନେତା ନଂଦନ ପାଲ, ସେକ୍ ଅବଦୁଲ ତାରିବ୍, ସେକ୍ ରହମତ୍, ସାଜନ ସାହା ପ୍ରମୁଖ ଯୋଗ ଦେଇଥିଲେ।

# ଦିଲ୍ଲୀପ ଥିଲେ ଜଣେ ମୁକୁଟବିହୀନ ସମ୍ରାଟ, ଦରଦୀ ଜନନେତା

ଭଦ୍ରକ,(ସବ୍ୟୁ): ତାଙ୍କ ପାଖରେ ସରକାରୀ କ୍ଷମତା ନଥିଲା, କି କୌଣସି ପଦ-ପଦବୀରେ ସେ ନଥିଲେ । ସେ କିନ୍ତୁ ତାଙ୍କ ପାଖରେ ପଂହଚୁ ଥିବା ପ୍ରତିଟି ସାଧାରଣ ମଣିଷଙ୍କ ସମସ୍ୟା, ଦୁଃଖ ଦୂର କରିବାରେ ସେ ସକ୍ଷମ ହେଉଥିଲେ । ବାସ୍ତବରେ ଥିଲେ ସେ ଜଣେ ମୁକୁଟବିହୀନ ସମ୍ରାଟ, ଦରଦୀ ରାଜନେତା । ଏପରିକି ଜୀବନର ଶେଷ ପର୍ଯ୍ୟନ୍ତ ସେ ଲୋକଙ୍କ ପାଇଁ କାମ କରୁଥିଲେ ବୋଲି ଆଜି ଧାମନଗର ନିର୍ବାଚନ ମଣ୍ଡଳ ର ବିଶିଷ୍ଟ ଜନନେତା, ପ୍ରାକ୍ତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ମଝିଆପୁତ୍ର, ପ୍ରାକ୍ତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକ ଓ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକଙ୍କ ସାନଭାଇ ତଥା ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଅଗ୍ରଜ ସ୍ୱର୍ଗତଃ ଦିଲ୍ଲିପ କୁମାର ମଲ୍ଲିକ(ବୁଲା)ଙ୍କ ଅନ୍ତେଷ୍ଟିକ୍ରିୟା ଅବସରରେ ଭଦ୍ରକ ତୃପ୍ତିପ୍ଲାଜା ଠାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବକ୍ତବ୍ୟରେ ଏହା ସ୍ମୃତିଚାରଣ କରିଥିଲେ । ଆହୁରି ମଧ ସ୍ମୃତିଚାରଣ କରି ଅନେକ ସ୍ୱର୍ଗତ ଦିଲ୍ଲୀପ(ବୁଲା)ଜଣେ ଦକ୍ଷ ସଙ୍ଗଠକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ରଖିଥିଲେ ବୋଲି କହିଥିଲେ । ବରିଷ୍ଠ ଆଇନଜୀବୀ ରୋଟାରିଆନ୍ ଅତିସ୍ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବିଧାୟକ ନରେନ୍ ପଲେଇ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ରାଜ୍ୟ ମହିଳା ସଂଖ୍ୟାଲଘୁ ବିଜେଡି ନେତ୍ରୀ ତାହେରା ଖାତୁନ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଧାମନଗର ଏନଏସି ଅଧକ୍ଷା ନିବେଦିତା ଜେନା, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତଲତା ନାୟକ, ଆଇନଜୀବୀ ଦିବ୍ୟସିଂ ନାୟକ, ସୁରଜିତା ନାୟକ, ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, କାଉନସିଲର-ସେଖ ଜୁଲଫିକର ଅଲ୍ଲି, ଦିଲ୍ଲିପ ନାୟକ, ଆଶୀଷ ଅମିତାଭ ମହାପାତ୍ର, ବରିଷ୍ଠ ନେତା କ୍ଷୀରୋଦ ରାଉତ, ବିଶ୍ୱନାଥ ନାୟକ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରବୀର ଜେନା ଓ ପ୍ରଣୟ ଦାସ, ମହିଳା ବିଜେଡି ସଭାନେତ୍ରୀ ଦେବୀଦତା ମହାନ୍ତି, ନବୀନ ଓଡିଶା, ମୋ ଓଡିଶା ଜିଲ୍ଲା ସଂଯୋଜକ ଡା.ସଞ୍ଜୟ ଦାସ, ଭଦ୍ରକ ସ୍ୱୟଂ କଲେଜ ଅଧକ୍ଷ ଦୁର୍ଗାଚରଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ ଜେନା, ଭଦ୍ରକ ବ୍ଲକ ଉପାଧକ୍ଷ ମୁକୁନ୍ଦଦେବ ସାମଲ, ସମାଜସେବୀ ରୋଟାରିଆନ୍ ଶିଶିର ମିଶ୍ର, ବେଦପ୍ରକାଶ ଗୁପ୍ତା, ପ୍ରୀତିରଂଜନ ଜେନା, ଅଶୋକ ବିଶ୍ୱାଳ, ଡାକ୍ତର ପ୍ରଦୀପ ନାୟକ, ଡାକ୍ତର ହରେକୃଷ୍ଣ ନାୟକ, ଶେଖର ମହାପାତ୍ର, ବେଲୁ ପଟ୍ଟନାୟକ, ଲକ୍ଷ୍ମଣ ମିଶ୍ର, ସୁଧାକର ରାଉତ, ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି, ଅଶୋକ ବଳ, ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ମହାପାତ୍ର, ରାଧା ଦାସ, ଭାଗିରଥୀ ବଳ, ସୁରେଶ ମହାନ୍ତି, ପଙ୍କଜ ବଳ, ରାଜେନ୍ଦ୍ର ଜେନା, ସୁଧ୍ୱନ ନାୟକ, ସୂର୍ଯ୍ୟକୁମାର ଦାସ, ମୁକ୍ତିକାନ୍ତ ମଲ୍ଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ସାହିତ୍ୟିକ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାଣ କରିଥିଲେ । ଏହି ସ୍ମୃତିଚାରଣ ଉତ୍ସବରେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଓ ପୁରା ପରିବାର ବର୍ଗ ଉପସ୍ଥିତ ଥିଲେ।



# ସୋର ମହୋତ୍ସବ ଉଦ୍‌ଯାପିତ

ସୋର,(ସବ୍ୟୁ) : ସାତଦିନ ଧରି ଆୟୋଜିତ ହୋଇଥିବା ୧୬ ତମ ସୋର ମହୋତ୍ସବ ସୋମବାର ଦିନ ଉଦଯାପିତ ହୋଇଯାଇଛି। ମହୋତ୍ସବର ଉଦ୍‌ଯାପନି ସନ୍ଧ୍ୟାରେ ମିଟିର ସଭାପତି ଗୌରୀଶଙ୍କର ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଜେପି ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ ବିଜେପି ନେତା ତଥା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ଉପସଭାପତି ରାକେଶ ମଳିକ, ସମ୍ମାନିତ ଅତିଥିଭାବେ ପୌର ଉପାଧକ୍ଷା ସସ୍ମିତା ଦାସ,ମୃତ୍ୟୁଞ୍ଜୟ ଜେନା,ଚିତ୍ରଶିଳ୍ପୀ ଗଜେନ୍ଦ୍ର ସାହୁ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେଛ ତାପସ ପାତ୍ର ମଞ୍ଚ ଆବାହନ କରିଥିବା ବେଳେ ଗୟାଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଶେଷରେ ସମ୍ପାଦକ ଅଜିତ ନାୟକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବନ୍ଦେମାତାରମ କଲଚୁରାଲ ଆସୋସିଏସନ ର ସମସ୍ତ କର୍ମକର୍ତା ପରିଚାଳନା କରିଥିଲେ।



(ଶ୍ରୀମଭଗବଦ୍ ଗୀତା ୩/୪୩)
–କର୍ମ୍ମଯୋଗଃ–
(ଶ୍ରୀଭଗବାନୁବାଚ )
ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା ।
ଜହି ଶତ୍ରୁଂ ମହାବାହୋ ! କାମରୂପଂ ଦୁରାସଦମ୍ ।। ୪୩ ।।
ହେ ମହାବାହୋ ! ଏହିପରି ଆତ୍ମାକୁ ବୁଦ୍ଧିଠାରୁ ଶ୍ରେଷ୍ଠ ଜ୍ଞାନ କରି ଓ ସଂଶୟବିହୀନ ବୁଦ୍ଧିଦ୍ୱାରା ମନକୁ ସ୍ଥିର କରି କାମରୂପ ଦୁର୍ଜୟ ଶତ୍ରୁକୁ ସଂହାର କର ।।୪୩।।

# କଥା କଥାକେ ରାଜନୀତି

ସମ୍ପାଦକୀୟ

ନିର୍ବାଚନ ଆସିଲେ କଥା କଥାକୁ ନେଇ ରାଜନୀତି ଆରମ୍ଭ ହେଇଯାଏ । ରାଜନୈତିକ ଦଳ ଓ ନେତା ମଧ୍ୟ ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ରଣକୌଶଳ ଆପଣାଇଥାନ୍ତି । ଏହା ଅପରିହାର୍ଯ୍ୟ ଯେ ଯେତେବେଳେ ନିର୍ବାଚନ ଡାକରା ଆସେ ସବୁ କଥାରେ ରାଜନୀତିର ଏକ ଉପାଦାନ ରହିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ, ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂ ଏବଂ ପି.ଭି ନରସିଂହ ରାଓ ଓ ଡକ୍ଟର ଏମ ଏସ ସ୍ୱାମୀନାଥନଙ୍କୁ ଭାରତ ରତ୍ନ ପ୍ରଦାନ କରିବାର ନିଷ୍ପତ୍ତି ଏକ ରାଜନୈତିକ ବିତର୍କ ସୃଷ୍ଟି କରିଛି । ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରି ଠାକୁର (ଯାହା ନୀତୀଶ କୁମାରଙ୍କୁ ପୁଣିଥରେ ଏନଡିଏକୁ ଫେରିବାକୁ ପ୍ରବର୍ତ୍ତାଇଥିଲା) ଏବଂ ପୂର୍ବତନ ଉପ–ପ୍ରଧାନମନ୍ତ୍ରୀ ଏଲ.କେ ଆଡଭାନୀଙ୍କୁ ମଧ୍ୟ ଭାରତ ରତ୍ନ ଦେବା ନେଇ ଘୋଷଣା କରାଯିବା ପରେ ରାଜନୈତିକ ବିତର୍କ ଦେଖା ଦେଇଥିଲା । ବିଶେଷ ଭାବରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ ପି ଭି ନରସିଂହ ରାଓଙ୍କୁ ଏହି ସମ୍ମାନରେ ସମ୍ମାନିତ କରିବା ବିତର୍କକୁ ବଢ଼ାଇ ଦେଇଛି । କିନ୍ତୁ ଏହା ସମସ୍ତଙ୍କ ପାଇଁ ଖୁସିର କଥା, ଆନନ୍ଦର କଥା । ଚରଣ ସିଂ ଉତ୍ତରପ୍ରଦେଶର ପ୍ରଥମ ଅଣ–କଂଗ୍ରେସ ମୁଖ୍ୟମନ୍ତ୍ରୀ ଥିଲେ ଏବଂ ୧୯୭୯ରେ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । 'କୃଷକଙ୍କ ଚାମ୍ପିଅନ୍' ଭାବରେ ତାଙ୍କୁ ଉତ୍ତର ଭାରତରେ କୃଷି ସମ୍ପ୍ରଦାୟକୁ ନେଇ ଏକ ନୂତନ ରାଜନୈତିକ ଶ୍ରେଣୀ ଗଠନ ହେବାର ଶ୍ରେୟ ରହିଛି । ବିଭିନ୍ନ ପ୍ରକାରର ସଂସ୍କାର ମୂଳକ କାର୍ଯ୍ୟ ପାଇଁ, ବିଶେଷ ଭାବରେ ଜମିଜମା କ୍ଷେତ୍ରରେ କେତେକ ସଂସ୍କାର ପାଇଁ ସେ ସବୁଦିନେ ସ୍ମରଣୀୟ ହେଇ ରହିବେ । ତାଙ୍କର ଦୀର୍ଘ ଦିନର ରାଜନୈତିକ ଜୀବନ ଏବଂ ସଂଘର୍ଷ ସବୁବେଳେ ଆମ ସମସ୍ତଙ୍କୁ ପ୍ରେରଣା ଦେଇଆସିଛି । ତାଙ୍କୁ ଆମେ ସମ୍ମାନିତ କରିବା ଆମର ଦାୟିତ୍ୱ । ବିଳମ୍ବରେ ହେଲେ ମଧ୍ୟ ଆଜି ଦେଶ ତାଙ୍କୁ ସମ୍ମାନିତ କରିବ–ଏହାକୁ ନେଇ ତର୍କ କରିବାର କିଛି ନାହିଁ, ବରଂ ତାଙ୍କୁ ସମ୍ମାନିତ କରି ଆମେ ନିଜକୁ ଗୌରବାନ୍ୱିତ କରିବା । ସେହିପରି ଆଉ ଜଣେ ଯୋଗଜନ୍ମା ପୂର୍ବତନ ପ୍ରଧାନମନ୍ତ୍ରୀ ପି ଭି ନରସିଂହ ରାଓଙ୍କୁ ମଧ୍ୟ ଭାରତ ରତ୍ନ ପ୍ରଦାନ କରାଯିବ । ରାଓଙ୍କ ନେତୃତ୍ୱରେ ଭାରତୀୟ ଅର୍ଥନୀତିର ଚେହେରା ବଦଳି ଯାଇଥିଲା । ତାଙ୍କ ସମୟରେ ହେଇଥିବା ଅର୍ଥନୈତିକ ସଂସ୍କାର ଭାରତୀୟ ଅର୍ଥନୀତିକୁ ଉଦାର କରିଥିଲା ଏବଂ ଅର୍ଥନୀତିକୁ ସଜାଡିବାରେ ସହାୟକ ହେଇଥିଲା । ତେଲୁଗୁ ସମ୍ପ୍ରଦାୟର ପ୍ରଥମ ବ୍ୟକ୍ତି ଭାବରେ ସେ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ ଏବଂ ତାଙ୍କ କାର୍ଯ୍ୟକାଳ ବେଶ ଉଲ୍ଲେଖନୀୟ ଥିଲା । ଅର୍ଥନୀତିରେ ଏକ ବିରାଟ ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ବିଶ୍ୱବଜାର ସହ ସମ୍ପର୍କ ବୃଦ୍ଧି ଦ୍ୱାରା ଏକ ନୂତନ ଯୁଗର ବିକାଶ ହେଇଥିଲା । ଭାରତର ବୈଦେଶିକ ନୀତି, ଭାଷା ଏବଂ ଶିକ୍ଷା କ୍ଷେତ୍ରରେ ଥିବା ଅବଦାନ ଜଣେ ନେତା ଭାବରେ ତାଙ୍କର ବହୁମୁଖୀ ଉତ୍ତରାଧିକାରୀକୁ ଦର୍ଶାଉଛି ଯିଏ କେବଳ ଭାରତକୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପରିଚାଳନା କରିନାହାଁନ୍ତି ବରଂ ଏହାର ସାଂସ୍କୃତିକ ତଥା ବୌଦ୍ଧିକ ଐତିହ୍ୟକୁ ସମୃଦ୍ଧ କରିଛନ୍ତି । ଏବେ ମଧ୍ୟ ଆମେ ସ୍ୱୀକାର କରିବା, ଉଦାରୀକରଣ ଅର୍ଥନୀତି ସମୃଦ୍ଧତାକୁ ବୃଦ୍ଧି କରିଛି ଏବଂ ଅନେକ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତି କରିପାରିଛି । ଜାତୀୟ ରାଜନୀତିରେ ପଣ୍ଡିତ–ରାଜନେତା, ବହୁଭାଷୀ ଏବଂ ଜଣେ ଚମତ୍କାରୀ ରଣନୀତିଜ୍ଞ ଭାବରେ ନିଜ ପାଇଁ ଏକ ସ୍ଥାନ ଅର୍ଜନ କରିଥିଲେ । ଦେଶର ଗୋଟିଏ ଘଡ଼ିସନ୍ଧି ମୁହୂର୍ତ୍ତରେ ତାଙ୍କର ନେତୃତ୍ୱ ସବୁବେଳେ ସ୍ମରଣୀୟ ହେଇ ରହିବ । ସେହିପରି କୃଷି ବୈଜ୍ଞାନିକ ଏମ ଏସ ସ୍ୱାମୀନାଥନଙ୍କ ଅବଦାନ ମଧ୍ୟ ଦେଶକୁ କୃଷି କ୍ଷେତ୍ରରେ ସ୍ୱାବଲମ୍ବୀ କରି ପାରିଥିଲା । ତେଣୁ ଦେଶ ଏହି ତିନିଜଣ ମହାପୁରୁଷଙ୍କୁ ସମ୍ମାନିତ କରିବାରେ ଅସୁବିଧା ରହିଲା କୋଉଠି ? କୃଷି ବୈଜ୍ଞାନିକ ଏମ ଏସ ସ୍ୱାମୀନାଥନଙ୍କୁ ଭାରତ ରତ୍ନ ନେଇ କେହି କୌଣସି ସମାଲୋଚନା କରୁ ନ ଥିଲେ ମଧ୍ୟ, ଚୌଧୁରୀ ଚରଣ ସିଂହ ଏବଂ ନରସିଂହ ରାଓଙ୍କୁ ଏହି ସମ୍ମାନ ପ୍ରଦାନ ନେଇ କିଛି ପ୍ରଶ୍ନ ଉଠିଛି । କେହିବି ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିବା ନେଇ ବିରୋଧ କରିନାହାନ୍ତି କିନ୍ତୁ ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଘୋଷଣାର ସମୟ ନେଇ ବିତର୍କ ହେଉଛି ଏବଂ ହେବା ମଧ୍ୟ ସ୍ୱାଭାବିକ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଲୋକସଭା ନିର୍ବାଚନ ପୂର୍ବରୁ ଘୋଷଣା ପଛରେ ଏକ ସ୍ପଷ୍ଟ ରାଜନୈତିକ ବାର୍ତ୍ତା ରହିଛି । ପିଭିଙ୍କୁ ସମ୍ମାନ ଜଣାଇ ବିଜେପି ନେତୃତ୍ୱ ଏକ ବାର୍ତ୍ତା ପଠାଇବାକୁ ଚାହୁଁଛନ୍ତି ଯେ ଦଳମତ ନିର୍ବିଶେଷରେ ଏହା ଦେଶର ବରପୁତ୍ରଙ୍କୁ ସମ୍ମାନ କରେ । ଏହା ସତ୍ୟ ଯେ ନେହେରୁ–ଗାନ୍ଧି ପରିବାର ବାହାରୁ ପ୍ରଧାନମନ୍ତ୍ରୀ ହେଇଥିବା ପିଭି ସହିତ କଂଗ୍ରେସର ସମୀକରଣ ସେତେ ଭଲ ନ ଥିଲା । କିନ୍ତୁ ପିଭି ନରସିଂହ ରାଓଙ୍କ ପରି ଜଣେ ବ୍ୟକ୍ତିତ୍ୱଙ୍କୁ ଭାରତ ରତ୍ନରେ ସମ୍ମାନିତ କରି ଆମେ ଖୁସି ହେବା କଥା ଏବଂ ଗର୍ବ କରିବା କଥା । ତାଙ୍କୁ ଭାରତରତ୍ନରେ ସମ୍ମାନିତ କରିବା ଆମର ଦାୟିତ୍ୱ । ଏହି ନିଷ୍ପତ୍ତିକୁ ଦଳମତ ନିର୍ବିଶେଷରେ ସ୍ୱାଗତ କରିବା କଥା । ଭାରତ ରତ୍ନ ପାଇଁ ଚରଣ ସିଂଙ୍କ ନାମ ଘୋଷଣା କରିବା ଦ୍ୱାରା ତାଙ୍କ ନାତି ଜୟନ୍ତ ଚୌଧୁରୀଙ୍କ ନେତୃତ୍ୱରେ ଥିବା ଆରଏଲଡି ବିଜେପି ନେତୃତ୍ୱାଧୀନ ଏନଡିଏରେ ଯୋଗ ଦେଇଛି । ଆରଏଲଡିର ସମାଜବାଦି ପାର୍ଟି ସହ ଆସନ ବୁଝାମଣା ନେଇ କଥାବାର୍ତ୍ତା ଚାଲିଥିଲା ଏବଂ ଏବେ ଆରଏଲଡି ଏହାର ପଟ ପରିବର୍ତ୍ତନ କରିଛି । ତେଣୁ ଚୌଧୁରୀ ଚରଣ ସିଂହଙ୍କୁ ଭାରତ ରତ୍ନ ଦେବା ନେଇ ଘୋଷଣା ପରେ ଆରଏଲଡି ମୁଖ୍ୟ ଖୁସି ବ୍ୟକ୍ତ କରିଛନ୍ତି । ଚରଣ ସିଂହଙ୍କୁ ଏହି ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରି ପଶ୍ଚିମ ୟୁପି, ହରିୟାଣା ଏବଂ ରାଜସ୍ଥାନରେ ବିଜେପିର ନିର୍ବାଚନ ସମ୍ଭାବନାକୁ ବଢାଇବାର ସମ୍ଭାବନା ରହିଛି ଯାହା କୃଷିଭିତ୍ତିକ ଅଞ୍ଚଳ । ସେହିପରି ନରସିଂହ ରାଓଙ୍କୁ ଏହି ସମ୍ମାନରେ ସମ୍ମାନିତ କରିବା ଦ୍ୱାରା ତେଲେଗୁ ଭାଷାଭାଷୀ ଅଞ୍ଚଳରେ ଏହାର ପ୍ରଭାବ ପଡିବ ବୋଲି ଆଶା କରାଯାଉଛି । ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରି ଠାକୁରଙ୍କୁ ମଧ୍ୟ ଭାରତ ରତ୍ନ ପ୍ରଦାନ କରିବା ଦ୍ୱାରା ପଛୁଆ ତଥା ଅତ୍ୟଧିକ ପଛୁଆ ସମ୍ପ୍ରଦାୟକୁ ବିଜେପି ଦେଇଥିବା ଗୁରୁତ୍ୱ ଦର୍ଶାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଇଥିଲା । ଏହି ଘୋଷଣା ପରେ ନୀତୀଶ କୁମାର ଏନଡିଏକୁ ଫେରିଥିଲେ । ଏ ସବୁକୁ ରାଜନୈତିକ ଦୃଷ୍ଟିରେ ଦେଖାଯାଉଛି । ଦେଖାଯିବା ସ୍ୱାଭାବିକ ମଧ୍ୟ । କିନ୍ତୁ ନିର୍ବାଚନ ଯଥେଷ୍ଟ ପୂର୍ବରୁ ବା ବିଗତ ବର୍ଷଗୁଡିକରେ ଏହା ଘୋଷଣା ହେଇଥିଲେ ହୁଏତ ଏ ପ୍ରକାର ଆଲୋଚନା ହେଇ ନ ଥାନ୍ତା । ତେବେ ସବୁଠାରୁ ବଡ କଥା, ପ୍ରାୟ ସବୁ ଦଳ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଏହି ନିଷ୍ପତ୍ତି ପଛରେ ଉଦ୍ଦେଶ୍ୟ ଯାହା ଥାଉନା କାହିଁକି ଏହା ଏକ ମହତ କାର୍ଯ୍ୟ ଏବଂ ଆମର କର୍ତ୍ତବ୍ୟ । ଏହାକୁ ନେଇ ରାଜନୀତି ନ ହେବା ଦରକାର ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଜ୍ଞାନଦାତ୍ରୀ ଦେବୀ ମା' ସରସ୍ୱତୀ

## ଡକ୍ଟର ଲକ୍ଷ୍ମଣ ସାହୁ



ପବିତ୍ର ସରସ୍ୱତୀ ପୂଜା ମାଘ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ପାଳନ ହୁଏ । ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଅତ୍ୟନ୍ତ ପବିତ୍ର ତଥା ବେଦସମ୍ମତ । ହିନ୍ଦୁ ସଂସ୍କୃତିରେ ମା' ସରସ୍ୱତୀଙ୍କୁ ସିଦ୍ଧିଦାତ୍ରୀ, କଳାର ଅଧିଷ୍ଠାତ୍ରୀ ତଥା ବିଦ୍ୟା ଦାୟିନୀ ଭାବରେ ପୂଜା କରାଯାଏ । ବସନ୍ତ ମାସର ପଞ୍ଚମୀ ତିଥିରେ ପଡୁଥିବା ଯୋଗୁ ଏହାକୁ ବସନ୍ତ ପଞ୍ଚମୀ ବା ଶ୍ରୀପଞ୍ଚମୀ କୁହାଯାଏ । ମା' ସରସ୍ୱତୀଙ୍କ ପୂଜାରେ ପଞ୍ଚାମୃତ, ଧଳା ଫୁଲ, ଚନ୍ଦନ, ଆଖୁ, ଖିରି, ଧଳା ବସ୍ତ୍ର, ମୋତି, ରୂପା, ଧଳାମାଳି ଅଳଙ୍କାର , ଅଦା, ଅଁଳା, ଘିଅ, ନଡ଼ିଆ, ବରକୋଳି ଆଦି ଅର୍ପଣ କରାଯାଏ ।

ପାରମ୍ପରିକ ରୂପରେ ସରସ୍ୱତୀ ଶୁକ୍ଳ ବସ୍ତ୍ର ପରିଧାନ କରି କର୍ଣ୍ଣରେ ରତ୍ନବିଭୂଷିତ କୁଣ୍ଡଳ ଧାରଣ କରି ଗଳାରେ ଗଜମୋତି ଓ ମୁକ୍ତାହାର ପିନ୍ଧି ଓ ହସ୍ତରେ ବୀଣା ଓ ପୁସ୍ତକ ଧାରଣ କରି ପଦ୍ମାସନରେ ଶ୍ୱେତପଦ୍ମ ଉପରେ ଅଧିଷ୍ଠାତ୍ରୀ ହୁଅନ୍ତି । ତେଣୁ ତାଙ୍କୁ ବାଣୀ ବୋଲି ମଧ୍ୟ କୁହାଯାଏ । ତାଙ୍କର ଅନ୍ୟ ନାମ ସବୁ ହେଲା ବୀଣା ପୁସ୍ତକ ଧାରିଣୀ, ବାଗ୍‌ଦେବୀ ବରଦା, ମା ସରସ୍ୱତୀ ଇତ୍ୟାଦି । ସରସ୍ୱତୀ ଶବ୍ଦର ମୂଳ ଅର୍ଥ ହେଉଛି ସ୍ୱତଃ ବତୀ, ଅର୍ଥାତ୍ ପ୍ରସରଣ ଯାହାଙ୍କର ଅଛି । ଅଜ୍ଞାନ ଅନ୍ଧକାର ମଧ୍ୟରୁ ତେଜୋମୟ ଦିବ୍ୟଧାମକୁ ବାଟ କଢାଇ ନେବାର ସେ ହେଉଛନ୍ତି ଅଧିଷ୍ଠାତ୍ରୀ ଦେବୀ । ସରସ୍ୱତୀ ଶବ୍ଦ ସରସ (ଗତି, ପ୍ରବାହ) ଓ ବତୀ (ଅଛି, ମାନା) ଶବ୍ଦରୁ ଆସିଅଛି । ଏହାର ଅର୍ଥ ଗତିଶୀଳା । ଯାହା ପ୍ରଗତିର ସୂଚକ । ସେ ସ୍ରୋତସ୍ୱତୀ ପରି ପ୍ରବହମାନା, ଜ୍ଞାନର ଅଧିଷ୍ଠାତ୍ରୀ ଦେବୀ । ସେ ହେଉଛନ୍ତି ବାକ୍ୟର ଦେବୀ ବାଗ୍‌ଦେବୀ, ବାଣୀ, ଶାରଦା । ମା' ଯୋଗମାୟା ଆଦ୍ୟାଶକ୍ତିଙ୍କ କଣ୍ଠରୁ ସରସ୍ୱତୀ ସମ୍ଭୁତା । ମା' ସରସ୍ୱତୀ, ମା' ଲକ୍ଷ୍ମୀ ଓ ମା' କାଳୀ ତିନୋଟି ସ୍ୱରୂପ ଆଦ୍ୟାଶକ୍ତିଙ୍କର ।

ପୌରାଣିକ ଗ୍ରନ୍ଥଗୁଡ଼ିକରେ ବସନ୍ତ ପଞ୍ଚମୀ ସମ୍ବନ୍ଧରେ ନାନା କାହାଣୀ ରହିଛି । ଉପନିଷଦରେ ବର୍ଣ୍ଣିତ କାହାଣୀ ଅନୁଯାୟୀ ବ୍ରହ୍ମା ମନୁଷ୍ୟ ସହିତ ସମସ୍ତ ଜୀବ ସୃଷ୍ଟି କରିଥିଲେ ମଧ୍ୟ ସେ ତାଙ୍କ ସୃଷ୍ଟିରେ ସନ୍ତୁଷ୍ଟ ନଥିଲେ । ବ୍ରହ୍ମା ନିଜ ସମସ୍ୟାର ସମାଧାନ ଲାଗି ପ୍ରଭୁ ବିଷ୍ଣୁଙ୍କୁ ସ୍ମରଣ କଲେ । ଫଳରେ ବିଷ୍ଣୁ ବ୍ରହ୍ମାଙ୍କ ନିରାଶାର କାରଣ ପ୍ରଶ୍ନ କରିବାରୁ ବ୍ରହ୍ମା କହିଲେ, ପ୍ରଭୁ, ଏହି ସୃଷ୍ଟିରେ ସମସ୍ତ ଜଗତ ନିରାଶ ମନେ ହେଉଛି, ଏଥିରେ କୌଣସି ସରସତା ନାହିଁ । ଏହି କଥା ଶୁଣିବା ପରେ ବିଷ୍ଣୁ ମା' ଭଗବତୀଙ୍କୁ ଡାକି ଏହି ସଙ୍କଟକୁ ଦୂର କରିବା ପାଇଁ ଅନୁରୋଧ କଲେ । ଦେବତାମାନେ ଚିନ୍ତିତ ଥିବା ଦେଖି ବୀଣା ବାଦିନୀ ମା' ସରସ୍ୱତୀ ଆଦିଶକ୍ତି ମା' ଭଗବତୀଙ୍କ ଉଜ୍ଜ୍ୱଳତାରୁ ଜନ୍ମ ନେଇଥିଲେ । ମାତା ଭଗବତୀଙ୍କ ଶରୀରରୁ ଏହା ଦେଖାଯିବା ମାତ୍ରେ ମାତା ସରସ୍ୱତୀ ଏକ ସୁମଧୁର ସଙ୍ଗୀତ ଗାନ କରିଥିଲେ । ଏଥିପାଇଁ ଜଗତର ସମସ୍ତ ଜୀବଜନ୍ତୁ ସ୍ୱର ପାଇଥିଲେ, ଚାରିଆଡେ ଚଞ୍ଚଳତା ଶୋଭା ପାଇଥିଲା । ଧାର୍ମିକ ଗ୍ରନ୍ଥରେ ଏହା କୁହାଯାଏ, ସେବେ ଠାରୁ ଏହି ଦିନ ବସନ୍ତ ପଞ୍ଚମୀ ଭାବରେ ପାଳନ କରାଯାଉଥିଲା ।

ଅନ୍ୟପକ୍ଷରେ ପୁରାଣକାରମାନେ ସରସ୍ୱତୀଙ୍କୁ କନ୍ୟା ଓ ବ୍ରହ୍ମାଙ୍କୁ ପିତା ରୂପେ ପରିକଳ୍ପନା କରିଛନ୍ତି । ବ୍ରହ୍ମାଣ୍ଡ ପୁରାଣ ଅନୁସାରେ ସୃଷ୍ଟିର ଆରମ୍ଭ କାଳରେ ବ୍ରହ୍ମା ଯେତେବେଳେ ଧ୍ୟାନସ୍ଥ ଥିଲେ, ସେତେବେଳେ ତାଙ୍କ ଭିତରେ ସତ୍ତ୍ୱ ଗୁଣର ବିକାଶ ଘଟିଲା ଓ ସେଥିରୁ ଏକ ଶ୍ୱେତବର୍ଣ୍ଣ କନ୍ୟା ଜାତ ହେଲେ । ସେହି ଶ୍ୱେତବର୍ଣ୍ଣା କନ୍ୟାଙ୍କୁ ଦେଖି ବ୍ରହ୍ମା ତାଙ୍କର ପରିଚୟ ପଚାରିବାରୁ କନ୍ୟା କହିଲେ, ଆପଣ ମୋର ପିତା, ମୁଁ ଆପଣଙ୍କ ଠାରୁ ଜନ୍ମିତ । ଏଥିରେ ବ୍ରହ୍ମା ସନ୍ତୁଷ୍ଟ ହୋଇ ନିଜ କନ୍ୟାର ନାମ ସରସ୍ୱତୀ ଦେଲେ ଓ କହିଲେ ତୁମେ ପ୍ରତ୍ୟେକଙ୍କ ଜିହ୍ୱାର ଅଗ୍ରଭାଗରେ 'ବାକ୍' ରୂପେ ଅବସ୍ଥାନ କରିବ । ସେଥିପାଇଁ ତୁମେ 'ବାଗ୍‌ଦେବୀ' ରୂପେ ବିଦିତା ହେବ । ବିଶେଷ କରି ବିଦ୍ୱାନମାନେ ତୁମକୁ ଆଦର ଓ ଭକ୍ତିରେ ପୂଜା କରିବେ । ବାଗ୍‌ଦେବୀ ବା ସରସ୍ୱତୀଙ୍କ ମାଧ୍ୟମରେ ବ୍ରହ୍ମା ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ଜୀବ ତଥା ସ୍ଥାବରଜଙ୍ଗମ ସର୍ଜନା କଲେ । ବାକ୍ ନାମ୍ନୀ କନ୍ୟା ଅତ୍ୟନ୍ତ ସୁନ୍ଦରୀ । ସେ ନିଷ୍କାମ, କାମନାହୀନ । କିନ୍ତୁ ବ୍ରହ୍ମା ତାଙ୍କ ରୂପ ଲାବଣ୍ୟରେ ବିମୋହିତ ହୋଇ ସ୍ୱୟମ୍ଭୁ ବ୍ରହ୍ମା ତାଙ୍କୁ ଇଚ୍ଛା କରିବାରୁ ବ୍ରହ୍ମାଙ୍କର ମରୀଚି ଆଦି ପୁତ୍ରଗଣ ବ୍ରହ୍ମାଙ୍କୁ ନିନ୍ଦା କଲେ । ସରସ୍ୱତୀ ଶରୀର ତ୍ୟାଗ କଲେ । ବ୍ରହ୍ମବୈବର୍ତ୍ତ ପୁରାଣ ଅନୁଯାୟୀ ସୃଷ୍ଟି କାଳରେ ଈଶ୍ୱରଙ୍କ ଇଚ୍ଛାରୁ ଆଦ୍ୟାଶକ୍ତି ନିଜକୁ ପାଞ୍ଚ ଭାଗରେ ବିଭକ୍ତ କରି ନେଇଥିଲେ । ସେ ରାଧା, ପଦ୍ମା, ସାବିତ୍ରୀ, ଦୁର୍ଗା ଓ ସରସ୍ୱତୀଙ୍କ ରୂପରେ ଭଗବାନ ଶ୍ରୀକୃଷ୍ଣଙ୍କ ବିଭିନ୍ନ ଅଙ୍ଗରୁ ସୃଷ୍ଟି ହୋଇଥିଲେ । ସେ ସମୟରେ ଶ୍ରୀକୃଷ୍ଣଙ୍କ କଣ୍ଠରୁ ଦେବୀ ସରସ୍ୱତୀ ଉତ୍ପନ୍ନ ହୋଇଥିଲେ ।

ଋକ ବେଦ ମତେ ସରସ୍ୱତୀ ମହାଶକ୍ତିଙ୍କର ଉତ୍ସ । ଏହି ଦେବୀ ନିରାକାର, ନିର୍ଗୁଣ, ନିର୍ମାୟା । ତାଙ୍କୁ ମାତା ଓ ନଦୀ ରୂପରେ ସ୍ତୁତି କରି ଋଗ୍ ବେଦରେ ଉଲ୍ଲେଖ ଅଛି । ଅମ୍ବି ତମେ ନଦୀ ତମେ/ଦେବୀ ତମେ ସରସ୍ୱତୀ / ଅପ୍ରଶସ୍ତ ଇବ ସ୍ୱାମି/କ୍ରଶସ୍ତି ମମ ନିସ୍କୃତି । ଆର୍ଯ୍ୟ ଋଷିଗଣ ସ୍ତୁତି କରି କହିଛନ୍ତି–'ହେ ଶ୍ରେଷ୍ଠ ମାତା, ହେ ଶ୍ରେଷ୍ଠ ନଦୀ, ହେ ଶ୍ରେଷ୍ଠ ଦେବୀ, ଆମେ ସବୁ ଅପ୍ରଶସ୍ତ ପ୍ରାଣୀ, ଆମକୁ ପ୍ରଶସ୍ତ ତଥା ବିସ୍ତାରିତ କରାଅ । ବେଦରେ ଦେବୀମାନଙ୍କର ବନ୍ଦନାରେ ଦେବୀ ସରସ୍ୱତୀଙ୍କର ବର୍ଣ୍ଣନା ପ୍ରଥମ ଓ ପ୍ରଧାନ । ଦେବୀ ସରସ୍ୱତୀ ବନ୍ଦନା ଶୁକ୍ଲାଂ ବ୍ରହ୍ମ ବିଚାର ସାର ପରମା / ଆଦ୍ୟାଂ ଜଗତ୍ ବ୍ୟାପୀନିଂ । ବୀଣା ପୁସ୍ତକ ଧାରିଣୀମ୍ ଅଭୟଦାଂ ଜାଡ୍ୟାନ୍ଧକାରା ପହାଃ । ହସ୍ତେ ସ୍ଫଟିକ ମାଳୀକାଂ ବିଦଧତୀ ପଦ୍ମାସନେ ସଂସ୍ଥିତାଂ । ବନ୍ଦେତ୍ୱାଂ ପରମେଶ୍ୱରୀ ଭଗବତିଂ ବୁଦ୍ଧି ପ୍ରଦାଂ ସରାଦାଂ ।

ହିନ୍ଦୁଧର୍ମ ବ୍ୟତୀତ ବୌଦ୍ଧ, ଜୈନ ଧର୍ମରେ ମଧ୍ୟ ଦେବୀ ସରସ୍ୱତୀଙ୍କର ଆରାଧନା ରହିଛି । ଭାରତ ବାହାରେ ତିବ୍ବତ, ଚୀନ ଓ ଜାପାନରେ ଦେବୀ ସରସ୍ୱତୀ ବୌଦ୍ଧଦେବୀ ଭାବେ ଜନାଦୃତ । ବୌଦ୍ଧ ଧର୍ମରେ ସେ ଭିକ୍ଷୁମାନଙ୍କୁ ସୁରକ୍ଷା ପ୍ରଦାନ କରିଥାନ୍ତି ଓ ବୁଦ୍ଧଙ୍କର ଶିକ୍ଷାକୁ ରକ୍ଷା କରିଥାନ୍ତି ବୋଲି ମାନ୍ୟତା ରହିଛି । ବୌଦ୍ଧ ଧର୍ମଶାସ୍ତ୍ର 'ସାଧନମାଳା'ରେ ଉଲ୍ଲେଖ ଅଛି । ଦେବୀ ସରସ୍ୱତୀ ଭକ୍ତମାନଙ୍କୁ ଜ୍ଞାନ ଓ ବୁଦ୍ଧି ଦାନ କରନ୍ତି । ଏହି ଗ୍ରନ୍ଥରେ ସରସ୍ୱତୀ ଚତୁଃରୂପରେ ପୂଜିତା – ମହା ସରସ୍ୱତୀ, ବଜ୍ରବୀଣା ସରସ୍ୱତୀ, ବଜ୍ରଶାରଦା ଓ ବଜ୍ର ସରସ୍ୱତୀ । ବୌଦ୍ଧ ଧର୍ମ ଉପରେ ପଡ଼ିଥିବା ତାନ୍ତ୍ରିକ ପ୍ରଭାବ ଯୋଗୁଁ ହିଁ ଜ୍ଞାନ ଓ ବୁଦ୍ଧିମତାର ବୌଦ୍ଧଦେବୀ 'ପ୍ରଜ୍ଞା ପାରମିତା' ପରବର୍ତ୍ତୀ ସମୟରେ ସରସ୍ୱତୀ ରୂପେ ପରିଚିତ ହେଲେ । ମାତା ପୁତ୍ରୌ ତୁ ବାକ୍ ପ୍ରାଣୌ / ମାତା ବା ପିତରଃ ସୁତଃ । ସରସ୍ୱନ୍ତମିତ ପ୍ରାଣୋ ବାଚଂ / ପ୍ରାହୁଃ ସରସ୍ୱତୀମ୍ (ବୃହଦ୍ ଦେବତା ଗ୍ରନ୍ଥ) । ଅର୍ଥାତ୍ ବାକ୍ ଓ ପ୍ରାଣର ମାତା ଓ ପୁତ୍ର ସମ୍ବନ୍ଧ । ପ୍ରସାରଣଶୀଳ ପ୍ରାଣ(ନିଃଶ୍ୱାସ)ର ନାମ ସରସ୍ୱତ୍ ଓ ଭାଷାର ନାମ ସରସ୍ୱତୀ ।

ଐତିହାସିକ ଦୃଷ୍ଟିରୁ ମଥୁରା ନିକଟସ୍ଥ କାଳୀତିକା ଜୈନ ସ୍ତୁପରୁ ଏକ ମନୋଜ୍ଞ ସରସ୍ୱତୀ ମୂର୍ତ୍ତି ମିଳିବା ଘଟଣାରୁ ଜୈନଧର୍ମରେ ସରସ୍ୱତୀଙ୍କର ପୂଜା ରହିଥିବା ସୂଚନା ମିଳିଛି । ଜୋରୋଆଷ୍ଟର ଧର୍ମରେ ସରସ୍ୱତୀଙ୍କୁ ସରୋଶା ନାମରେ ନାମିତ ହୋଇଥିବା ଜଣାଯାଏ, ଯିଏ ଏଇ ପୃଥିବୀର ରକ୍ଷା କାରିଣୀ । ସରୋଶା (ଆଜ୍ଞାବହତା) ହେଉଛନ୍ତି ଆହୁରା ମଜଦାଙ୍କର ପତ୍ନୀ ଓ ଦୂତୀ, ଯାହାଙ୍କର କାମ ହେଲା ଡାଇନାଙ୍କୁ ଶିକ୍ଷାଦେବା । ଡାଇନା ହେଉଛନ୍ତି ବିବେକ ଓ ଧର୍ମର ସଙ୍ଗମ । ମୃତ୍ୟୁ ଉପରାନ୍ତ ଜୀବନରେ ସେ ଆତ୍ମାମାନଙ୍କୁ ଆଗର ଦିଗ୍ଦର୍ଶନ ଦେଇଥାନ୍ତି । ତାଙ୍କର ଏକ ଚିହ୍ନ ମୟୁରର ଡାକ ପୂତାତ୍ମାମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ବିଷୟରେ ସଚେତନ କରାଇଦିଏ । ବର୍ମିଜ ଭାଷାରେ ତାଙ୍କୁ ଥୁରାଥଡି (Thurathadi), ଥାଇ ଭାଷାରେ ସୁରାସୱଦୀ (Surasawadee), ଜାପାନୀ ଭାଷାରେ ବେଞ୍ଜାଇତେନ ବୋଲି ପରିଚିତା ହୋଇଛନ୍ତି ।

ଭାରତର ଅନେକ ରାଜ୍ୟରେ ଯଥା ଓଡ଼ିଶା, ବିହାର ଓ ପଶ୍ଚିମ ବଙ୍ଗରେ ସରସ୍ୱତୀଙ୍କୁ ଦୁର୍ଗାଙ୍କର କନ୍ୟା ରୂପରେ ପୂଜା କରାଯାଏ । ଦୁର୍ଗାପୂଜାରେ ଦୁର୍ଗାଙ୍କ ସହିତ ସରସ୍ୱତୀ, ଲକ୍ଷ୍ମୀ, ଗଣେଶ ଓ କାର୍ତ୍ତିକେୟଙ୍କର ମୂର୍ତ୍ତିକୁ ମଧ୍ୟ ପୂଜା କରାଯାଏ । ଶ୍ରୀଦୁର୍ଗା ସପ୍ତସତୀରେ ଉଲ୍ଲେଖ ଅଛି ଆଦ୍ୟା ଶକ୍ତି ଦୁର୍ଗା ତିନି ରୂପରେ ପ୍ରକାଶ ହୋଇ ତିନୋଟି ନବରାତ୍ରିରେ ପୂଜା ପାଆନ୍ତି । ଆଶ୍ୱିନ ନବରାତ୍ରରେ ଦୁର୍ଗା ପୂଜା ପାଆନ୍ତି । ମା' ସରସ୍ୱତୀ ଶୁକ୍ଳ ବସ୍ତ୍ର ପରିହିତା, ବୀଣା ପୁସ୍ତକ ହସ୍ତରେ ହଂସାରୁଢା । ମା'ଙ୍କର ବାହାନ ମୟୂର ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ସରସ୍ୱତୀଙ୍କୁ ଶବ୍ଦ ବ୍ରହ୍ମରେ ସ୍ତୁତି କଲେ ମା' ପ୍ରସନ୍ନ ହୁଅନ୍ତି । ମା' ବିଦ୍ୟାର୍ଥୀଙ୍କୁ ଓ ସଙ୍ଗୀତ ସାଧକଙ୍କୁ ଅଶେଷ କୃପା ପ୍ରଦାନ କରନ୍ତି । ମା' ସରସ୍ୱତୀ ବାଗ୍‌ଦେବୀ, ସମସ୍ତଙ୍କୁ ସଦ୍‌ବୁଦ୍ଧି ସହ ସତ୍‌ବଚନର ଆଶୀର୍ବାଦ ଦେଇଥାନ୍ତି ।

ବାସ୍ତବରେ ମା'ଙ୍କ ଆଶୀର୍ବାଦ ପ୍ରାପ୍ତି ନିମିତ୍ତ ବିଦ୍ୟାର୍ଥୀମାନେ ପୁସ୍ତକ ଓ କଲମ ମା'ଙ୍କ ନିକଟରେ ରଖି ପୂଜା କରିଥାନ୍ତି । ମା' ସରସ୍ୱତୀଙ୍କ ଏହି ପବିତ୍ର ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନିମନ୍ତେ ରଥ କାଠ ଅନୁକୂଳ ହୋଇଥାଏ । କେବଳ ମା' ସରସ୍ୱତୀଙ୍କ ପୂଜା ଓଡ଼ିଶା କିମ୍ବା ଭାରତର ଶିକ୍ଷାନୁଷ୍ଠାନରେ ନୁହେଁ ଭାରତ ବାହାରେ ମଧ୍ୟ ଚୀନ୍, ରୁଷ ତଥା ଫ୍ରାନ୍ସର ଲୋକ ବି ପାଳନ କରନ୍ତି । ସରସ୍ୱତୀଙ୍କ ଆରାଧନା ଓ ବନ୍ଦନା–

**'ଯା କୁନ୍ଦେନ୍ଦୁ ତୁଷାର ହାର ଧବଳା,**
**ଯା ଶ୍ୱେତ ପଦ୍ମାସନା**
**ଯା ବୀଣା ବରଦଣ୍ଡ ମଣ୍ଡିତକରା,**
**ଯା ଶୁକ୍ଳ ବସ୍ତ୍ରାନ୍ୱିତା**
**ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିଃ**
**ଦେବୈଃ ସଦା ବନ୍ଦିତା**
**ସା ମାଂ ପାତୁ ସରସ୍ୱତୀ ଭଗବତୀ**
**ନିଃଶେଷ ଜାଡ୍ୟାପହା ।'**

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ**
**ମୋ–୯୦୪୦୧୫୧୪୭୫**

# ଭାଲେଣ୍ଟାଇନ ଡେ: ପ୍ରେମ କେବଳ ଜୈବିକ ସମ୍ବନ୍ଧ ନୁହେଁ!

## ଅସିତ ମହାନ୍ତି

ପ୍ରାଚୀନ ରୋମାନ ଏବଂ ଖ୍ରୀଷ୍ଟିଆନ ପରମ୍ପରାରେ ଭାଲେଣ୍ଟାଇନ୍ସ ଡେ'ର ମୂଳ ରହିଛି । ଫେବୃଆରୀ ମଧ୍ୟଭାଗରେ ଆୟୋଜିତ ହୋଇଥିବା ଲୁପରକାଲିଆର ପ୍ରାଚୀନ ରୋମାନ୍ ପର୍ବରୁ ଏହି ଦିନଟି ଉତ୍ପନ୍ନ ହୋଇଥିବା ଜଣାପଡିଛି । ଏହି ପର୍ବ ସମୟରେ ଯୁବକମାନେ ଲଟେରୀରେ ଯୁବତୀଙ୍କ ନାମ ଅଙ୍କନ କରିବେ ଏବଂ ସେମାନେ ପର୍ବର ଅବଧି ପାଇଁ ଯୋଡି ହୋଇଯିବେ, ବେଳେବେଳେ ଏହା ବିବାହ ପର୍ଯ୍ୟନ୍ତ ମଧ୍ୟ ଯାଇଥାଏ । ଭାଲେଣ୍ଟାଇନ୍ସ ଡେ'ର ଖ୍ରୀଷ୍ଟିଆନ ଉତ୍ପତ୍ତି ଭାଲେଣ୍ଟାଇନ୍ ନାମକ ଜଣେ ପୁରୋହିତଙ୍କଠାରୁ ମିଳିପାରିବ ଯିଏ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀରେ ରୋମରେ ରହୁଥିଲେ । ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ ଯୁବକମାନଙ୍କ ପାଇଁ ବିବାହ ଉପରେ ପ୍ରତିବନ୍ଧକ ଲଗାଇଥିଲେ, କାରଣ ତାଙ୍କ ଅନୁସାରେ ଅବିବାହିତ ସୈନିକମାନେ ବିବାହିତ ସୈନିକମାନଙ୍କ ଅପେକ୍ଷା ଭଲ ଯୁଦ୍ଧ କରୁଥିଲେ ।

ଭାଲେଣ୍ଟାଇନ୍ ସମ୍ରାଟଙ୍କୁ ଅସମ୍ମାନ କଲେ ଏବଂ ଗୁପ୍ତରେ ଯୁବ ପ୍ରେମୀମାନଙ୍କ ପାଇଁ ବିବାହ ଜାରି ରଖିଲେ । ଯେତେବେଳେ ତାଙ୍କର କାର୍ଯ୍ୟକଳାପ ଆବିଷ୍କୃତ ହେଲା, ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାପଡିଛି ଯେ ଭାଲେଣ୍ଟାଇନ୍ କାରାଗାରରେ ଥିବାବେଳେ ଜେଲରଙ୍କ ଝିଅଙ୍କୁ ଭଲ ପାଉଥିଲେ ଏବଂ ତାଙ୍କୁ ତୁମ ଭାଲେଣ୍ଟାଇନ୍ ଠାରୁ ସ୍ୱାକ୍ଷରିତ ଏକ ଚିଠି ପଠାଇଥିଲେ, ଯାହା ଆଜି ପର୍ଯ୍ୟନ୍ତ ବ୍ୟବହୃତ ହେଉଛି । ସମୟ ସହିତ, ଫେବୃଆରୀ ୧୪ ପ୍ରେମ ଏବଂ ରୋମାନ୍ସ ସହିତ ଜଡିତ ହେଲା, ଏବଂ ଛୁଟିଦିନ ଭାଲେଣ୍ଟାଇନ୍ସ ଡେ'ର ଉତ୍ସବରେ ପରିଣତ ହେଲା ଯାହାକୁ ଆମେ ଆଜି ଚିହ୍ନିପାରୁ ଏହା ପରେ କାର୍ଡ, ଫୁଲ, ଚକୋଲେଟ୍, ଏବଂ ଉପହାର ଭଳି ଅଙ୍ଗଭଙ୍ଗୀ ମାଧ୍ୟମରେ ରୋମାଣ୍ଟିକ୍ ପାର୍ଟନର, ବନ୍ଧୁ ଏବଂ ପରିବାର ପ୍ରତି ପ୍ରେମ ଏବଂ ସ୍ନେହ ପ୍ରକାଶ କରିବାର ଦିନ ହୋଇଗଲାଣି ।

କିନ୍ତୁ ଏଠାରେ କିଛି ମହତ୍ତ୍ୱପୂର୍ଣ୍ଣ ବିଷୟ ପ୍ରେମ ଦିବସ ସମ୍ପର୍କରେ ଅଛି , ଯାହା ଉପରେ ଚର୍ଚ୍ଚାର ଆବଶ୍ୟକତା ରହିଛି ବାସ୍ତବରେ ସମୟ କ୍ରମେ ଆଜି ପ୍ରେମର ଅବଧାରଣା ବଦଳିଯାଇଛି ଏହା ସ୍ୱାଭାବିକ ଯେ ସମାଜ ଏବଂ ସମାଜ ବ୍ୟବସ୍ଥାର ପରିବର୍ତ୍ତନ ସହିତ, ସମାଜର ପରିମଣ୍ଡଳରେ ଅବସ୍ଥାନ କରୁଥିବା ମାନବ ଚେତନାର ମଧ୍ୟ ପରିବର୍ତ୍ତନ ହୋଇଥାଏ । ଅର୍ଥାତ୍ ସାମାଜିକ ବ୍ୟବସ୍ଥାକୁ ଚଳାଉଥିବା ଲୋକମାନେ ପଦକ୍ଷେପ ନିଅନ୍ତି ଯେ ସମାଜରେ କଣ ହେବା ଦରକାର ଅର୍ଥାତ ପ୍ରେମ ଦିବସ ପାଳନ କରିବା ଆଜି ଏକ ଫେଶନ ପାଲଟି ଯାଇଛି କହିଲେ ଚଳେ । ଭାଲେଣ୍ଟାଇନ ଦିବସକୁ ଆଜିକାଲି ୭ ଦିନ ପାଳନ କରାଯାଉଛି ।

ଏହା କଣ ସତ୍ୟ ଯେ ,ଭାଲେଣ୍ଟାଇନ ଆସିବା ଆଗରୁ ପ୍ରେମ ଏକ ନିର୍ଜନ ଦ୍ୱୀପର ନିଷିଦ୍ଧ ଫଳ ଥିଲା । ସେମିତି ନୁହେଁ । ପ୍ରକୃତି ତ ପ୍ରେମମୟ । ଅନ୍ୟଥା ଚାରିଆଡେ କେବଳ ସପ୍ତଫେଣି ବୁଦା ହେଇଥାନ୍ତା । ଗୋଲାପ ବା ରାଜନୀଗନ୍ଧା ଫୁଟିଲା କାହିଁକି ? ବର୍ଷାର ଆଗମନରେ ମୟୂରୀ ନାଚିଲା କାହିଁକି ? ଚନ୍ଦ୍ରମା ଦେଖି କଇଁ କାହିଁକି ପୂର୍ଣ୍ଣ ଯୌବନା ହେଲା ଓ ଚାନ୍ଦର ବିଦାୟ ଦେଖି କାହିଁକି ବିରହ ବେଦନାରେ ଝାଉଁଳି ଗଲା । ପ୍ରେମମୟ ଆମ କାବ୍ୟ, ମହାକାବ୍ୟ ଭଣ୍ଡାର । ପ୍ରେମ ଯଦି ବର୍ଜ୍ୟବସ୍ତୁ ହେଇଥାନ୍ତା, ତେବେ ବଂଶୀର ଶବ୍ଦ କ୍ଷୋଳ ସହସ୍ର ଗୋପୀଙ୍କୁ ପାଗଳିନୀ କରି ନଥାନ୍ତା । ଏହି ପ୍ରେମର ଛିଟାରୁ ସୂର୍ଯ୍ୟଙ୍କ ଭଳି ପ୍ରବଳ ଶକ୍ତି ବି ବାଦ ଯାଇ ନାହାନ୍ତି । ନାବାଳିକା କୁନ୍ତୀ ବୃତ୍ତାନ୍ତ ଏହାର ପ୍ରମାଣ ।

ପ୍ରେମ ହିଁ ତ ଯମ ପାଖରୁ ସତ୍ୟବାନଙ୍କୁ ଛଡେଇ ଆଣିଥିଲା । ପ୍ରେମ ଯେତିକି ପ୍ରକାଶିତ ରୂପରେ ଦେଖା ଦିଏ ବେଶୀ ଅପ୍ରକାଶିତ ଭାବେ ମଧ୍ୟ । ଅନ୍ୟଥା ପଞ୍ଚ ସ୍ୱାମୀର ପତ୍ନୀ ପାଞ୍ଚାଳି କଦାପି ହୃଦୟର କେଉଁ ନିଭୃତରେ କର୍ଣ୍ଣଙ୍କ ପାଇଁ ଏକ ଶୂନ୍ୟସ୍ଥାନ ରଖି ନଥାନ୍ତେ କି ସମଗ୍ର ଜୀବନ ସନ୍ତୁଳିତ ହେଇ ନଥାନ୍ତେ । ପ୍ରେମ ହିଁ ତ ଯଶୋଦାଙ୍କୁ ଶ୍ରେଷ୍ଠ ମାତାର ଆସନ ଦେଇଛି । ପ୍ରେମର ବଳିଷ୍ଠ ପ୍ରଭାବ ନଥିଲେ ଜାନକୀ କଦାପି ଏତେ ଗୁଡ଼ାଏ ବର୍ଷ ରାବଣର ବନ୍ଦୀ ବଣରେ ଶ୍ରୀରାମଙ୍କ ଆଗମନକୁ ପ୍ରତୀକ୍ଷା କରି ନଥାନ୍ତେ ।

କିନ୍ତୁ ପ୍ରେମର ଧାରଣା, ଅଭିବ୍ୟକ୍ତି, ପରିପ୍ରକାଶ ଚିରନ୍ତନ ନୁହେଁ , ପରିବର୍ତ୍ତନଶୀଳ । ପୁରାଣ ଯୁଗର ପ୍ରେମ କଥା ମଧ୍ୟ ଯୁଗରେ ବଦଳିଛି, ମଧ୍ୟଯୁଗର ପ୍ରେମ କଥା ଆଧୁନିକ ଶିଳ୍ପ ସଭ୍ୟତା ଯୁଗରେ ବଦଳି ଚାଲିଛି । ସବୁ ପ୍ରକାର ପ୍ରେମର କେନ୍ଦ୍ରରେ ରହିଛି ନାରୀ ପୁରୁଷର ପ୍ରେମ । ଏହାର ଦୈହିକ ଦିଗ ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ଗୁରୁତ୍ୱପୂର୍ଣ୍ଣ ଏହାର ନାନ୍ଦନିକ ଦିଗ । ପରସ୍ପର ପରସ୍ପରର ପରିପୂରକ । ମଣିଷ ସୃଷ୍ଟିର ଧାରାବାହିକତା ପାଇଁ ପ୍ରେମରୁ ଦୈହିକ ଦିଗ ବାଦ ଦେଇ ହେବନାହିଁ , ସେମିତି ଏକ ସୁସ୍ଥ, ଶୃଙ୍ଖଳିତ ସମାଜ ଗଠନ ପାଇଁ ଏହାର ନାନ୍ଦନିକ ଦିଗକୁ ଅସ୍ୱୀକାର କରି ହେବନାହିଁ । ପ୍ରେମର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ଆସିଥିଲା ନବଜାଗରଣ ଓ ଶିଳ୍ପ ସଭ୍ୟତାକୁ ଭିତ୍ତିକରି ସୃଷ୍ଟି ହୋଇଥିବା ମହାନ ଆଦର୍ଶ ମାନବତାବାଦ ପୃଷ୍ଠଭୂମିରେ । ଏହାର ଇସ୍ତାହାର ଥିଲା ମନର ମିଳନ ହିଁ ପ୍ରେମର ମୁଖ୍ୟ ବିଚାର୍ଯ୍ୟ ବିଷୟ । ମତର ପାର୍ଥ୍ୟକ୍ୟ କିଛି ଗୁରୁତ୍ୱ ବହନ କରୁନଥିଲା । ଯୌନ ଆକର୍ଷଣର ପ୍ରବଳତା ମତର ପାର୍ଥକ୍ୟକୁ ଚାପି ଦେଉଥିଲା । ଏଇଠି ହିଁ ପରବର୍ତ୍ତୀ କାଳରେ ସୃଷ୍ଟି କଲା ଦ୍ୱନ୍ଦ୍ୱ । ମନର ମିଳନର ଜୋର ଯେତେ ମଜଭୁତ ଥିଲେ ବି ମତର ପାର୍ଥକ୍ୟ ମନର ମିଳନକୁ ଦୁର୍ବଳ କରିବାକୁ ବାଧ୍ୟ କଲା । ଏହି ପ୍ରଶ୍ନର ସମୁଚିତ ସମାଧାନ ମଣିଷ ସମାଜ ନ କରିବା ପର୍ଯ୍ୟନ୍ତ ପ୍ରେମର ଯେତେ ଜୟଗାନ ହେଲେ ବି ନାରୀ ପୁରୁଷ ମିଳନର ଯେଉଁ ସେତୁବନ୍ଧ ଆମେ ବିଭିନ୍ନ ଆନୁଷ୍ଠାନିକ ରୂପ ଦେଇ ପ୍ରତିଷ୍ଠା କରୁଛେ ତାହା ଅନେକାଂଶରେ ଭୁଶୁଡ଼ି ପଡୁଛି । ଏହି ପରିପ୍ରେକ୍ଷୀରେ ଭାଲେଣ୍ଟାଇନ ଡେ ପାଳନ କରୁଥିବା ଯୁବ ବର୍ଗ ପ୍ରେମକୁ କେବଳ ଜୈବିକ ତାଡନାର ବଶବର୍ତ୍ତୀ ହେଇ ବିଚାର କରନ୍ତୁ ନାହିଁ , ଯାହାକୁ ଜୀବନ ସାଥୀ କରିବା ପାଇଁ ପ୍ରକାଶ୍ୟରେ ବା ଅପ୍ରକାଶ୍ୟରେ ସ୍ୱପ୍ନ ବିଭୋର ହେଉଛନ୍ତି, ଏହାକୁ ଦୀର୍ଘ ଜୀବନ ଯାତ୍ରାର ପରିପ୍ରେକ୍ଷୀରେ ବିଚାର କରନ୍ତୁ ।

**ସୁଜନପୁର , ଯାଜପୁର**
**ମୋ–୯୩୪୮୭୬୮୮୧୨**

# ମୁକ୍ତି ସଂଗ୍ରାମର ମହାନ ପୀଠ ଅଳକାଶ୍ରମ

## ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ମୁକ୍ତି ସଂଗ୍ରାମ ବା ସ୍ୱାଧୀନତା ଆନ୍ଦୋଳନରେ ଜଗତସିଂହପୁର ମାଟିର ଅନେକ ସୁଯୋଗ୍ୟ ସନ୍ତାନ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ବିଶେଷକରି ଜଗତସିଂହପୁର ଯେଉଁ ମହୀୟସୀ ମହିଳା ସ୍ୱାଧୀନତା ଆନ୍ଦୋଳନର ଯଜ୍ଞବେଦୀରେ ଝାସ ଦେଇଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳର ମା' ରମାଦେବୀ, ବିପ୍ଳବିନୀ ମାଳତୀ ଚୌଧୁରୀ ଓ ଅଗ୍ନିକନ୍ୟା ସରଳା ଦେବୀ ଅଗ୍ରଗଣ୍ୟା । ଏହି ସଂଗ୍ରାମର ମହାନ ପୀଠ ଥିଲା ଜଗତସିଂହପୁରର ଅଳକାଶ୍ରମ, ଯାହା ଏବେ ଶହେ ଦୁଇ ବର୍ଷରେ ପହଞ୍ଚିଛି ।

୧୯୨୨ ମସିହା (ଶ୍ରୀପଞ୍ଚମୀତିଥି)ରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କରକମଳରେ ଜଗତସିଂହପୁର ସ୍ଥିତ ଅଳକାନଦୀ କୂଳରେ ଏହାର ଉଦ୍ଘାଟନ ହୋଇଥିଲା । ତା ପରଠୁ ଏହି ଆଶ୍ରମ ଅନେକ ଶୀର୍ଷ ନେତୃତ୍ୱଙ୍କ କର୍ମଭୂମି ଥିଲା । ମୁକ୍ତିସଂଗ୍ରାମର ଅନ୍ତୁଡିଶାଳ ଥିଲା ଏହି ଅଳକାଶ୍ରମ। ପୁଣି ଟିକେ ପଛକୁ ଫେରିବାକୁ ପଡୁଛି। ୧୯୨୧ ମସିହାର କଥା, ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନର ଡାକରା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା । ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ଜୋର ଧରିଥାଏ । ଏହି ଅସହଯୋଗ ଆନ୍ଦୋଳନକୁ ସମର୍ଥନ ଜଣାଇ ଯେଉଁ ସ୍କୁଲ କଲେଜ ଛାତ୍ରମାନେ ଅଧାରୁ ପାଠଛାଡିଦେଇ ସ୍ୱାଧିନତା ସଂଗ୍ରାମୀ ହୋଇଥିଲେ ସେମାନଙ୍କୁ ତାଲିମ ଦେବାପାଇଁ ବିଭିନ୍ନ ସ୍ଥାନରେ ଆଶ୍ରମ ଓ ଜାତୀୟ ବିଦ୍ୟାଳୟ ମାନ ପ୍ରତିଷ୍ଠା କରାଗଲା। ସେଥିମଧ୍ୟରୁ ଅଳକାଶ୍ରମ ଥିଲା ଅନ୍ୟତମ । ଜଗତସିଂହପୁରଠାରେ ମାଛଗାଁ ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ ଓ ମୃତ ଅଳକା ନଈର ଉତ୍ତରପାର୍ଶ୍ୱରେ ଥିବା ସୋମନାଥ ହାଟକୁ ଲାଗି ପ୍ରଶସ୍ତ ଓ ବିସ୍ତୃତ ଆମ୍ବ ତୋଟାରେ ଆରମ୍ଭ ହୋଇଥିଲା । ଏଥିପାଇଁ ଜମି ଦାନ କରିଥିଲେ ଚାତ୍ରା ଗ୍ରାମର ଦୁର୍ଗାଚରଣ ମହାପାତ୍ର ଓ ବଂଶୀଧର ପଟ୍ଟନାୟକ ଓ ଗୋପବନ୍ଧୁ ଚୌଧୁରୀ ହୋଇଥିଲେ ଅଳକାଶ୍ରମର ତତ୍ତ୍ୱାବଧାରକ । ସେ ଏକାଧାରରେ ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସ୍ୱାଧୀନଚେତା ମଣିଷ, ଧୂଳିମାଟିର ସନ୍ଥ, ଖଟିଖିଆ ମେହନତି ମଣିଷର ସୁଖଦୁଃଖର ବନ୍ଧୁ ଓ ସର୍ବୋପରି ଗାନ୍ଧିବାଦୀ ନେତା । ସେହିପରି ପଣ୍ଡିତ ସଂଗ୍ରାମୀ ପ୍ରାଣକୃଷ୍ଣ ପଡିହାରୀ, ଉଦୟନାଥ ଷଡଙ୍ଗୀ, ଜାତୀୟକବି ବୀରକିଶୋର ଓ ଆହୁରି ଅନେକ ସଚ୍ଚା ସଂଗ୍ରାମୀ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଅଳକାଶ୍ରମ ସହିତ ଜଡିତ ଥିଲେ । ବର୍ତ୍ତମାନ ଏହାର ପୂର୍ବସ୍ଥିତି ନାହିଁ । ପ୍ରକୃତ ସ୍ଥିତିକୁ ନେଇ ଏବେବି ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି । ଆଜୀବନ ସେବିକା ରମାଦେବୀଙ୍କୁ ଅଳକାଶ୍ରମର ଅନ୍ତେବାସୀମାନେ ମାଆ ବୋଲି ସମ୍ବୋଧନ କରୁଥିଲେ। ସେମାନଙ୍କର ଖାଇବା ପିଇବା, ଭଲମନ୍ଦ ବୁଝିବା କୌଣସି ଅବହେଳା କରୁନଥିଲେ ରମାଦେବୀ। ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀ ଜମିଦାର ଘରେ ଜନ୍ମ ନେଇଥିଲେ ବି ସାଧାରଣ ଲୋକଙ୍କ ଭଳି ଚଳୁଥିଲେ। ସେହିପରି ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ ସରକାରୀ ଚାକିରି ଛାଡି କେବଳ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇନଥିଲେ ବରଂ ଅଳକାଶ୍ରର ଅନ୍ତେବାସୀ ମାନଙ୍କୁ ଶିକ୍ଷାଦାନ କରୁଥିଲେ। ଏଥି ସହିତ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ମଧ୍ୟ ବେଶ୍ ଗୁରତ୍ୱପୂର୍ଣ୍ଣ ଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆମ କଷ୍ଟଲବ୍ଧ ସ୍ୱାଧୀନତାକୁ ଆମେ କିପରି ବଜାୟ ରଖିବା ତାହା ସମସ୍ତଙ୍କ ଧ୍ୟେୟ ହେଉ। ଦେଶ ରହିଲେ ଆମେ ରହିବା । ପୁଣିଥରେ ଆଶା କରିବା ଅଳକାଶ୍ରମର ପ୍ରକୃତ ସ୍ଥିତି କେଉଁଠି ଥିଲା, ଏବେ ଯେଉଁଠି ଅଛି ତାର ତର୍ଜମା ହେଉ ତା ଉପରେ ଅଧିକରୁ ଅଧିକ ଗବେଷଣା ହେଉ।

**ସାରସ୍ୱତ ପରିଷଦ, ଜଗତସିଂହପୁର**
**ମୋ–୯୯୩୭୧୫୧୦୫୨**



ଦୁବାଇ ଗସ୍ତ ପୂର୍ବରୁ ମିଶନ ଶକ୍ତି ଗୋଷ୍ଠିର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି





ଯାଜପୁର ଜିଲ୍ଲା ଗସ୍ତରେ ଯାଇ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି

# ବିକାଶ କ'ଣ ତାହା ଯାଜପୁର ଆସି ଦେଖନ୍ତୁ ବିରୋଧୀ : କାର୍ତ୍ତିକ ପାଣ୍ଡିଆନ



ଭୁବନେଶ୍ୱର (ସବ୍ୟୁ): ଯାଜପୁରକୁ ସୁମାରୁ ବିରୋଧୀଙ୍କୁ ମାରିଲେ ବାଣ । ସାଧାରଣ ସଭାରେ ଯୋଗଦେଇ ବିରୋଧୀ ବିଜେପିକୁ କଡ଼ା ସମାଲୋଚନା କଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ମଧ୍ୟପ୍ରଦେଶର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆଗାମୀ ନିର୍ବାଚନରେ ଓଡିଶାରେ ବିଜେପି ସରକାର ଗଠନ କରିବ ବୋଲି କହିଥିଲେ । ସେ ପ୍ରଥମେ ଯାଜପୁର ଜିଲ୍ଲା ବୁଲିକି ଦେଖନ୍ତୁ ଆଉ ତାପରେ ଏହି କଥା କହିବେ ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟର ହିସାବ ଦେଇ ବିରୋଧୀ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ସରକାର ଗଠନ ଲାଗି ଗୁରୁତ୍ୱ ଦିଅନ୍ତିନି କି କ୍ଷମତା ପଛରେ ଦୌଡିବାକୁ ଚାହାଁନ୍ତି ନାହିଁ । ଲୋକଙ୍କ ସେବା କରିବାକୁ ଚାହାଁନ୍ତି । ଚୌକି ପାଇଁ କିମ୍ବା କ୍ଷମତା ଲାଗି ଲାଳାୟିତ ନୁହଁନ୍ତି ମୁଖ୍ୟମନ୍ତ୍ରୀ । ନବୀନ ପଟ୍ଟନାୟକ ହେଉଛନ୍ତି ସେବାର ପ୍ରତୀକ । ଯିଏ କ୍ଷମତାକୁ ଆସିବେ ବୋଲି ଖାଲି କହୁଛି ତାଙ୍କୁ ସାଧାରଣ ଜନତା ଆଗାମୀ ନିର୍ବାଚନରେ ଉତ୍ତର ଦେବେ ବୋଲି ସାଧାରଣ ସଭାକୁ ସମ୍ବୋଧିତ କରି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି ।

ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ସେବାଲାଗି ୨୪ବର୍ଷ ହେଲା ତାଙ୍କୁ ରାଜ୍ୟବାସୀ ଆର୍ଶୀବାଦ ଦେଇଆସୁଛନ୍ତି । ଚୌକି କିମ୍ବା ସରକାର ଗଠନ ମୋହରେ ନବୀନ ନାହାଁନ୍ତି । ସରକାର ଗଠନକୁ ଗୁରୁତ୍ୱ ଦିଅନ୍ତି ନାହିଁ । ଲୋକଙ୍କ ସେବାକୁ ଗୁରୁତ୍ୱ ଦେଇଥାନ୍ତି । ଏ ବୟସରେ ମଧ୍ୟ ସେ ଲୋକଙ୍କ ଲାଗି ଦିନରାତି ଖଟୁଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟଧାରାରୁ ସେ ମଧ୍ୟ ପ୍ରେରଣା ପାଇଛନ୍ତି ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି । ଯାଜପୁର କୁସୁମାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସେ ହିସାବ ଦେଇଛନ୍ତି । ଗତବର୍ଷ ଅଗଷ୍ଟ ୩୦ରେ ଯାଜପୁର ଗସ୍ତ କରିଥିଲେ । ଅଗଷ୍ଟରୁ ଇତି ମଧ୍ୟରେ ମିଳିଥିବା ୨୫୪୦

> ଯାଜପୁର ମାଟିରୁ ବିରୋଧୀଙ୍କୁ ଟାର୍ଗେଟ
> ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ମାରିଲେ ତୀର
> ଚୌକି ଓ କ୍ଷମତାଲୋଭୀ ନୁହନ୍ତି ଆମ ମୁଖ୍ୟମନ୍ତ୍ରୀ
> ସେବାର ପ୍ରତୀକ ହେଉଛନ୍ତି ନବୀନ ପଟ୍ଟନାୟକ
> ଯାଜପୁରରେ ଦେଲେ ବିକାଶର ହିସାବ

ଦରଖାସ୍ତରୁ ୨୩୦୦ ଦରଖାସ୍ତ ସମାଧାନ ହୋଇଛି । ୬ମାସରେ ଯାଜପୁର ଜିଲ୍ଲାପାଇଁ ୬୧୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି । ମାସକୁ ୧୦୦ କୋଟି ହିସାବରେ ଯାଜପୁରକୁ ଟଙ୍କା ମଞ୍ଜୁର ହୋଇଛି । ବିରଜା ମନ୍ଦିରର ରୁପାନ୍ତିକରଣ ପାଇଁ ୧୫ କୋଟି ମଞ୍ଜୁର ହୋଇଥିଲାବେଳେ ଚଣ୍ଡିଖୋଲ ମହାବିନାୟକ ମନ୍ଦିର ଲାଗି ୭ କୋଟି ୬୦ ଲକ୍ଷ, ବରାହ ନଦୀ ଦୀପାଞ୍ଚଳ ବିକାଶ ଲାଗି ୧୫କୋଟି, ସେହିଭଳି ସିଦ୍ଧେଶ୍ୱର, ବରୁଣେଶ୍ୱର, ବେଲେଶ୍ୱର, ନାରାୟଣ ଗୋସ୍ୱେଇଁ, ଗୋପନେଶ୍ୱର, ସୁକିନ୍ଦା ଜଗନ୍ନାଥ ମନ୍ଦିର, ଜୟ ଚଣ୍ଡିପୀଠ, ଖଗେଶ୍ୱରୀ ମନ୍ଦିର ଆଦି ଲାଗି ଅର୍ଥ ମଞ୍ଜୁର ହୋଇଛି । ଛତିଆରେ ଟୁରିଜିମ୍ କମ୍ପ୍ଲେକ୍ସ ପାଇଁ ୧କୋଟି ମଞ୍ଜୁର ହୋଇଥିଲାବେଳେ ବିଭିନ୍ନ ସେତୁଲାଗି ୬୦କୋଟି ମଞ୍ଜୁର ହୋଇଛି । କଥାରେ ନୁହେଁ କାମରେ ମୁଖ୍ୟମନ୍ତ୍ରୀ ବିଶ୍ୱାସ କରନ୍ତି । ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ସଶକ୍ତ ଓଡ଼ିଶା ଗଠନ । ଆଗାମୀ ଦିନରେ ଯାଜପୁର ଜିଲ୍ଲା ମୁଖ୍ୟମନ୍ତ୍ରୀଙ୍କୁ ଆହୁରି ସଶକ୍ତ କରିବ ବୋଲି ୫-ଟି ଅଧ୍ୟକ୍ଷ ଆଶାପୋଷଣ କରିଛନ୍ତି ।

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ଲାଗି ମୁଖ୍ୟମନ୍ତ୍ରୀ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ) : ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ଲାଗି ମୁଖ୍ୟମନ୍ତ୍ରୀ ପୁରସ୍କାର ଆଜି ପ୍ରଦାନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୬ ବିଭାଗରେ ୧୫୩ ପୁରସ୍କାର ଦିଆଯାଇଛି । ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତିକୁ ଆଧାର କରାଯାଇ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସହ ୫-ଟି ଉପକ୍ରମ ମାଧ୍ୟମରେ ଅନେକ ପଦକ୍ଷେପ ନିଆଯାଇଛି । ରୋଗୀକେନ୍ଦ୍ରୀକ ଗୁଣାତ୍ମକ ସେବା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିଲାଗି ୫-ଟି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉତ୍କର୍ଷତା ପୁରସ୍କାର ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂସ୍ଥାକୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ଲାଗି ପ୍ରଦାନ କରାଯାଇଛି । କ୍ୱାଲିଟି ସାର୍ଟିଫିକେସନ୍ କ୍ଷେତ୍ରରେ ଏନ୍‌କ୍ୟୁଏଏସ୍ ସାର୍ଟିଫାଏଡ୍ ହସ୍ପିଟାଲର



୩ ହସ୍ପିଟାଲକୁ ପୁରସ୍କାର ଦିଆଯାଇଥିବାବେଳେ ଲକ୍ଷ ସାର୍ଟିଫାଏଡ ହସ୍ପିଟାଲରେ ୧୪ ଓ କାୟାକଳ୍ପ ବିଜେତା ଭାବରେ ୨୦ ହସ୍ପିଟାଲକୁ ପୁରସ୍କୃତ କରାଯାଇଛି । ବିଏସ୍‌କେୱାଇ ପଞ୍ଜିକୃତ ହସ୍ପିଟାଲ ମଧ୍ୟରୁ ଶ୍ରେଷ୍ଠ ୪୭ ହସ୍ପିଟାଲକୁ ଦିଆଯାଇଥିବାବେଳେ ଦୁଇ କୋଭିଡ ହସ୍ପିଟାଲ ଓ ଦୁଇ କେନ୍ଦ୍ରୀୟ ସଂସ୍ଥାକୁ ଦିଆଯାଇଛି । ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଶ୍ରେଷ୍ଠ ର୍‍ୟାଙ୍କିଂରେ ପ୍ରଥମ ସ୍ଥାନରେ ୭ ହସ୍ପିଟାଲ ଥିବାବେଳେ ଦ୍ୱିତୀୟ ସ୍ଥାନରେ ୪ ଓ ତୃତୀୟ ସ୍ଥାନରେ ୪ ହସ୍ପିଟାଲ ଅଛନ୍ତି । ୨୮ ଡାକ୍ତରଙ୍କୁ ପୁରସ୍କାର ଦିଆଯାଇଥିବାବେଳେ ୧୬ ପାରାମେଡିକାଲଙ୍କୁ ପୁରସ୍କୃତ କରାଯାଇଛି । ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଉଲ୍ଲେଖନୀୟ ପୁରସ୍କାର ଭାବେ ୬ ହସ୍ପିଟାଲକୁ ଦିଆଯାଇଛି । ଏହି ପୁରସ୍କାରଗୁଡିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ଓ ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହସ୍ପିଟାଲ, ଡାକ୍ତରମାନଙ୍କୁ ଦିଆଯାଇଛି । ଯେଉଁମାନେ ଓଡ଼ିଶାର ରୂପାନ୍ତରିତ ମଡେଲକୁ କାର୍ଯ୍ୟକାରୀ କରିବା ସହ ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା କାର୍ଯ୍ୟ କରିଛନ୍ତି । ପ୍ରମୁଖ ପୁରସ୍କାର ବିଜେତାଙ୍କ ମଧ୍ୟରେ ଏସ୍‌ସିବି ମେଡିକାଲ ଓ ହସ୍ପିଟାଲ ପ୍ରଥମ ସ୍ଥାନ ଅକ୍ତିଆର କରିଛି । ଭୀମଭୋଇ ଏସ୍‌ସିଏଚ୍ ବଲାଙ୍ଗିରକୁ ନୂଆ ଏମ୍‌ସିଏଚ୍ କାଟାଗୋରିରେ ପ୍ରଥମ ପୁରସ୍କାର ମିଳିଛି । ଅଶ୍ୱନୀ କୋଭିଡ ହସ୍ପିଟାଲ କଟକକୁ ଶ୍ରେଷ୍ଠ କୋଭିଡ ହସ୍ପିଟାଲ ପୁରସ୍କାର ମିଳିଥିବାବେଳେ ଆର୍‌ଏମ୍‌ଆର୍‌ସି ଭୁବନେଶ୍ୱରକୁ ଶ୍ରେଷ୍ଠ କେନ୍ଦ୍ରୀୟ ସରକାରୀ ପ୍ରତିଷ୍ଠାନ ପୁରସ୍କାର କୋଭିଡ ମହାମାରୀ ସମୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦିଆଯାଇଛି ।

## ବିଦେଶୀ ମଦ ଜବତ ୨ଗିରଫ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ପାନଦୋକାନରେ ଆଦର୍ଶଥାନା ପୁଲିସ ଚଢଉ କରି ୩୪ଲିଟର ବିଦେଶୀ ମଦ ଜବତ କରିଛି । ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ସ୍ଥାନୀୟ ବାସେଲୀସାହି ର ଅଖୟ କୋଦଣ୍ଡସିଂ (୨୭) ଏବଂ ତଳସାହିର ଅକ୍ଷୟ ବେହେରା ବୟସ (୨୩) । ପୁଲିସ ଏହି ଘଟଣାରେ ୭୦/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରିଛି ।

# ବି ଏସ୍ କେ ୱାଇକୁ ମିଳିଲା ଜାତୀୟ ସ୍କଚ ଆୱାର୍ଡ଼ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର (ସବ୍ୟୁ): ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଅନନ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜାତୀୟ ସ୍କଚ ଆୱାର୍ଡ଼ - ୨୦୨୩ ର ସ୍ୱର୍ଣ୍ଣ ପଦକ ହାସଲ କରିଛ । ଏଥିପାଇଁ ସ୍କଚ ଆୱାର୍ଡ଼ କର୍ତ୍ତୃପକ୍ଷଙ୍କ ଦ୍ୱାରା ନୂଆ ଦିଲ୍ଲୀ ସ୍ଥିତ ସମ୍ବିଧାନ କ୍ଲବ ହଲରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ସ୍ୱାସ୍ଥ୍ୟସେବା ପ୍ରତିଶ୍ରୁତି ସୋସାଇଟି (ସାସ୍)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡାକ୍ତର ଡି. ବୃନ୍ଦା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ତଥା ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୁଭାନନ୍ଦ ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ । ସ୍କଚ ଆୱାର୍ଡ଼ର ଅଧ୍ୟକ୍ଷ ସମୀର କାଚୁରଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି, ଜାତୀୟ ଓ ଆନ୍ତର୍ଜାତୀୟ ଅନୁଷ୍ଠାନମାନଙ୍କ ଉପସ୍ଥିତିରେ ଏହି



ପୁରସ୍କାର ପ୍ରଦାନ କରାଯାଇଥିଲା । ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା, ସଫଳତା ଓ ସ୍ୱଚ୍ଛତା ପାଇଁ ବି ଏସ୍ କେ ୱାଇକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନବସୃଜନ, ସର୍ବଜନୀନତା, ଉଲ୍ଲେଖନୀୟ ସଫଳତା ଏବଂ ସ୍ୱଚ୍ଛତା ପାଇଁ ବି ଏସ୍ କେ ୱାଇକୁ ଏହି ପୁରସ୍କାରପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ତଥା ସାସର ଅଧ୍ୟକ୍ଷ ଶ୍ରୀମତୀ ଶାଳିନୀ ପଣ୍ଡିତ ବି ଏସ୍ କେ ୱାଇ ଟିମର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଏହି ଉପଲବ୍ଧି ପାଇଁ ଅଭିନନ୍ଦନ ଜଣାଇବା ସହ ଲୋକମାନଙ୍କୁ ସେବା ପ୍ରଦାନ ଦିଗରେ ସର୍ବଦା ସଜାଗ ଓ ତତ୍ପର ରହିବାକୁ ପରାମର୍ଶ ଦେଇଛନ୍ତି ।

# ରେଭେନ୍ସା ମହାବିଦ୍ୟାଳୟ ୧୯୮୨ ବାଣିଜ୍ୟ ସ୍ନାତକ ଡିଗ୍ରୀ ବନ୍ଧୁ ମିଳନ



ଭୁବନେଶ୍ୱର (ସବ୍ୟୁ): ଚନ୍ଦକା ନିକଟସ୍ଥ ସାହୁ ଭାଟିକା ରେ ପଚାଶ ଜଣଙ୍କ ବନ୍ଧୁ ମିଳନ ପରିବାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଅର୍ଥନୀତିଜ୍ଞ ରାଜୀବ ସାହୁ ପରିଚାଳନା କରିଥିଲେ । ପ୍ରତିବର୍ଷ ବନ୍ଧୁ ମିଳନ ପରିବାର ସହ ବହୁ ପୁରୁଣା ସ୍ମୃତିକୁ ମନେ ପକାଇବାପାଇଁ ଏକ ପ୍ରୟାସ । ଏହି କାର୍ଯ୍ୟକ୍ରମ ରେ ଅନେକ ଅବସରପ୍ରାପ୍ତ ଶିକ୍ଷ୍ୟାବିତ , ବ୍ୟାଙ୍କ ଅଧିକାରୀ, ଚାଟାର୍ଡ ଆକାଉଣ୍ଟାଣ୍ଟ, ପ୍ରତିଷ୍ଠିତ ବ୍ୟବସାୟୀ, ଅଂଶ ଗ୍ରହଣ କରିଥିବାରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବିଶିଷ୍ଟ ଶିକ୍ଷାବିତ ପୂର୍ଣ୍ଣ ଚନ୍ଦ୍ର ସାହୁ, ଉଲ୍ଲାସ ପାଣିଗ୍ରାହୀ, ପ୍ରଦୀପ୍ତ କର, ମୃତ୍ୟୁଞ୍ଜୟ ପାତ୍ର, ମନମୋହନ ମିଶ୍ର, ଅରବିନ୍ଦ ଶତପଥୀ, ମନୋରଞ୍ଜନ ଆଚାର୍ଯ୍ୟ, ସହଯୋଗ କରି ପାରିଥିବାରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଆଗକୁ ଏହି କାର୍ଯ୍ୟକ୍ରମ ଚାଲୁ ରଖିବାକୁ ପ୍ରସ୍ତାବ ଗୃହୀତ ହୋଇଥିବା ପ୍ରକାଶ ।

## ୧୮ରେ ମାଗଣା ବ୍ରତୋପନୟନ

ପୁରୀ (ସବ୍ୟୁ): ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ପ୍ରତି ବର୍ଷ ପରି ଚଳିତ ବର୍ଷ ଫେବୃଆରୀ ୧୮ ରିଖ ରବିବାର ଦିନ ବୈଦିକ ରୀତିନୀତିରେ ସାମୁହିକ ମାଗଣା ବ୍ରତୋପନୟନ କାର୍ଯକ୍ରମ ଅନୁଷ୍ଠିତ ହେବ । ଲୋକନାଥ ମନ୍ଦିର ନିକଟ ଥାନ ପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ଜୀୟର ସ୍ୱାମୀ ମଠରେ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବ୍ରତାଧରୀଙ୍କ ସହିତ ସମ୍ପର୍କୀୟଙ୍କ ରହିବା, ଖାଇବା ସହିତ ସମଗ୍ର ସାମଗ୍ରୀ ଯୋଗାଇ ଦିଆଯିବ ଏଣୁ ରାଜ୍ୟ ଏବଂ ରାଜ୍ୟ ବାହାରର ଆଗ୍ରହୀ ବ୍ରାହ୍ମଣ ପରିବାର ଫେବୃଆରୀ ୧୫ ରିଖ ସୁଦ୍ଧା ଜୀୟର ସ୍ୱାମୀ ମଠ ବାଲିସାହି ପୁରୀ ମୋବାଇଲ -୯୮୬୧୦୩୩୩୯୭, ୯୪୩୭୫୦୦୭୪୫ ନମ୍ବରରେ ଯୋଗାଯୋଗ କରି ଏହାର ସୁବିଧା ନେବାପାଇଁ ଟ୍ରଷ୍ଟ ତରଫରୁ ଅନୁରୋଧ କରାଯାଇଛି ।

# ଶାମୁକାରେ ଶିଳ୍ପୀ ଗଢିଲେ ବିଦ୍ୟାଦାତ୍ରୀଙ୍କ ନିଆରା ମୂର୍ତ୍ତି



ଭୁବନେଶ୍ୱର (ସବ୍ୟୁ): ଧଉଳିଠାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଶିଳ୍ପୀ ଚନ୍ଦନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଶଶିକାନ୍ତ ବେହେରା, ସୋନାଲି ନାୟକ, ସୋନାଲି ବିଶ୍ୱାଳ, ଲିପ୍ସା ପ୍ରଧାନ, ବୃନ୍ଦାବନ ପଣ୍ଡା, ଶିବ ମଣ୍ଡଳ, ଅସିତ ଭୋଇ, ପ୍ରକାଶ ପରିଡା, ହିମାଂଶୁ ମହାରଣା, ରୋମିଓ ନିଶାନ୍ତ ଆଦି ୧୦ ଜଣ ଛାତ୍ରଛାତ୍ରୀ ଗଢ଼ିଛନ୍ତି । ୩୦ କିଲୋ ଶାମୁକାରେ ଓ ୩ ବସ୍ତା ନଡ଼ିଆ ସଢ଼େଇରେ ୮ଫୁଟ ଉଚ୍ଚତାର ଦେବୀ ସରସ୍ୱତୀଙ୍କ ନିଆରା ପ୍ରତିମୂର୍ତ୍ତି ଗଡିଛନ୍ତି ଶିଳ୍ପୀ ଛାତ୍ର ଛାତ୍ରୀମାନେ । ଶିଳ୍ପୀଙ୍କୁ ଏହି ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ୧୫ ଦିନ ଲାଗିଥିଲା ।

# ବିପର୍ଯ୍ୟୟଜନିତ ସହାୟତା ତଦାରଖ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାକୁ 'ସ୍କଚ୍' ପୁରସ୍କାର



ଭୁବନେଶ୍ୱର (ସବ୍ୟୁ): ବିପର୍ଯ୍ୟୟଜନିତ ସହାୟତା ତଦାରଖ ଓ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ଗ୍ରହଣ କରିଛନ୍ତି ସମ୍ମାନଜନକ 'ସ୍କଚ୍' ପୁରସ୍କାର । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ବିପର୍ଯ୍ୟୟଜନିତ ଅନୁକମ୍ପାମୂଳକ ରାଶି ପ୍ରଦାନ କ୍ଷେତ୍ରରେ ବିଳମ୍ବ ଘଟୁଥିବାବେଳେ ଏବେ ସରକାରଙ୍କ ପକ୍ଷରୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ବିପର୍ଯ୍ୟୟ ସହାୟତା ତଦାରଖ ଓ କ୍ଷତିପୂରଣ (ଡିଏମ୍‌ପିଏସ୍) ପଦ୍ଧତି ୧୦ ଜୁନ ୨୦୨୦ ମସିହାଠାରୁ ଲାଗୁ କରାଯାଇଥିଲା । ଏହି ଡିଜିଟାଲ ପ୍ଲାଟ୍‌ଫର୍ମରେ ଅନ୍‌ଲାଇନ୍ ମାଧ୍ୟମରେ ଖୁବ୍ କମ୍ ସମୟରେ ଅନୁକମ୍ପାମୂଳକ ରାଶି ପ୍ରଦାନ ଶୀଘ୍ର ସଂପନ୍ନ ହେଉଛି । ଏବେ ବିନା କାଗଜକଲମରେ ଏହି କାର୍ଯ୍ୟ ସମ୍ଭବ ହୋଇପାରୁଛି । ବିପର୍ଯ୍ୟୟଜନିତ ଜୀବନହାନି କ୍ଷେତ୍ରରେ ପ୍ରାଥମିକ ପର୍ଯ୍ୟାୟରେ ଏଫ୍‌ଆଇଆର୍ ଦାଖଲ କରିବାଠାରୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପୂର୍ବରୁ ଅନୁକମ୍ପାମୂଳକ ଦେୟ ମିଳିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସମସ୍ତ କାର୍ଯ୍ୟ ତଳୁ ଉପର ପର୍ଯ୍ୟନ୍ତ କାଗଜକଲମରେ ହେଉଥିଲା । ଡିଏମ୍‌ପିଏସ୍‌ରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଯୋଗୁ ଏବେ ଏହା ସହଜ ଓ ସରଳ ହୋଇପାରିଛି । ଏହିଡିଏମ୍‌ପିଏସ୍ ବ୍ୟବସ୍ଥା ଭୁବନେଶ୍ୱର ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ବୈଷୟିକ ସହାୟତାରେ ପ୍ରସ୍ତୁତ କରାଯାଇଛି । ଏହା ଦ୍ୱାରା ସ୍ୱଚ୍ଛତାର ସହ ପ୍ରଶାସନିକ ସ୍ତରରେ ସହାୟତା ବ୍ୟବସ୍ଥା ତଦାରଖ କରିବା ମଧ୍ୟ ସୁବିଧାଜନକ ହୋଇପାରୁଛି ।

# ମେନ ଅଫ ପ୍ଲାଟିନମ ଦ୍ୱାରା ୨୦୨୪ ଲୁକବୁକ

ଭୁବନେଶ୍ୱର (ସବ୍ୟୁ): କାର୍ଯ୍ୟକ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ ସହିତ ସାମାଜିକ ନିୟୋଜନତା ବୃଦ୍ଧି ପାଉଥିବାବେଳେ ପୁରୁଷମାନେ ସେମାନଙ୍କର ଷ୍ଟାଇଲକୁ ଉନ୍ନୀତ କରିବା ଏବଂ ଏକ ସ୍ଥାୟୀ ଛାପ ଛାଡିବା ନିମନ୍ତେ ଆଉ ଅଧିକ ଭଲ କିଛି ସମୟ ହୋଇନପାରେ। ଏହା ବର୍ଷର ପ୍ରଥମ ଅବକାଶ, ଏକ କର୍ପୋରେଟ କାର୍ଯ୍ୟକ୍ରମ ଅଥବା ବନ୍ଧୁ ଓ ପରିବାରଙ୍କ ସହିତ ଆନନ୍ଦ ଉଲ୍ଲାସର ସମୟ ହେଉ, ଏହି ନୂଆ ଟ୍ରେଣ୍ଡସ ଆପଣଙ୍କ ଲୁକକୁ ଉଚ୍ଚତର ସ୍ଥାନକୁ ନେଇଯିବାର ପ୍ରତିଶୃତି ଦେଉଛି। ପ୍ଲାଟିନମ ଜୁଏଲାରୀର ଅନ୍ତର୍ନିହିତ ମାଧୁର୍ଯ୍ୟ, ଗାମ୍ଭୀର୍ଯ୍ୟର ଏକ ଚିହ୍ନ, ଏହି ସମସ୍ତ ୨୦୨୪ ପୁରୁଷଙ୍କ ଜୁଏଲାରୀ ଟ୍ରେଣ୍ଡ ସହିତ ସମ୍ମିଶ୍ରଣରେ ତତକ୍ଷଣାତ ଆପଣଙ୍କୁ ଭିନ୍ନ ଭାବରେ ସ୍ଥାନିତ କରିବ, ଯାହା ଆପଣଙ୍କୁ ଆପଣଙ୍କ ନିଜସ୍ୱ ବର୍ଗରେ ରଖିବ। ଏହି ନବ ବର୍ଷ ଆପଣଙ୍କ ଜୁଏଲାରୀକୁ ଏଭଳି ଏକ ଫିନିଶିଂ ସ୍ପର୍ଶ ଦେଉ, ଯାହା ଆପଣଙ୍କୁ ଉଭୟ ବୃତ୍ତିଗତ ଓ ବ୍ୟକ୍ତିଗତ ସ୍ତରରେ ଭିନ୍ନ ଭାବରେ ଅବସ୍ଥାପିତ କରିବ। ମେନ ଅଫ ପ୍ଲାଟିନମର ଅଧୁନାତମ କଲେକ୍ସନ ନେକୱିଅର,



ରିଷ୍ଟୱିଅର ଏବଂ ରିଙ୍ଗ ଆଦିର ବିବିଧ ପିସ ଯୋଗାଇ ଦେଉଛି ଯାହା ପୁରୁଷଙ୍କ ଜୁଏଲାରୀରେ ବୈଶ୍ୱିକ ଧାରାରୁ ପ୍ରେରଣା ଲାଭ କରୁଛି। ୯୫% ଶୁଦ୍ଧ ଏବଂ ବିରଳ ପ୍ଲାଟିନମରୁ ନିଖୁଣ ଭାବରେ ତିଆରି ପ୍ରତିଟି ଡିଜାଇନକୁ ବହୁବିଧ ପୋଷାକ ସହିତ ପରିଧାନ କରାଯାଇପାରିବ ଏବଂ ବହୁ ଉପାୟରେ ଷ୍ଟାଇଲ କରାଯାଇପାରିବ।

# ଶିଶୁକର୍କଟ ଓ ଥାଲାସେମିଆ ନିରାକରଣ ନିମନ୍ତେ ଶୋଭାଯାତ୍ରା

ଭୁବନେଶ୍ୱର (ସବ୍ୟୁ): ଓଡିଶାରେ ଶିଶୁକର୍କଟ ଓ ଥାଲାସେମିଆ ନିରାକରଣର ସଚେତନତା ନିମନ୍ତେ ନାରାୟଣା ହେଲେଥ ଏବଂ ଥାଲାସେମିଆଆଣ୍ଡ ସିକିଲ୍‌ସେଲ୍ ସୋସାଇଟି ଓଡିଶା (ଟି.ଏସ୍.ଏସ୍.ଓ) ପକ୍ଷରୁ ଭୁବନେଶ୍ୱର ଠାରେ ଏକ ୱାକାଥନ୍‌ର ଆୟୋଜିତ କରାଯାଇଥିଲା । ଏହି ବିଶାଳ ଶୋଭାଯାତ୍ରା ବାଣୀବିହାରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭହୋଇ ୟୁନିଟ୍ ୯ ସ୍ଥିତରେ ରେଡ୍‌କ୍ରସ୍‌ବ୍ଲଡ ବ୍ୟାଙ୍କ ଠାରେ ସମାପ୍ତ ହୋଇଥିଲା । ଏହା ଦ୍ୱାରା ପିଲାମାନଙ୍କୁ ପ୍ରଭାବିତ କରୁଥିବା କର୍କଟ ଓ ଥାଲାସେମିଆ ପରି ମାରାତ୍ମକ ରୋଗର ମୁକାବିଲା ଏବଂ ପ୍ରସ୍ତୁତି ନିମନ୍ତେ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦିଆଯାଇଥିଲା । ଏହି ଶୋଭାଯାତ୍ରା ନାରାୟଣା ହେଲେଥ୍‌ର ଉପାଧ୍ୟକ୍ଷ ତଥା ବରିଷ୍ଠ ଅଙ୍କୋଲୋଜିଷ୍ଟ ଡ. ସୁନିଲଭଟ୍ ଏବଂ ଉତ୍କଳ



ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ବେଳେ ଏହି ଅବସରରେ ଭାରତୀୟ ରେଡ୍‌କ୍ରସ ସୋସାଇଟିର ସଚିବ ବିଭୁତି ଭୂଷଣ ପଟ୍ଟନାୟକ, ବିଧାୟକ ସୁରେଶ କୁମାର ରାଉତରାଏ, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ପ୍ରିୟଦର୍ଶୀମିଶ୍ର, ଓ.ଟି.ଡି.ସି ଅଧ୍ୟକ୍ଷା ଶ୍ରୀମତୀ ଶ୍ରୀମୟି ମିଶ୍ର, ଅଭିନେତା ସବ୍ୟସାଚି ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ହାସ୍ୟ ଅଭିନେତା ସଙ୍କର ଓ ପ୍ରଜ୍ଞା ମଧ୍ୟ ଯୋଗ ଦେଇଥିଲେ ।

ଏହି ଅବଶରରେ ନାରାୟଣା ହେଲେଥ୍‌ର ଉପାଧ୍ୟକ୍ଷ ତଥା ବରିଷ୍ଠ ଅଙ୍କୋଲୋଜିଷ୍ଟ ଡ. ସୁନିଲ ଭଟ୍ କହିଛନ୍ତି 'ବିଶ୍ୱରେ ବାର୍ଷିକ ପ୍ରାୟ ୪ ଲକ୍ଷରୁ ଅଧିକ ଶିଶୁକର୍କଟ ଓ ଥାଲାସେମିଆରେ ପିଡିତହୋଇ ପ୍ରାଣହରାଉଛନ୍ତି । ଯଦି ଏହି ରୋଗକୁ ଠିକ୍ ସମୟରେ ଚିହ୍ନଟ କରି ଚିକିତ୍ସା କରାଯାଏ ତେବେ ଏହାର ସମ୍ପୁର୍ଣ ନିରାକରଣ କରାଯାଇ ପାରିବ । ନାରୟଣାହେଲ୍‌ଥ ସର୍ବଦା ଏହି ଦିଗରେ ସମାଜ ପ୍ରତି ନିଜର ପତିବଦ୍ଧତା ବଜାଇ ରଖିବା ସହିତ ନଜର ଅବଦାନ ଦେଇ ଆସିଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଭାଗଦେଇ ଥାଲାସେମିଆ ଆଣ୍ଡ ସିକିଲ୍ ସେଲ୍‌ସୋସାଇଟି ଓଡିଶା (ଟି.ଏସ୍.ଏସ୍.ଓ)ର ଅଧ୍ୟକ୍ଷ ନିରାକାର ପଣ୍ଡା କହିଛନ୍ତି ' ଏହି ଶୋଭାଯାତ୍ରାର ମୁଳ ଉଦେଶ୍ୟଜନ ସାଧାରଣଙ୍କୁ ଥାଲାସେମିଆ ବିଷୟରେ ଅବଗତ କରାଇବା ସହିତ ଥାଲା ସେମିଆ ରୋଗକୁ ଓଡିଶା ତଥା ଭାରତରୁ ନିପାତକରିବା ନିମନ୍ତେ ପ୍ରସ୍ତୁତ କରିବା । ଏଥିଲାଗି ସରକାର ମଧ୍ୟ ସାହାଯ୍ୟର ହାତ ବଢେଇବା ସହ ଅବଶ୍ୟକିୟ ପଦକ୍ଷପ ନେବା ଦରକାର ବୋଲି ସେ କହିଛନ୍ତି।

ଏକାଦଶାହ ଉପଲକ୍ଷେ
ଗଭୀର ଶ୍ରଦ୍ଧାଞ୍ଜଳି



ସ୍ୱ ଦେବରାଜ ପ୍ରଧାନ
ପୂର୍ବତନ ମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ମଣିଷ
ସ୍ୱଦୋଳ ଗୋବିନ୍ଦ ପ୍ରଧାନଙ୍କ ଜ୍ୟେଷ୍ଠପୁତ୍ର
ଆବିର୍ଭାବ: ୧୩.୦୨.୧୯୫୭ - ତିରୋଧାନ:୦୪.୦୨.୨୦୨୪
ଢିହସାହି, ଗତିରାଉତପାଟଣା, କଟକ
ଆପଣ ଯିବା ଦିନରୁ ଆମ ପରିବାରରେ ନିଦ ହଜିଯାଇଛି ।
ପତ୍ନୀ ଶ୍ରୀମତୀ ଅମ୍ବିକା ପ୍ରଧାନ
ଭାଇ-ବିଜୟ, ପୁଷ୍ପରାଜ, ସଂଜୟ, ପୃଥୀରାଜ, ପ୍ରଜ୍ଞାରାଜ
ଭଉଣୀ- ସତ୍ୟଭାମା, ହେମବତୀ
ସ୍ୱ ଦେବରାଜ ପ୍ରଧାନ, ଟ୍ରଷ୍ଟି,
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟଙ୍କ ବିୟୋଗରେ ଆମର ଗଭୀର ଶ୍ରଦ୍ଧାଞ୍ଜଳି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର
ଡଃ. ପ୍ରଫେସର ବୃଦ୍ଧଦେବ ମିଶ୍ର

## ୟୁଏଇ ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

# ଦ୍ୱିପାକ୍ଷିକ ଭାଗିଦାରୀର ସମୀକ୍ଷା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୟୁଏଇ ଗସ୍ତରେ ଯାଇ ଆବୁଧାବିରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ତାଙ୍କୁ ୟୁଏଇର ରାଷ୍ଟ୍ରପତି ମହାମହିମ ଶେଖ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନ୍ ସ୍ୱାଗତ କରିଥିଲେ ଏବଂ ଏହାପରେ ତାଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଥିଲା । ଦୁଇ ନେତା ପ୍ରତ୍ୟକ୍ଷ ଓ ପ୍ରତିନିଧି ସ୍ତରୀୟ ଆଲୋଚନା କରିଥିଲେ । ସେମାନେ ଦ୍ୱିପାକ୍ଷିକ ଭାଗିଦାରୀର ସମୀକ୍ଷା କରିଥିଲେ ଏବଂ ସହଯୋଗର ନୂତନ କ୍ଷେତ୍ର ଉପରେ ଆଲୋଚନା କରିଥିଲେ । ବାଣିଜ୍ୟ ଓ ପୁଞ୍ଜିନିବେଶ, ଡିଜିଟାଲ ଭିତ୍ତିଭୂମି, ଫିନଟେକ୍, ଶକ୍ତି, ଭିତ୍ତିଭୂମି, ସଂସ୍କୃତି ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ରଣନୈତିକ ଭାଗିଦାରୀକୁ ସେମାନେ ସ୍ୱାଗତ କରିଥିଲେ । ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା ।



ଦ୍ୱିପାକ୍ଷିକ ନିବେଶ ଚୁକ୍ତି କରାଯାଇଛି । ଏହି ଚୁକ୍ତି ଉଭୟ ଦେଶରେ ପୁଞ୍ଜିନିବେଶକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରମୁଖ ସହାୟକ ହେବ । ଭାରତ ୟୁଏଇ ସହିତ ଉଭୟ ଦ୍ୱିପାକ୍ଷିକ ନିବେଶ ଚୁକ୍ତି ଏବଂ ଏକ ବ୍ୟାପକ ଅର୍ଥନୈତିକ ଭାଗିଦାରୀ ଚୁକ୍ତି ସ୍ୱାକ୍ଷର କରିଛି । ବୈଦ୍ୟୁତିକ ଇଣ୍ଟରକନେକ୍ସନ ଏବଂ ବାଣିଜ୍ୟ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ଶକ୍ତି ସୁରକ୍ଷା ଏବଂ ଶକ୍ତି କ୍ଷେତ୍ରରେ ସହଯୋଗର ନୂତନ କ୍ଷେତ୍ର ଖୋଲିଛି । ଭାରତ-ମଧ୍ୟପ୍ରାଚ୍ୟ ଅର୍ଥନୈତିକ କରିଡର ଉପରେ ଭାରତ ଏବଂ ୟୁଏଇ ମଧ୍ୟରେ ଏକ ଆନ୍ତଃ ସରକାରୀ ଫ୍ରେମୱାର୍କ ଚୁକ୍ତି । ଏହା ଏହି ପ୍ରସଙ୍ଗରେ ପୂର୍ବ ବୁଝାମଣା ଏବଂ ସହଯୋଗ ଉପରେ ଆଧାରିତ ହେବ ଏବଂ ଆଞ୍ଚଳିକ ଯୋଗାଯୋଗକୁ ଆଗକୁ ବଢ଼ାଇବାରେ ଭାରତ ଏବଂ ୟୁଏଇ ସହଯୋଗକୁ ପ୍ରୋତ୍ସାହିତ କରିବ ।

ଡିଜିଟାଲ ଭିତ୍ତିଭୂମି ପ୍ରକଳ୍ପରେ ସହଯୋଗ ପାଇଁ ବୁଝାମଣାପତ୍ର ହୋଇଛି । ଏହା ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ ସହଯୋଗ ସମେତ ବ୍ୟାପକ ସହଯୋଗ ପାଇଁ ଏକ ଢାଞ୍ଚା ସୃଷ୍ଟି କରିବ ଏବଂ ବୈଷୟିକ ଜ୍ଞାନ, ଦକ୍ଷତା ଏବଂ ଦକ୍ଷତା ଆଦାନ ପ୍ରଦାନକୁ ମଧ୍ୟ ସହଜ କରିବ । ଦୁଇ ଦେଶର ଜାତୀୟ ଅଭିଲେଖାଗାର ମଧ୍ୟରେ ସହଯୋଗ ପ୍ରୋଟୋକଲ ପାଇଁ ମଧ୍ୟ ବୁଝାମଣା ହୋଇଛି । ଏହି ପ୍ରୋଟୋକଲ୍ ଆର୍କାଇଭଲ୍ ସାମଗ୍ରୀର ପୁନରୁଦ୍ଧାର ଏବଂ ସଂରକ୍ଷଣ ସହିତ ଏହି କ୍ଷେତ୍ରରେ ବ୍ୟାପକ ଦ୍ୱିପାକ୍ଷିକ ସହଯୋଗକୁ ଆକାର ଦେବ । ଐତିହ୍ୟ ଓ ସଂଗ୍ରହାଳୟ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣାପତ୍ର କରାଯାଇଛି ।

ଏହି ଗସ୍ତ ପୂର୍ବରୁ ରାଇଟ୍ସ ଲିମିଟେଡ୍ ଆବୁଧାବି ପୋର୍ଟସ କମ୍ପାନୀ ଏବଂ ଗୁଜରାଟ ମେରିଟାଇମ୍ ବୋର୍ଡ ସହ ଆବୁଧାବୀ ପୋର୍ଟସ କମ୍ପାନୀ ଚୁକ୍ତି ସ୍ୱାକ୍ଷର କରିଛି । ଏହା ବନ୍ଦର ଭିତ୍ତିଭୂମି ନିର୍ମାଣରେ ସହାୟକ ହେବ ଏବଂ ଦୁଇ ଦେଶ ମଧ୍ୟରେ ଯୋଗାଯୋଗକୁ ଆହୁରି ବଢ଼ାଇବ । ଆବୁଧାବୀରେ ବିଏପିଏସ ମନ୍ଦିର ନିର୍ମାଣ ପାଇଁ ଜମି ପ୍ରଦାନରେ ତାଙ୍କର ବ୍ୟକ୍ତିଗତ ସମର୍ଥନ ଏବଂ ଉଦାରତା ପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ ଅଲ ନାହ୍ୟାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଉଭୟ ପକ୍ଷ ଉଲ୍ଲେଖ କରିଛନ୍ତି ଯେ ବିଏପିଏସ ମନ୍ଦିର ୟୁଏଇ-ଭାରତ ବନ୍ଧୁତା, ଗଭୀର ସାଂସ୍କୃତିକ ବନ୍ଧନ ଏବଂ ସୌହାର୍ଦ୍ଦ୍ୟ, ସହିଷ୍ଣୁତା ଏବଂ ଶାନ୍ତିପୂର୍ଣ୍ଣ ବସବାସ ପ୍ରତି ୟୁଏଇର ବିଶ୍ୱସ୍ତରୀୟ ପ୍ରତିବଦ୍ଧତାର ଏକ ପ୍ରତୀକ ।

## ୟୁଏଇରେ ଲଞ୍ଚ ହେଲା ୟୁପିଆଇ ଓ ରୁପେ କାର୍ଡ

ନୂଆଦିଲ୍ଲୀ : ୟୁଏଇରେ ପ୍ରଥମ ଥର ପାଇଁ ଭାରତରେ ପ୍ରଚଳିତ ହେଉଥିବା ଟଙ୍କା ନେଣଦେଣ ବ୍ୟବସ୍ଥା ଲାଗୁ କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୟୁଏଇର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନହୟାନ ମିଳିତ ଭାବେ ଆଜି ୟୁପିଆଇ ଓ ରୁପେ କାର୍ଡ ସେବାକୁ ଲଞ୍ଚ କରିଛନ୍ତି । ୟୁଏଇରେ ପ୍ରଥମ ଥର ପାଇଁ ଭାରତରେ ପ୍ରଚଳିତ ହେଉଥିବା ଟଙ୍କା ନେଣଦେଣ ବ୍ୟବସ୍ଥା ଲାଗୁ କରାଯାଇଛି । ରୁପେ ହେଉଛି ଭାରତୀୟ ମଲ୍ଟିନ୍ୟାସନାଲ ଫାଇନାନ୍ସିଆଲ ସେବା ଓ ପେମେଣ୍ଟ ସର୍ଭିସ ସିଷ୍ଟ । ସେହିପରି ୟୁପିଆଇ ହେଉଛି ତତ୍କ୍ଷାଣତ ପେମେଣ୍ଟ ବ୍ୟବସ୍ଥା ।

ଦୁଇ ନେତାଙ୍କ ଉପସ୍ଥିତିରେ ଏହି ଦୁଇ ସେବା ୟୁଏଇରେ ଆରମ୍ଭ କରାଯାଇଛି । ଏହାର ଅର୍ଥ ଭାରତ ଭଳି ସେଠାରେ ମଧ୍ୟ ଲୋକମାନେ ଏହି ଦୁଇ ବ୍ୟବସ୍ଥା ଦ୍ୱାରା ନେଣଦେଣ କରିପାରିବେ । ଏହା ୟୁଏଇ ବୁଲିବାକୁ ଯାଉଥିବା ଭାରତୀୟ ଓ ସେଠାରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କୁ ବେଶ ସହାୟକ ହେବ । ୟୁପିଆ ଓ ରୁପେ କାର୍ଡ ସେବାକୁ ଲଞ୍ଚ କରିବା ପୂର୍ବରୁ ଦୁଇ ଦେଶର ନେତା ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଦୁଇ ଦେଶ ମଧ୍ୟରେ ଏକାଧିକ ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି ।

ଏହା ମଧ୍ୟରେ ଡିଜିଟାଲ୍ ଭିତ୍ତିଭୂମି ପ୍ରକଳ୍ପର ବିକାଶ ଓ ଐତିହ୍ୟ ଓ ମ୍ୟୁଜିୟମ ଆଦି କ୍ଷେତ୍ରରେ ସହଯୋଗ ପାଇଁ ଚୁକ୍ତି ରହିଛି । ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ବୈଦେଶିକ ସଚିବ ବିନୟ କ୍ୱାତ୍ରା ପ୍ରମୁଖ ମୋଦିଙ୍କ ସହ ଦୁଇ ଦିନିଆ ୟୁଏଇ ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଆବୁଧାବୀରେ ନିର୍ମିତ ହୋଇଥିବା ରାମ ମନ୍ଦିରର ଉଦ୍ଘାଟନ କରିବେ । ଏହାବାଦ ସେ ଜାଏଦ୍ ସ୍ପୋର୍ଟ୍ସ ସିଟିରେ ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।




## ହାତ ଛାଡ଼ି ପଦ୍ମ ଧରିଲେ ଅଶୋକ

ମୁମ୍ବାଇ: ସୋମବାର କଂଗ୍ରେସରୁ ଇସ୍ତଫା ଦେଇଥିବା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚୌହାନ ଆଜି ବିଜେପିରେ ସାମିଲ ହୋଇଛନ୍ତି । ମୁମ୍ବାଇ ଦଳୀୟ କାର୍ଯ୍ୟାଳୟରେ ସେ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଏହି ସମୟରେ ମହାରାଷ୍ଟ୍ରର ଡେପୁଟି ସିଏମ୍ ଦେବେନ୍ଦ୍ର ଫଡନାଭିସ୍ ମଧ୍ୟ ଉପସ୍ଥିତ ଥିଲେ ।

ଅଶୋକ ଚୌହାନ ସୋମବାର କଂଗ୍ରେସରୁ ଇସ୍ତଫା ଦେଇଥିଲେ । ସେହି ସମୟ ସେ ବିଜେପିରେ ଯୋଗଦେବେ ବୋଲି ଅନୁମାନ କରାଯାଉଥିଲା । ବିଜେପିରୁ ଅଶୋକ ରାଜ୍ୟସଭା ପ୍ରାର୍ଥୀ ହୋଇପାରନ୍ତି ।



ସେହିଭଳି ଅଶୋକଙ୍କ ସହ କଂଗ୍ରେସର କିଛି ବିଧାୟକ ମଧ୍ୟ ବିଜେପିରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଛି । ପୂର୍ବରୁ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚୌହାନ କହିଥିଲେ, ସେ ଶାସକ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗଦେବେ । ଆଜି ମୋ ଜୀବନରେ ଏକ ନୂତନ ରାଜନୈତିକ କ୍ୟାରିୟରର ଆରମ୍ଭ ହେବ । ଅଶୋକ ବିଜେପିରେ ସାମିଲ ହେବା ପରେ କଂଗ୍ରେସକୁ ବଡ ଝଟକା ଲାଗିଛି । କାରଣ ନିଜ ଗୃହ ଜିଲ୍ଲା ନାନ୍ଦେଡ଼ ସମେତ ଏହାର ପାଖ ନିର୍ବାଚନମଣ୍ଡଳୀରେ ମଧ୍ୟ ଅଶୋକଙ୍କର ପତିଆରା ଯଥେଷ୍ଟ ଅଧିକ ରହିଛି । ମହାରାଷ୍ଟ୍ର କଂଗ୍ରେସର ଅଶୋକ ଥିଲେ ଜଣେ ଜଣାଶୁଣା ଚେହେରା । ମୋଦି ଲହର ସତ୍ତ୍ୱେ ସେ ୨୦୧୪ରେ ନନ୍ଦେଡ ଆସନରୁ କଂଗ୍ରେସକୁ ବିଜୟୀ କରାଇଥିଲେ । ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ ଅଶୋକ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିଲେ । କିନ୍ତୁ ଆଦର୍ଶ ଦୁର୍ନୀତିରେ ତାଙ୍କ ନାଁ ଉଠିବା ପରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲା ।

# ଭାଙ୍ଗିଲେ ବ୍ୟାରିକେଡ୍, ମାରିଲେ ପଥର



## ତାତିଲେ ଚାଷୀ

ନୂଆଦିଲ୍ଲୀ : ପଞ୍ଜାବ-ହରିଆଣାର ଶମ୍ଭୁ ସୀମାରେ ସ୍ଥିତି ଅଣାୟତ ହୋଇଛିଛ ପୁଲିସ ଓ ବିକ୍ଷୋଭକାରୀ ମୁହାଁମୁହିଁ ହୋଇଛି । ସିମେଣ୍ଟ ବ୍ୟାରିକେଡ୍ ଭାଙ୍ଗିଛନ୍ତି କୃଷକଛ ଏଥିସହ ପୁଲିସ ଉପରକୁ ପଥରମାଡ଼ ମଧ୍ୟ କରିଛନ୍ତି । ଫଳରେ ପୁଲିସ ଡ୍ରୋନ ସହାୟତାରେ ଲୁହ ବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ପାଣି ମାଡ଼ କରିଛି । ଏହା ଦ୍ୱାରା ସ୍ଥିତି ଆହୁରି ବିଗିଡି ଯାଇଛି ।

ସେପଟେ କୃକଷମାନେ ପୁଲିସର ଲୁହବୁହା ଗ୍ୟାସରୁ ବର୍ତ୍ତିବା ପାଇଁ ଉପାୟ ଖୋଜି ବାହାର କିରଛନ୍ତି । ଟ୍ରାକ୍ଟର ଚଳାଥିବା କୃଷକମାନେ ମୁହଁରେ ଗ୍ୟାସ୍ ମାସ୍କ ଲଗାଇଛନ୍ତି । ପୁଲିସ ଶତାଧିକ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି । କୃଷକମାନଙ୍କ ଆନ୍ଦୋଳନକୁ ରୋକିବା ପାଇଁ ପୁଲିସ୍ ଚେଷ୍ଟା ଜାରି ରଖିଛି । ବିରୋଧ କରିବା ଆମ ଗଣତାନ୍ତ୍ରିକ ଅଧିକାର ବୋଲି କୃଷକମାନେ କହିଛନ୍ତି ।

ସୂଚନାନୁସାରେ, ଯେତେବେଳେ କୃଷକମାନେ ଶମ୍ଭୁ ସୀମାରେ ପହଞ୍ଚି ବ୍ୟାରିକେଡକୁ ଘଟଣାସ୍ଥଳରୁ ଉଠାଇ ନେଇଥିଲେ ସେତେବେଳେ ପୁଲିସ ଏହାର ପ୍ରତିରୋଧ କରିଥିଲା । ଏହାପୂର୍ବରୁ କୃଷକମାନେ ଅମ୍ବାଲାର ଶମ୍ଭୁ ସୀମାରେ ପହଞ୍ଚିଥିଲେ । ଟ୍ରାକ୍ଟର ଟ୍ରଲିର କନଭେ ସୀମା ପୂର୍ବରୁ ଏଠାରେ ଅଟକି ରହିଥିଲା । ସେପଟେ କୃଷକଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି । ମାଲିୱାଲ ଚାଷୀଙ୍କୁ ଲୁହା କଣ୍ଟା ବିଛାଇ କୃଷକଙ୍କୁ ଅଟକାଇବା ଏବଂ ତାଙ୍କ ଉପରେ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ବେଶ୍ ଚିନ୍ତାଜନକ ବୋଲି ସେ କରିଛନ୍ତି । ଏଥିରେ ହସ୍ତକ୍ଷେପ କରି ଚାଷୀଙ୍କ ସହ ଆଲୋଚନା କରିବାକୁ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି । ଦିଲ୍ଲୀ ସୀମାରେ ତେଜୁଛି ଚାଷୀ ଆନ୍ଦୋଳନ । ଦିଲ୍ଲୀ ଚଲୋ ଆନ୍ଦୋଳନରେ ସାମିଲ ହୋଇଛନ୍ତି ୨ଶହରୁ ଅଧିକ ଚାଷୀ ସଙ୍ଗଠନ ।

ହଜାର ହଜାର ଚାଷୀ ଟ୍ରାକ୍ଟର ଓ କାର ମାଧ୍ୟମରେ ଦିଲ୍ଲୀ ମୁହାଁ ହୋଇଛନ୍ତି । ସୁରକ୍ଷାକୁ ଦୃଷ୍ଟିରେ ରଖି ଦିଲ୍ଲୀର ସମସ୍ତ ସୀମା ସିଲ୍ କରିଛି ପୁଲିସ ପ୍ରଶାସନ । ପଞ୍ଜାବ, ହରିୟାଣା ଓ ୟୁପି ପଟୁ ଆସୁଥିବା ଚାଷୀଙ୍କୁ ରୋକିବା ଲାଗି ଲୁହ ବୁହା ଗ୍ୟାସ ପ୍ରୟୋଗ କରାଯାଇଛି । ବିଭିନ୍ନ ସ୍ଥାନରେ ୧୪୪ ଧାରା ଜାରି କରାଯାଇଥିବା ବେଳେ ଇଣ୍ଟରନେଟ୍ ସେବା ବି ବନ୍ଦ କରାଯାଇଛି । ସୁରକ୍ଷା ପାଇଁ ଅର୍ଦ୍ଧସାମରିକ ବଳ ମୁତୟନ କରାଯାଇଛି ।

## ବିଲକୁ ଖସି ପଡ଼ିଲା ବାୟୁସେନାର ଲଢୁଆ ବିମାନ

କୋଲକାତା : ଦୁର୍ଘଟଣାଗ୍ରସ୍ତ ହେଲା ଭାରତୀୟ ବାୟୁସେନାର ଲୁଆ ବିମାନଛ ଦୁର୍ଘଟଣାଗ୍ରସ୍ତ ହୋଇ ଏହା ଏକ ବିଲକୁ ଖସି ପଡିଛି । ପଶ୍ଚିମବଙ୍ଗର ମିଦନାପୁର ସ୍ଥିତ କଲାଇକୁଣ୍ଡା ଏୟାରବେସ୍ ନିକଟରେ ଦୁର୍ଘଟଣା ଘଟିଛି ।

ସୂଚନା ମୁତାବକ, ଟ୍ରେନିଂ ବେଳେ ଖଡ଼ଗପୁର ଥାନା ଦିଆସା ଅଞ୍ଚଳରେ ବାୟୁସେନାର ଏକ ଲୁଆ ବିମାନଟି ବିଲକୁ ଖସି ପଡ଼ିଛି । ଦୁର୍ଘଟଣାଗ୍ରସ୍ତ ବିମାନଟି କଲେଇକୁଣ୍ଡା ଏୟାରବେସରୁ ଉଡ଼ାଣ ଭରିଥିଲା । ତେବେ ଏଥିରେ ଥିବା ଦୁଇ ଜଣ ପାଇଲଟ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଉଭୟ ପାଇଲଟ ପରାସୁଟ୍ ଯୋଗେ ସୁରକ୍ଷିତ ଅବତରଣ କରିଛନ୍ତି । ସେପଟେ ବିମାନଟି ବିଲକୁ ଖସିପଡିବା ପରେ ପୂରା ଅଞ୍ଚଳରେ ଆତଙ୍କ ଖେଳି ଯାଇଛି । ବିଲରେ ଖସି ପଡ଼ିଥିବା ବିମାନଟି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି ।



ଗତ ବର୍ଷ ଡିସେମ୍ବରରେ ମଧ୍ୟ ଭାରତୀୟ ବାୟୁସେନାର ଏକ ପ୍ରଶିକ୍ଷକ ବିମାନ ତେଲେଙ୍ଗାନାର ମେଡାକ ଜିଲ୍ଲାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ଦୁଇ ପାଇଲଟଙ୍କ ମୃତ୍ୟୁ ହୋଇଥିଲା । ଡିଣ୍ଡିଗୁଲରେ ଅବସ୍ଥିତ ବାୟୁସେନା ଏକାଡେମୀ ନିକଟରେ ଏହି ଦୁର୍ଘଟଣା ଘଟିଥିଲେ । ଏଥିରେ ଜଣେ କ୍ୟାଡେଟ୍ ପାଇଲଟ୍ ଏବଂ ଜଣେ ଟ୍ରେନର୍ ଥିଲେ ।

## ରାଜ୍ୟସଭା ପାଇଁ ପ୍ରାର୍ଥୀ ହେବେ ସୋନିଆ

ନୂଆଦିଲ୍ଲୀ: ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଦେଶର ବିଭିନ୍ନ ରାଜ୍ୟର ୫୬ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ । ଏହି ନିର୍ବାଚନ ପାଇଁ ବିଜେପି ସମେତ ବିଭିନ୍ନ ଦଳ ନିଜ ନିଜର ପ୍ରାର୍ଥୀ ଘୋଷଣା କରିଛନ୍ତି । ତେବେ ଏହି ନିର୍ବାଚନର ସବୁଠାରୁ ବଡ ଖବର ସାମ୍ନାକୁ ଆସିଛି ଯେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧି ମଧ୍ୟ ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କରିବାକୁ ଯାଉଛନ୍ତି । ବୁଧବାର ରାଜ୍ୟସଭା ନିର୍ବାଚନ ପାଇଁ ସୋନିଆ ଗାନ୍ଧି ନାମାଙ୍କନପତ୍ର ଦାଖଲ କରିବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ତେବେ କେଉଁ ରାଜ୍ୟରୁ ସେ ମନୋନୟନପତ୍ର ଦାଖଲ କରିବେ ତାହା ସ୍ପଷ୍ଟ ହୋଇପାରି ନାହିଁ ।

ସୂଚନା ଅନୁଯାୟୀ ବୁଧବାର ନାମାଙ୍କନପତ୍ର ଦାଖଲ ସମୟରେ ସୋନିଆ ଗାନ୍ଧୀଙ୍କ ସହ ରାହୁଲ ଗାନ୍ଧି ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ଉପସ୍ଥିତ ରହିବେ ବୋଲି କୁହାଯାଉଛି । ତେବେ ସୋନିଆ ଗାନ୍ଧି କେଉଁ ରାଜ୍ୟରୁ ନିର୍ବାଚନ ଲଢ଼ିବେ ସେ ନେଇ ଆଜି ରାତି ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ସମ୍ଭାବିତ ରାଜ୍ୟ ମଧ୍ୟରେ ରହିଛି ରାଜସ୍ଥାନ ଓ ତେଲେଙ୍ଗାନା । ସେହିପରି ମଧ୍ୟପ୍ରଦେଶରୁ ବି ସେ ମନୋନୟନପତ୍ର ଦାଖଲ କରନ୍ତୁ ବୋଲି ସେଠାକାର ବିଧାୟକମାନେ ଆମନ୍ତ୍ରଣ କରିଛନ୍ତି । ତେବେ ଆଜି ରାତି ସୁଦ୍ଧା ତାହା ସ୍ପଷ୍ଟ ହେବାର ସମ୍ଭାବନା ରହିଛ ।

# ଇସିଙ୍କ ଆଦେଶ ଉପରେ ରୋକ୍ ଲଗାଇବାକୁ ମନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ନିର୍ବାଚନ କମିଶନର ନିଯୁକ୍ତିକୁ ନେଇ ବିବାଦୀୟ ନୂଆ ଆଇନ ଉପରେ ରୋକ ଲଗାଇବାକୁ ସୁପ୍ରିମକୋର୍ଟ ଆଜି ଦ୍ୱିତୀୟ ଥର ପାଇଁ ମନା କରିଦେଇଛନ୍ତି । ତେବେ ଅଦାଲତ ଏହି ଆବେଦନକୁ ଏହି ପ୍ରସଙ୍ଗରେ ବିଚାରାଧୀନ ମାମଲା ତାଲିକାରେ ଯୋଡ଼ିଛନ୍ତି ଏବଂ ସାଧାରଣ ନିର୍ବାଚନର କିଛି ଦିନ ପୂର୍ବରୁ ଏପ୍ରିଲରେ ଏସବୁର ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏବଂ ଏସଂପର୍କରେ କୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି ।

ଦେଶରେ ନିର୍ବାଚନ ଓ ରାଜନୈତିକ ସଂସ୍କାର ପାଇଁ କାର୍ଯ୍ୟ କରୁଥିବା ଏକ ଅଣରାଜନୈତିକ ଏବଂ ଅଣଦଳୀୟ ତଥା ଅଣଲାଭକାରୀ ସଂଗଠନ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ପକ୍ଷରୁ ଏହି ନୂଆ ପିଟିସନ୍ ଦାଖଲ କରାଯାଇଛି । ଆଜିର ଶୁଣାଣିରେ ଏଡିଆର ପକ୍ଷରୁ ଯୁକ୍ତି ଉପସ୍ଥାପନ କରି ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ଆସନ୍ତାକାଲି ଜଣେ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଅବସର ନେବାକୁ ଥିବାରୁ ଏହି ଆଇନକୁ ଏବେ ନିଷିଦ୍ଧ କରିବାକୁ ପଡ଼ିବ । ନୂଆ ଆଇନର କାର୍ଯ୍ୟକାରୀ ଧାରା- ଯେଉଁଥିରେ ନିଯୁକ୍ତି ସଂପର୍କରେ କୁହାଯାଇଛି- ତାହା ଯଦି ପ୍ରଧାନ ବିଚାରପତି ନୁହେଁ ବରଂ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ତିନି ଜଣିଆ କମିଟିର ସୁପାରିସ ଆଧାରରେ ଏବଂ କେନ୍ଦ୍ର କ୍ୟାବିନେଟର ଜଣେ ସଦସ୍ୟଙ୍କୁ ମିଶାଇ କରାଯାଏ, ତେବେ ଆବେଦନ ଅପ୍ରଭାବୀ ହୋଇଯିବ ବୋଲି ଶ୍ରୀ ଭୂଷଣ କହିଥିଲେ ।

ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଗୁପ୍ତାଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଏଥିରେ ଅସହମତି ପ୍ରକାଶ କରି କହିଛନ୍ତି ଯେ 'ସାମ୍ବିଧାନିକ ବୈଧତା ଥିବା ମାମଲା କେବେ ବି ଅଯଥା ନୁହେଁ । ଆମେ ଆପଣଙ୍କୁ ଅନ୍ତରୀଣ ରିଲିଫ୍ ଦେଇପାରିବୁ ନାହିଁଛ ସାମ୍ବିଧାନିକ ବୈଧତା ପ୍ରସଙ୍ଗ କେବେ ବି ଅଯଥା ହୋଇ ନଥାଏ । ଅନ୍ତରୀଣ ରିଲିଫ ପ୍ରଦାନ ପାଇଁ ଆମେ ଆମର ମାନଦଣ୍ଡ ଜାଣିଛୁ' ବୋଲି ଖଣ୍ଡପୀଠ କହିଛନ୍ତି । ଗତ ମାସରେ ମଧ୍ୟ କଂଗ୍ରେସ ନେତ୍ରୀ ଜୟା ଠାକୁରଙ୍କ ଆବେଦନ ଉପରେ ଅଦାଲତ ଏହି ଆଇନକୁ ନିଷିଦ୍ଧ କରିବାକୁ ମନା କରିଦେଇଥିଲେ । କିନ୍ତୁ ଏହାକୁ 'ପରୀକ୍ଷା' କରିବାକୁ ପ୍ରସ୍ତୁତ ବୋଲି କହିଥିଲେ ଏବଂ କେନ୍ଦ୍ର ଓ ନିର୍ବାଚନ କମିଶନଙ୍କୁ ନୋଟିସ୍ ଜାରି କରିଥିଲେ । ଶ୍ରୀମତୀ ଠାକୁରଙ୍କ ପିଟିସନରେ ଏହି ଆଇନ ଉପରେ ପ୍ରତିବନ୍ଧକ ଲଗାଇବାକୁ ମଧ୍ୟ ଦାବି କରାଯାଇଥିଲା । ବାସ୍ତବରେ, ଗତ ବର୍ଷ ମାର୍ଚ୍ଚରେ କୋର୍ଟ କହିଥିଲେ ଯେ ପ୍ରଧାନ ବିଚାରପତି ଏହି ପ୍ୟାନେଲର ତୃତୀୟ ସଦସ୍ୟ ହେବେ । ତେବେ ଏହି ରାୟକୁ ବିବାଦୀୟ ଭାବେ ଉଲ୍ଲଂଘନ କରାଯାଇଥିଲା । ପ୍ରଧାନ ବିଚାରପତିଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ କେନ୍ଦ୍ର କ୍ୟାବିନେଟର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦେବା ପାଇଁ ସରକାର ଏକ ବିଲ୍ ପାରିତ କରିଥିଲେ ।

## ପଞ୍ଜାବର ଶ୍ରମିକଙ୍କୁ ହତ୍ୟା କରିଥିବା ଆତଙ୍କବାଦୀ ଗିରଫ

ଶ୍ରୀନଗର: ଜମ୍ମୁ-କଶ୍ମୀର ପୁଲିସ ଶ୍ରୀନଗରରୁ ଜଣେ ଆତଙ୍କବାଦୀଙ୍କୁ ଗିରଫ କରିବା ସହ ପ୍ରବାସୀ ଶ୍ରମିକଙ୍କ ହତ୍ୟା ମାମଲାର ପର୍ଦ୍ଦାଫାସ କରିଛି । ଗତ ସପ୍ତାହରେ ପଞ୍ଜାବର ଦୁଇ ପ୍ରବାସୀ ଶ୍ରମିକଙ୍କୁ ଟାର୍ଗେଟ କରି ଆକ୍ରମଣ କରିବା ପଛରେ ଥିବା ଆଦିଲ ମଞ୍ଜୁରକୁ ଆଜି ଗିରଫ କରାଯାଇଛି । ଅପରାଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର, ପିସ୍ତଲ ମଧ୍ୟ ଜବତ କରାଯାଇଛି । ପାକିସ୍ତାନର ଆତଙ୍କବାଦୀ ହେଣ୍ଡଲରମାନେ ଆକ୍ରମଣକାରୀଙ୍କୁ ନିଯୁକ୍ତି ଦେବା ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ବ୍ୟବହାର କରୁଛନ୍ତି ବୋଲି ଜମ୍ମୁ-କଶ୍ମୀର ପୁଲିସ କହିଛି । ପ୍ରମାଣ ଆଧାରରେ ଆଦିଲ ମଞ୍ଜୁରକୁ ଗିରଫ କରାଯାଇଛି । ଶ୍ରୀନଗରରେ ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ସେ ତାକୁ ପ୍ରୋତ୍ସାହିତ କରଥିଲା । ତା' ତରଫରୁ ଅପରାଧର ଅସ୍ତ୍ର ଶସ୍ତ୍ର ମଧ୍ୟ ଯୋଗାଇ ଦିଆଯାଇଥିଲା ।

ଏବେ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି ବୋଲି କଶ୍ମୀର ଆଇଜି ଭିକେ ବିର୍ଦି କହିଛନ୍ତି । ଗତ ବୁଧବାର ଦିନ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ବର୍ଷର ପ୍ରଥମ ଟାର୍ଗେଟରେ ଶ୍ରୀନଗରର ଶାହହିଦ ଗୁଞ୍ଜ ଅଞ୍ଚଳରେ ଅମୃତପାଲ ସିଂହ ଓ ରୋହିତ ମସିହଙ୍କୁ ଗୁଳି କରି ହତ୍ୟା କରିଥିଲେ । ଘଟଣାସ୍ଥଳରେ ସିଂହଙ୍କ ମୃତ୍ୟୁ ଘଟିଥିବା ବେଳେ ଦିନକ ପରେ ସହରର ଏସ୍କେଆଇଏମ୍ଏସ୍ ହସ୍ପିଟାଲରେ ମସିହଙ୍କ ମୃତ୍ୟୁ ଘଟିଥିଲା । ଏହି ହତ୍ୟାକାଣ୍ଡକୁ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ଅନେକ ରାଜନୈତିକ ଦଳ ନିନ୍ଦା କରିଥିଲେ । ଲୁଧିଆନାର କଂଗ୍ରେସ ସାଂସଦ ରଭନୀତ ସିଂହ ତାଙ୍କ ରାଜ୍ୟର ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉଦବେଗ ପ୍ରକାଶ କରିବା ସହ ଲୋକସଭାରେ ମଧ୍ୟ ଏହି ଆତଙ୍କବାଦୀ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରଥିଲା ।

ଉଲ୍ଲେଖଯୋଗ୍ୟ, ଗତବର୍ଷ ମଧ୍ୟ ଆତଙ୍କବାଦୀମାନେ ପ୍ରବାସୀ ଶ୍ରମିକଙ୍କ ଉପରେ ୩ଥର ଆକ୍ରମଣ କରିଥିଲେ,ଯେଉଁଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ଅନ୍ୟ ୩ ଜଣ ଆହତ ହୋଇଥିଲେ ।

# ବିହାର : ଜେଡିୟୁ ବିଧାୟିକାଙ୍କ ସ୍ୱାମୀଙ୍କୁ ବାନ୍ଧିଲା ପୋଲିସ

ପାଟନା : ନୀତୀଶ କୁମାର ଗତକାଲି ବିହାର ବିଧାନସଭାରେ ଫ୍ଲୋର ଟେଷ୍ଟରେ ପାସ୍ କରି ସାରିଥିଲେ ବି ରାଜନୈତିକ ହଟଚମଟ ବନ୍ଦ ହୋଇନି । ଜେଡିୟୁ ବିଧାୟକ ବୀମା ଭାରତୀଙ୍କ ସ୍ୱାମୀ ଅବଧେଶ ମଣ୍ଡଳଙ୍କୁ ବାନ୍ଧିଛି ପୁଲିସ୍ ।

ଜେଡିୟୁ ବିଧାୟିକା ଆରଜେଡି କ୍ୟାମ୍ପରେ ସାମିଲ ହେବା ଆଶଙ୍କାରେ ଗତକାଲି ବୀମା ଭାରତୀଙ୍କ ସ୍ୱାମୀଙ୍କୁ ବାନ୍ଧିଛି ପୁଲିସ୍ । ବେଆଇନ ରୂପେ ଅସ୍ତ୍ରଶସ୍ତ୍ର ରଖିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ବୀମା ଭାରତୀଙ୍କ ଉପରେ ଚାପ ସୃଷ୍ଟି ପାଇଁ ସୋମବାର ସକାଳେ ଅବଧେଶ ମଣ୍ଡଳଙ୍କୁ ପୁଲିସ୍ ଉଠାଇ ନେଇଥିଲା । ଏହାପରେ ଗିରଫ କରି କୋର୍ଟଚାଲାଣ କରିଦେଇଥିଲା । ନୀତୀଶ କୁମାରଙ୍କ ସରକାରକୁ ଝଟକା ଦେବାକୁ ଏନଡିଏର ୮ ବିଧାୟକଙ୍କୁ ନିଜ ସପକ୍ଷରେ ନେବାକୁ ଚେଷ୍ଟା ଚଳାଇଥିଲା ଆରଜେଡି । ସେଥିମଧ୍ୟରେ ଜେଡିୟୁର ୫ ବିଧାୟକ ଓ ବିଜେପିର ୩ ବିଧାୟକ ଥିବା ଜଣାଯାଇଥିଲା । ଜେଡିୟୁର ୫ ବିଧାୟକଙ୍କ ସହ ଦଳ ଗତ କିଛି ଦିନ ହେଲା ସମ୍ପର୍କ କରି ପାରୁ ନ ଥିଲା ।



ସେମାନେ ଆରଜେଡି ସହ ସମ୍ପର୍କରେ ଥିବା ତଥା ଆରଜେଡି ସେମାନଙ୍କୁ ୧୦ କୋଟି ଲେଖାଏଁ ସହ ମନ୍ତ୍ରୀ ପଦର ଅଫର ଦେଇଥିବା ଶୁଣିବାକୁ ମିଳୁଥିଲା । ସେଥିମଧ୍ୟରୁ ୫ କୋଟି ଫ୍ଲୋର ଟେଷ୍ଟ ପୂର୍ବରୁ ଓ ୫ କୋଟି ଫ୍ଲୋର ଟେଷ୍ଟ ପରେ ଦିଆଯିବ ବୋଲି ଡିଲ୍ ବି ଫାଇନାଲ ହୋଇଥିଲା । ଏନଡିଏ ମେଣ୍ଟକୁ ରବିବାର ରାତିରେ ଏନେଇ ସୁରାଗ ମିଳିବା ପରେ ତୁରନ୍ତ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଏହାପରେ ରାତାରାତି ଜେଡିୟୁର ୩ ବିଧାୟକ ଡା. ସଞ୍ଜୀବ, ସୁଦର୍ଶନ ଓ ମନୋଜ ଯାଦବଙ୍କୁ ଖୋଜି ବାହାର କରାଯାଇଥିଲା । ଆରଜେଡି ସେମାନଙ୍କୁ ୧୦ କୋଟି ଲେଖାଏ ସହ ମନ୍ତ୍ରୀ ପଦର ଅଫର ଦେଇଥିବା ଜେଡିୟୁ ବିଧାୟକ ସୁଧାଂଶୁ ଶେଖର ଥାନାରେ ଅଭିଯୋଗ କରିଥିଲେ । ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ନିକଟତର ଇଞ୍ଜିନିୟର ସୁନୀଲ ଏଡି ଅଫର ଦେଉଥିବା ଅଭିଯୋଗ ହୋଇଥିଲା । ଗତକାଲି ବିହାର ବିଧାନସଭାରେ ହୋଇଥିବା ଆସ୍ଥା ଭୋଟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ସପକ୍ଷରେ ପଡିଲା ୧୨୯ ଭୋଟ୍ । ବିରୋଧୀଙ୍କ କକ୍ଷ ତ୍ୟାଗ ଯୋଗୁ ବିଜେପି, ଜେଡିୟୁ ମେଣ୍ଟ ବିପକ୍ଷରେ ଗୋଟିଏ ବି ଭୋଟ୍ ପଡି ନ ଥିଲା । ତେବେ ଆରଜେଡିର ତିନି ଜଣ ବିଧାୟକ ଦଳ ବଦଳ କରି ଏନ୍ଡିଏ କ୍ୟାମ୍ପରେ ଯୋଗ ଦେଇଥିଲେ । ଏଥିଯୋଗୁ ଆରଜେଡିକୁ ବଡ଼ ଝଟକା ଲାଗିଥିଲା ।

## ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍

# ପପୁଲାର, କିଟ୍, ଫାଓ ଏକାଡେମୀ ବିଜୟୀ



ଭୁବନେଶ୍ୱର,୧୩।୨(ସବ୍ୟୁ) : ୧୩ ବର୍ଷରୁ କମ ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ମଙ୍ଗଳବାର ଅନୁଷ୍ଠିତ ୩ଟି ମ୍ୟାଚ୍‌ରେ ପପୁଲାର କିଟ୍ ଓ ଫାଓ ଏକାଡେମୀ ବିଜୟୀ ହୋଇଛନ୍ତି । ପପୁଲାର କ୍ଲବ ୩-୦ ଗୋଲରେ ସରକାରୀ ବାଳିକା ବିଦ୍ୟାଳୟ କାଜି ବଜାରକୁ ଧରାଶାୟୀ କରିଥିବାବେଳେ କିଟ୍/କିସ୍ ୪-୦ ଗୋଲରେ ଭୁବନେଶ୍ୱର କିଶୋର କ୍ଲବକୁ ଏବଂ ଫାଓ ଏକାଡେମୀ ୮-୧ ଗୋଲରେ ବିଡ଼ାନାସୀ କ୍ଲବକୁ ଧରାଶାୟୀ କରିଛି ।

ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କାଜିବଜାର ସରକାରୀ ବାଳିକା ବିଦ୍ୟାଳୟକୁ ଭେଟିଥିଲା ପପୁଲାର କ୍ଲବ । ଏହି ମ୍ୟାଚଟି ସମ୍ପୂର୍ଣ୍ଣ ଏକତରଫା ଭଳି ହୋଇଥିଲା । କାରଣ ପପୁଲାର କ୍ଲବ ଆରମ୍ଭରୁ ଶେଷ ଯାଏ ପ୍ରାଧାନ୍ୟ ବିସ୍ତାର କରି ୩-୦ ଗୋଲରେ ବିଜୟୀ ହୋଇଥିଲା । ମ୍ୟାଚ୍‌ରେ ୨ୟ ମିନିଟରେ ପିଙ୍କି ବିଶ୍ୱାଳ, ୧୦ମ ମିନିଟରେ ବର୍ଷା ପ୍ରଧାନ ଏବଂ ୩୦ ମିନିଟରେ ବିଜୟଲକ୍ଷ୍ମୀ ପ୍ରଧାନ ଗୋଲସ୍କୋର କରିଥିଲେ । ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କିଟ୍/କିସ୍ ୪-୦ ଗୋଲରେ କିଶୋର କ୍ଲବକୁ ଧରାଶାୟୀ କରିଥିଲା । ବିଜୟୀ କିଟ୍ ପକ୍ଷରୁ ୧୬ତମ ମିନିଟରେ ସଂଚିତା ବୁଡୁଲା, ୨୫ ମିନିଟରେ ଦେବସ୍ମିତା ହେମ୍ବ୍ରମ, ୨୬ତମ ମିନିଟରେ ଯଶୋଦା ରାଜଗୋଣ୍ଡ ଏବଂ ୩୫ତମ ମିନିଟରେ ପ୍ରିୟା ଧାରୁଆ ଗୋଲସ୍କୋର କରିଥିଲେ ।

ତୃତୀୟ ତଥା ଶେଷ ମ୍ୟାଚ୍‌ରେ ଫାଓ ଏକାଡେମୀର ଗୋଲ ବର୍ଷା ଦେଖିବାକୁ ମିଳିଥିଲା । ଏହି ମ୍ୟାଚ୍‌ରେ ଫାଓ ୮-୧ ଗୋଲରେ ବିଡ଼ାନାସୀକୁ ହରାଇଥିଲା । ୨୬, ୨୯ ଓ ୪୦ତମ ମିନିଟରେ ଅନ୍ତରା ଦଳେଇ ତଥା ୧୧, ୧୫, ୧୬ ଓ ୩୦ ମିନିଟରେ ସାକ୍ଷୀ ପଟେଲ ଗୋଲସ୍କୋର କରି ଦଳକୁ ବିଜୟୀ କରିଥିଲେ ।

# କୁଆଡ଼େ ଗଲେ ଇଶାନ କିଶାନ



ନୂଆଦିଲ୍ଲୀ,୧୩।୨(ଏଜେନ୍ସି) : ଟିମ୍ ଇଣ୍ଡିଆର ତାରକା ଓପନର ଇଶାନ କିଶାନ କେଉଁଆଡ଼େ ଗାଏବ ହୋଇଯାଇଛନ୍ତି । ଭାରତରେ ଦିନିକିଆ ବିଶ୍ୱକପ ଶେଷ ହେବାପରେ ଅଷ୍ଟ୍ରେଲିଆ ଦଳ ସହ ଟିମ୍ ଇଣ୍ଡିଆ ଟି-୨୦ ଶୃଙ୍ଖଳା ଖେଳିଥିଲା । ଏହି ଶୃଙ୍ଖଳାରେ ନଜର ଆସିଥିଲେ ଇଶାନ କିଶାନ । ସେ ଜମାଣିଆ ପ୍ରଦର୍ଶନ ଦେଖାଇ ଦୁଇଟି ଅର୍ଦ୍ଧଶତକ ମାରିଥିଲେ । କିନ୍ତୁ ଏହାପରଠୁ ଇଶାନ କିଶାନଙ୍କ ପତ୍ତା ମିଳୁନି । ୱିକେଟ ରକ୍ଷକ ଇଶାନ କେଉଁଠି ଅଛନ୍ତି, କ'ଣ କରୁଛନ୍ତି, ଆଗକୁ ଦଳକୁ ଫେରିବେ କି ନାହିଁ, ଏ ସମ୍ପର୍କିତ କୌଣସି ସୂଚନା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ (ବିସିସିଆଇ) କିମ୍ବା ଚୟନକର୍ତ୍ତାଙ୍କ ପାଖରେ ନାହିଁ । ତେବେ ସେ କେଉଁଆଡ଼େ ଉଭାନ ହୋଇଗଲେ ବୋଲି ଚର୍ଚ୍ଚା ଜୋର ଧରିଛି ।

ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଶୃଙ୍ଖଳା ଶେଷ ହେବା ପରେ ଭାରତୀୟ ଦଳ ଏକ ପୂର୍ଣ୍ଣକାଳୀନ ଶୃଙ୍ଖଳା ଟି-୨୦, ଦିନିକିଆ ଓ ଟେଷ୍ଟ ଖେଳିବା ପାଇଁ ଦକ୍ଷିଣଆଫ୍ରିକା ଗସ୍ତ କରିଥିଲା । ଏହାପରେ ଆଫଗାନିସ୍ତାନ ସହ ମଧ୍ୟ ଶୃଙ୍ଖଳା ଖେଳିଥିଲା ଭାରତ । ଏହି ଶୃଙ୍ଖଳାରେ ମଧ୍ୟ ଇଶାନଙ୍କ ଚିହ୍ନବର୍ଣ୍ଣ ଦେଖିବାକୁ ମିଳି ନଥିଲା । ତେବେ ଘଟଣାକ୍ରମରେ ଇଶାନ କିଶାନ ଦଳରେ ଆଉ ଦୁଇଜଣ ୱିକେଟରକ୍ଷକ ଶ୍ରୀକର ଭରତ ଓ ଜିତେଶ ଶର୍ମାଙ୍କ ସାମିଲକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଜିତେଶଙ୍କୁ ମଧ୍ୟମକ୍ରମରେ ଖେଳାଯିବା ତଥା ତାଙ୍କୁ ଅଣଦେଖା କରାଯିବା ଭଳି ଘଟଣା ଯୋଗୁ ସେ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିଲେ । ତେଣୁ କ୍ରିକେଟ ଖେଳିବା ପାଇଁ ଯେଉଁଭଳି ମାନସିକତା ରହିବା କଥା ସେ ପ୍ରସ୍ତୁତ ନଥିବା କହି ଶୃଙ୍ଖଳାଗୁଡ଼ିକରୁ ଓହରି ଯାଇଥିଲେ । ଏହାପରଠୁ ତାଙ୍କର ଆଉ ଖୋଜଖବର ନାହିଁ କିମ୍ବା ସେ ବିସିସିଆଇକୁ ଏ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି ।

ନିକଟରେ ଇଶାନ କିଶାନଙ୍କ ସମ୍ପର୍କରେ ମୁଖ୍ୟ କୋଚ ରାହୁଲ ଦ୍ରାବିଡ ଚିତ୍ର ସ୍ପଷ୍ଟ କରିଥିଲେ । ଦ୍ରାବିଡ କହିଥିଲେ କି ଦଳକୁ ଫେରିବାକୁ ହେଲେ ଇଶାନଙ୍କୁ ପ୍ରଥମେ ରଣଜୀ ଟ୍ରଫି ଖେଳିବାକୁ ପଡ଼ିବ । ରଣଜୀ ଟ୍ରଫିର ପ୍ରଦର୍ଶନ ତଥା ସେ ଦଳ ଚୟନ ବେଳେ ଉପଲବ୍ଧ ରହିବେ ବୋଲି ଜଣାଇବା ପରେ ଯାଇ ଇଶାନ ଦଳକୁ ଫେରିପାରିବେ ବୋଲି ଦ୍ରାବିଡ ସ୍ପଷ୍ଟ କରିଥିଲେ । ସମସ୍ତେ ଜାଣନ୍ତି ଇଶାନ କିଶାନ ଝାଡ଼ଖଣ୍ଡ ପକ୍ଷରୁ ରଣଜୀ ଟ୍ରଫି ଖେଳନ୍ତି । କିନ୍ତୁ ଚଳିତ ସିଜନ ଶେଷ ହେବାକୁ ବସିଲାଣି । ସେ ଘରୋଇ ଦଳ ପକ୍ଷରୁ ଗୋଟିଏ ହେଲେ ବି ମ୍ୟାଚ ଖେଳିନାହାନ୍ତି କିମ୍ବା ଦଳରେ ଯୋଗଦେବା ନେଇ କୌଣସି ସୂଚନା ବି ଦେଇନାହାନ୍ତି । ତେଣୁ ଉଦୀୟମାନ କ୍ରିକେଟରଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଏବେ ଅନ୍ଧକାର ଆଡ଼କୁ ଠେଲିହୋଇଯାଉଛି । ସେ ଜାଣିଶୁଣି ନିଜ କ୍ୟାରିୟର ଶେଷ କଲାଭଳି ଲାଗୁଛି ।

ମିଳିଥିବା ବିଶେଷ ସୂଚନା ଅନୁଯାୟୀ ଇଶାନ କିଶାନ ଆଇପିଏଲ୍ ପାଇଁ ପ୍ରସ୍ତୁତ ହେଉଛନ୍ତି । ସେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆଇପିଏଲ୍ ଖେଳିବେ । ଆଉ ଗୋଟିଏ ମାସ ବ୍ୟବଧାନ ପରେ ଆଇପିଏଲ୍ ବିଗୁଲ ବାଜିବ । ତେଣୁ ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ କ୍ରୁନାଲ ପାଣ୍ଡ୍ୟାଙ୍କ ସହ ଭଦୋଦରାରେ ଅଭ୍ୟାସ କରୁଥିବା ସୂଚନା ମିଳିଛି । ୨୫ ବର୍ଷୀୟ ଇଶାନ ଦିନିକିଆ କ୍ରିକେଟରେ ୨୦୦ ରନ ସଂଗ୍ରହ କରିବାର କୀର୍ତ୍ତିମାନ ରଚିଛନ୍ତି । ଏକାଧିକ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟିର ରହିଛି । ତେବେ ଏଭଳି ଜଣେ ପ୍ରତିଭା ସମ୍ପନ୍ନ ୱିକେଟରକ୍ଷକ ଓ ବ୍ୟାଟର କେବଳ ପଇସା ପାଇଁ ଆଇପିଏଲ୍‌କୁ ଅଧିକ ପ୍ରାଧାନ୍ୟ ଦେଉଥିବା ବହୁ କ୍ରିକେଟ ବିଶାରଦ ମତ ରଖିଛନ୍ତି । ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୧୫.୨୫ କୋଟି ଟଙ୍କାରେ ରିଟେନ ରଖିଥିଲା । ଗୋଟିଏ ସିଜନରେ ଇଶାନ ୧୫ କୋଟିରୁ ଅଧିକ ଆୟ କରିବେ । ସେହିଭଳି ବିସିସିଆଇର ଖେଳାଳି ଚୁକ୍ତିବର୍ଗ-ସି'ରେ ଇଶାନ ଅଛନ୍ତି । ଏ ଦୃଷ୍ଟିରୁ ତାଙ୍କୁ ବାର୍ଷିକ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମିଳୁଛି । ଯଦି ଇଶାନ ଖୁବ୍‌ଶୀଘ୍ର ତାଙ୍କ ଉପସ୍ଥିତି ସମ୍ପର୍କରେ ବିସିସିଆଇକୁ ନଜଣାନ୍ତି, ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ । ଏପରିକି ତାଙ୍କ ସହ ହୋଇଥିବା ଚୁକ୍ତିକୁ ମଧ୍ୟ ବାତିଲ କରିପାରେ ବିସିସିଆଇ । ଯାହାହେଉ ପଛେ ଇଶାନ ତାଙ୍କ ଉପସ୍ଥିତି ସମ୍ପର୍କରେ ବିସିସିଆଇକୁ ଅବଗତ କରାଇବା ନିହାତି ଆବଶ୍ୟକ । କାରଣ ଆଗକୁ ଟି-୨୦ ବିଶ୍ୱକପ ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ଆୟୋଜନ ହେବାକୁ ଯାଉଛି । ଅବଶ୍ୟ ଆଇପିଏଲ୍‌ର ପ୍ରଦର୍ଶନ ଆଧାରରେ ଇଶାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭାବନା ରହିଛି । କିନ୍ତୁ ସେ ଯଦି ବିସିସିଆଇକୁ ସୂଚନା ନଦିଅନ୍ତି, ତେବେ ଜାତୀୟ ଦଳକୁ ଇଶାନଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭାବନା କମ ରହିବ, ତଥା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଉପରେ କଳାବାଦଲ ଘନେଇ ଯିବ ।

କେଉଁ କାରଣ ପାଇଁ ଇଶାନ ଏଭଳି ନିଷ୍ପତ୍ତି ନେଇଛନ୍ତି ? ତାଙ୍କ ସହ ପାତରଅନ୍ତର ହୋଇଛି କି? ବରିଷ୍ଠ ଚୟନକର୍ତ୍ତା ଇଶାନଙ୍କ କ୍ଷେତ୍ରରେ କ'ଣ ପଦକ୍ଷେପ ନେବେ ? ବିସିସିଆଇ ମଧ୍ୟ ଇଶାନଙ୍କ ସମ୍ପର୍କରେ କ'ଣ ସୂଚନା ଦେବ, ସେସବୁ ଅନିଶ୍ଚିତତା ଘେରକୁ ଚାଲିଯାଇଛି । ତେବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଇଶାନ କିଶାନ ଗଲେ କୁଆଡ଼େ ?

## ଇଶାନ ଖେଳିବେ ଘରୋଇ ଟୁର୍ଣ୍ଣାମେଣ୍ଟ

ୱିକେଟରକ୍ଷକ ବ୍ୟାଟର ଇଶାନ କିଶାନ ସମ୍ପ୍ରତି ଖୁବ ଚର୍ଚ୍ଚାରେ ଅଛନ୍ତି । ଏହି ଯୁବ ବ୍ୟାଟର ଶେଷଥର ୨୦୨୩ ନଭେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷରେ ଶୃଙ୍ଖଳା ଖେଳିଥିଲେ । ଇଶାନଙ୍କ ବ୍ୟବହାର ପାଇଁ ବିସିସିଆଇ କ୍ଷୁବ୍ଧ ହୋଇଛି । ଇଶାନଙ୍କ ଏପରି କାର୍ଯ୍ୟକଳାପ ଦେଖି ବିସିସିଆଇ କାହାର ନାମ ନନେଇ ଖେଳାଳିଙ୍କୁ କଡ଼ା ନିର୍ଦ୍ଦେଶ ଜାରି କରିଛି । ଯେଉଁ ଖେଳାଳି ଭାରତୀୟ ଦଳରୁ ବାହାରେ ଅଛନ୍ତି ଏବଂ ଫିଟ୍ ଅଛନ୍ତି, ସେମାନଙ୍କୁ ଘରୋଇ କ୍ରିକେଟ ଖେଳିବା ବାଧ୍ୟତାମୂଳକ । ଯଦି କୌଣସି ଖେଳାଳି ଆଦେଶର ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିସିସିଆଇର କଡ଼ା ଆଭିମୁଖ୍ୟ ପରେ ଇଶାନ ଆଇପିଏଲ୍ ପୂର୍ବରୁ ଆୟୋଜିତ ହେବାକୁ ଥିବା ଡିୱାଇ ପାଟିଲ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି । ଲଗାତାର କ୍ରିକେଟ କାରଣରୁ ଇଶାନ ପରିବାରକୁ ସମୟ ଦେଇପାରୁ ନଥିବା କୁହାଯାଇଛି । ଏହି କାରଣରୁ ସେ ବିରତି ନେଇ ଘରେ ସମୟ ବିତାଉଛନ୍ତି । ଅଭ୍ୟାସ ନଥିବାରୁ ରଣଜୀ ଟ୍ରଫି ବି ଖେଳି ନଥିଲେ । ତଥାପି ସେ ଦଳକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି । ତେଣୁ ବିସିସିଆଇ ଆଦେଶ ମାନି ସେ ଡିୱାଇ ପାଟିଲ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି ।



# ତୃତୀୟ ଟେଷ୍ଟ ଖେଳିବେନି ରାହୁଲ

ନୂଆଦିଲ୍ଲୀ,୧୩।୨(ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରୁ ତାରକା ବ୍ୟାଟର ଲୋକେଶ ରାହୁଲ ବାଦ ପଡ଼ିଛନ୍ତି । ପ୍ରଥମ ଟେଷ୍ଟ ପରେ ସେ ଆହତ ହୋଇଥିଲେ । ଏଥିପାଇଁ ତାଙ୍କୁ ଦ୍ୱିତୀୟ ଟେଷ୍ଟରୁ ବିଶ୍ରାମ ଦିଆଯାଇଥିଲା । ଜାଡେଜା ଓ ରାହୁଲ ଉଭୟ ତୃତୀୟ ଟେଷ୍ଟକୁ ଫେରିଥିଲେ ।

ବିସିସିଆଇ ମଧ୍ୟ ଇଂଲଣ୍ଡ ବିପକ୍ଷ ଅବଶିଷ୍ଟ ୩ଟି ମ୍ୟାଚ୍ ପାଇଁ ଘୋଷଣା କରିଥିବା ୧୭ ଜଣିଆ ଦଳରେ ଉଭୟଙ୍କୁ ସାମିଲ କରିଥିଲା । ଆଗାମୀ ୧୫ ତାରିଖରୁ ତୃତୀୟ ଟେଷ୍ଟ ଆରମ୍ଭ ହେବାକୁ ଯାଉଛି । ରାହୁଲ ଆହତ ସମସ୍ୟାରୁ ମୁକୁଳିପାରି ନାହାନ୍ତି । ଏବେ ବି ସେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଅଛନ୍ତି ।

୪ର୍ଥ ଟେଷ୍ଟ ବେଳକୁ ସେ ଫିଟ୍ ହୋଇ ଫେରିବେ ବୋଲି ଆଶା କରାଯାଉଛି । ରାହୁଲଙ୍କ ସ୍ଥାନରେ ଆଉ ଜଣେ କର୍ଣ୍ଣାଟକ ବ୍ୟାଟର ବ୍ୟାଟର ଦେବଦତ୍ତ ପଡ଼ିକାଲଙ୍କୁ ସାମିଲ କରାଯାଇଛି ।

# ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା : କିଟ୍ ଚାମ୍ପିଅନ




ଭୁବନେଶ୍ୱର,୧୩।୨(ସବ୍ୟୁ) : ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ କିଟ୍ ଦଳଗତ ଚାମ୍ପିଅନ ହୋଇଛି ।

ଏହି ପ୍ରତିଯୋଗିତାର ୮ଟି ବର୍ଗରେ ଚାମ୍ପିଅନ ତଥା ୫ଟି ବର୍ଗରେ ରନର୍ସଅପ ହୋଇଛି କିଟ୍ । ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଗତ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆୟୋଜନ ହୋଇଥିଲା । ଏଥିରେ ଭଲିବଲ, ଖୋ ଖୋ, ବାସ୍କେଟବଲ, କବାଡ଼ି, ହକି, କ୍ରିକେଟ, ଫୁଟବଲ ତଥା ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ଚେସ, କ୍ୟାରମ ଓ ଉଡ୍ ଗେମ୍ସ ଅନୁଷ୍ଠିତ ହୋଇଥିଲା । ଏଥିରେ ୩୭ଟି ବିଶ୍ୱବିଦ୍ୟାଳୟ (ଉଭୟ ସରକାରୀ ଓ ଘରୋଇ)ର ୯୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ ।

ଚେସ (ପୁରୁଷ)ରେ କିଟ୍‌ର ଫକୀର ମାଝୀ, ମହିଳାରେ ପ୍ରତ୍ୟୁଷା ପ୍ରିୟଦର୍ଶିନୀ ଚାମ୍ପିଅନ ହୋଇଥିବାବେଳେ ବ୍ୟାଡ୍‌ମିଣ୍ଟନ (ପୁରୁଷ)ରେ ଅରଭ ଦାସ ଉପବିଜେତା, ମହିଳା ସିଙ୍ଗଲ୍ସରେ ଶ୍ରୁତି ସ୍ୱାଇଁ ଚାମ୍ପିଅନ, ଡବଲ୍ସରେ ଅନୁଜା ଦାସମହାପାତ୍ର- ହର୍ଷିତା ରାଉତ ଚାମ୍ପିଅନ ହୋଇଛନ୍ତି । ଖୋ ଖୋ ପୁରୁଷରେ କିଟ୍ ଚାମ୍ପିଅନ, ଭଲିବଲ ପୁରୁଷ ଓ ମହିଳାରେ ଚାମ୍ପିଅନ, ହକି ମହିଳାରେ ରନର୍ସଅପ, ବାସ୍କେଟବଲ ପୁରୁଷ ଓ ମହିଳାରେ ଅନର୍ସଅପ, କ୍ରିକେଟ ମହିଳାରେ ଚାମ୍ପିଅନ, କବାଡ଼ି ମହିଳାରେ ରସର୍ନଅପ ହୋଇଛି । ଏହି ସଫଳତା ପାଇଁ କିଟ୍ ଓ କିସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ବଳରାମ ଚ୍ୟାଲେଞ୍ଜ କ୍ରିକେଟ

# ପ୍ରତାପ ଇଲେଭେନ ଭଦ୍ରକ ଚାମ୍ପିଅନ୍

ଅସୁରାଳି,୧୩।୨ (ସବ୍ୟୁ): ଅସୁରାଳି ଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ବଳରାମ ଚ୍ୟାଲେଞ୍ଜ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରତାପ ଇଲେଭେନ ଭଦ୍ରକ ଚାମ୍ପିଆନ ହୋଇଛି। ଫାଇନାଲ ମ୍ୟାଚରେ ପ୍ରତାପ ଇଲେଭେନ ଭଦ୍ରକ ୭ ଉଇକେଟରେ ପଲାସାହି ଏକାଦଶ ଯାଜପୁରକୁ ହରାଇ ବିଜେତା ହୋଇଛି। ଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ପଲାସାହି ଏକାଦଶ ୧୮ ଓଭରରେ ୧୫୫ ରନ କରି ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଚିକୁ ସର୍ବାଧିକ ୬୪ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ପ୍ରତାପ ଇଲେଭେନର ସମୀର ୨୨ ରନ ଦେଇ ୪ ଉଇକେଟ ସଫଳତା ହାସଲ କରିଥିଲେ। ପ୍ରତାପ ଇଲେଭେନ ମାତ୍ର ୧୪.୨ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ୧୫୬ ରନ ସଂଗ୍ରହ କରି ନେଇଥିଲା। ପପୁ ଦଳ ପକ୍ଷରୁ ସର୍ବାଧିକ ୬୩ ରନ କରିଥିବା ବେଳେ ପ୍ରତିପକ୍ଷ ବୋଲର ବବୁଲ ଖାନ୍ ୨୫ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଫାଇନାଲ ମ୍ୟାଚରେ ସୁଜିତ୍ କୁମାର ନାୟକ ଏବଂ ବିଶ୍ୱଜିତ ଦାସ ଅମ୍ପାୟାରିଂ କରିଥିଲେ। ସୌମ୍ୟରଂଜନ ନାୟକ,ଜଗନ୍ନାଥ କବି ସ୍କୋରର୍ ରହିଥିଲେ। ଓଁକାର ପ୍ରସାଦ ନାୟକ,ଅଜିତ ନାୟକ ଏବଂ ବସନ୍ତ ଦାସ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଧୂଷୁରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଶାନ୍ତନୁ ଜେନା,ହାସ୍ୟ କଳାକାର ପୂର୍ଣ୍ଣଚନ୍ଦ୍ର,ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ନାୟକ,ଯୁବନେତା ଅରୁଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିଆନ୍ ଟିମକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଏବଂ ରନର୍ସଅପ୍ ଟିମକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅସୁରାଳି ସବୁଜଶ୍ରୀ ଯୁବ ପରିଷଦ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା।




# ପଦ୍ମନାଭ କ୍ରିକେଟ, ଯାଜପୁର ୧୧ ଚାମ୍ପିଅନ

ଭଣ୍ଡାରିପୋଖରୀ, ୧୩।୨ (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକର ଜଗନ୍ନାଥପ୍ରସାଦ ମା'ଖଡ୍ଗଧାରିଣୀ କ୍ରିକେଟ ପଡିଆରେ ଅନୁଷ୍ଠିତ ଆଲୋକ ଆଣ୍ଡ ଦିଲ୍ଲିପ ମେମୋରିଆଲ ପଦ୍ମନାଭ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ବାଲେଶ୍ୱର ମର୍ଣ୍ଣିଂଷ୍ଟାର ଓ ଯାଜପୁର ୧୧ ଷ୍ଟାର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ମର୍ଣ୍ଣିଂଷ୍ଟାର ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୭୫ ରନ ହାସଲ କରିଥିଲା। ଜବାବରେ ଯାଜପୁର ୧୧ ଷ୍ଟାର ଦଳ ମାତ୍ର ୨୦ ଓଭରରେ ୨ ଉଇକେଟ ହରାଇ ୧୭୬ ରନ ହାସଲ କରି ଚାମ୍ପିଅନ ହୋଇଥଲା। ଚାମ୍ପିଅନ ଦଳର ଖେଳାଳୀ ପ୍ରଦୀପ ଦାସ ଉଭୟ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ। ଶରତ ଚନ୍ଦ୍ର ଜେନା ଓ ପ୍ରାଣନାଥ ଜେନା ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ। ରଞ୍ଜନ ଘଡେଇ ଭାଷ୍ୟକାର, ପ୍ରକାଶ ମହାପାତ୍ର ଓ ଜ୍ଞାନପ୍ରକାଶ ମହାପାତ୍ର ସ୍କୋରର ଦାଇତ୍ୱ ତୁଲାଇଥିଲେ। ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ, ରନରସପ ଦଳ ସମେତ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ ।

## ଏଫଆଇଏଚ୍ ପ୍ରୋଲିଗ୍ ହକି

# କଳିଙ୍ଗରେ କଙ୍ଗାରୁ ରାଜ୍



ଭୁବନେଶ୍ୱର,୧୩।୨(ସବ୍ୟୁ) : ଏଫ୍‌ଆଇଏଚ୍ ପ୍ରୋଲିଗ୍ ପୁରୁଷ ହକିରେ ଶକ୍ତିଶାଳୀ ଅଷ୍ଟ୍ରେଲିଆର ଦବଦବା ଜାରି ରହିଛି । ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦଳ ୫-୦ ଗୋଲରେ ଆୟର୍ଲାଣ୍ଡକୁ ଧରାଶାୟୀ କରି କଳିଙ୍ଗରେ ନିଜର ପ୍ରାଧାନ୍ୟ ଜାହିର କରିଛି ।

ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪-୩ ଗୋଲରେ ସ୍ପେନକୁ ଧରାଶାୟୀ କରିଥିଲା । ତେଣୁ କ୍ରମାଗତ ଦୁଇଟି ବିଜୟ ସହ ଅଷ୍ଟ୍ରେଲିଆ ୬ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି ।

ମଙ୍ଗଳବାର କଳିଙ୍ଗରେ ଅନୁଷ୍ଠିତ ପୁରୁଷ ବର୍ଗର ଏହି ରୋଚକ ମୁକାବିଲାରେ ଆୟର୍ଲାଣ୍ଡକୁ ଭେଟିଥିଲା ଅଷ୍ଟ୍ରେଲିଆ । ମ୍ୟାଚ ପ୍ରାରମ୍ଭରୁ ଉଭୟ ଦଳର ପ୍ରଦର୍ଶନ ସନ୍ତୋଷଜନକ ଥିଲା । ଆୟର୍ଲାଣ୍ଡ ଘନଘନ ଆକ୍ରମଣ କରି ଗୋଲ ସମ୍ଭାବନା ସୃଷ୍ଟି କରିଥିଲା । କିନ୍ତୁ ଅଷ୍ଟ୍ରେଲିଆର ଦକ୍ଷ ରକ୍ଷଣଭାଗ ଆୟର୍ଲାଣ୍ଡର ସବୁ ପ୍ରୟାସକୁ ବୃଥା କରିଦେଇଥିଲା । ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା । ଦ୍ୱିତୀୟ କ୍ୱାର୍ଟର ଆରମ୍ଭ ହେବାକ୍ଷଣି ଅଷ୍ଟ୍ରେଲିଆ ପଛକୁ ପଛ ୩ଟି ଗୋଲ ସ୍କୋର କରିଥିଲା । ୧୭ତମ ମିନିଟରେ ଟମ୍ କ୍ରେଗ୍ ଫିଲ୍ଡ ଗୋଲ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ । ପୁଣି ୨୨ତମ ମିନିଟ୍‌ରେ ଜେରମି ହେୱାର୍ଡ ଓ ୨୫ତମ ମିନିଟରେ କିୱିଲଟ ଗୋଲ କରିବାରୁ ପ୍ରଥମାର୍ଦ୍ଧ ବିରତି ବେଳକୁ ଅଷ୍ଟ୍ରେଲିଆ ୩-୦ରେ ଅଗ୍ରଣୀ ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ଅଷ୍ଟ୍ରେଲିଆ ପକ୍ଷରୁ ଆଉ ଦୁଇଟି ଗୋଲ ହୋଇଥିଲା । ୪୩ତମ ମିନିଟରେ ନାଥନ ଇଫାରମ୍ସ ଏବଂ ୫୭ତମ ମିନିଟରେ କି ୱିଲଟ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରି ମ୍ୟାଚ୍ ସମ୍ପୂର୍ଣ୍ଣ କରିଥିଲେ । ଫଳରେ ଅଷ୍ଟ୍ରେଲିଆରେ ୫-୦ ଗୋଲରେ ବିଜୟୀ ହୋଇ କଳିଙ୍ଗରେ ବିଜୟଧ୍ୱଜାର ଉଡ଼ାଇଛି ।

## ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Patitapaban Mohapatra for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718,

## ୫-ଟି ଅଧୀନରେ ୫ ଉଚ୍ଚ ବିଦ୍ୟାଳୟର ରୂପାନ୍ତରିକରଣ ଓ ଲୋକାର୍ପଣ



ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ): ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ପୁରୁଣାବଉଳମାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସମେତ ଧବଳାଇ ଉଚ୍ଚ ବିଦ୍ୟାଳୟ, ସୁକୁଟିଝର, ଧବଳାଇ ସଂସ୍କୃତ ବିଦ୍ୟାଳୟ ,ରଗଡିପଶି ଉଚ୍ଚ ବିଦ୍ୟାଳୟ ଓ ଅଞ୍ଜିରା ପଞ୍ଚାୟତର ଶ୍ୟାମସୁନ୍ଦରପୁର ସ୍ଥିତ ସଂସ୍କୃତ ବିଦ୍ୟାଳୟ ଗୁଡିକର ୫-ଟି ଅଧିନରେ ରୂପାନ୍ତରିକରଣ କରାଯାଇଛି । ଏହି ସ୍କୁଲ ଗୁଡିକର ନିର୍ମାଣ କାମ ଶେଷହେବା ପରେ ସୋମବାର ଦିନ ମୁଖ୍ୟମନ୍ତ୍ରୀ ଏହାକୁ ଲୋକାର୍ପଣ କରିଛନ୍ତି। ଭିଡିଓ କନଫେରିସିଂ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହିସବୁ ସ୍କୁଲ ସମେତ ଯାଜପୁର ଜିଲ୍ଲାରେ ମୋଟ ୮୩ଟି ରୂପାନ୍ତରିତ ସ୍କୁଲର ଲୋକାର୍ପଣ କରିଥିଲେ। ପୁରୁଣାବଉଳମାଳ ଠାରେ ଏହି ଉପଲକ୍ଷେ ଲୋକାର୍ପଣ ଉତ୍ସବ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ଅଶୋକ ପରିଡା,୧୨ ନମ୍ବର ଯୋନ ଯୁବ ବିଜେଡି ସଭାପତି ଶକ୍ତିରଂଜନ ଦାସ, ଗଡମଧୁପୁର ସରପଞ୍ଚ ରବୀନ୍ଦ୍ର ସେଠୀ, ଅଞ୍ଜିରା ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ ସାହୁଙ୍କ ସହ ସମସ୍ତ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ। ଲୋକାର୍ପଣ ହୋଇଥିବା ସ୍କୁଲ ଗୁଡିକ ମଧ୍ୟରୁ ପୁରୁଣାବଉଳମାଳ ପଞ୍ଚାୟତର ୩ଟି ସ୍କୁଲ ରହିଥିବା ଜଣାପଡିଛି ।

## ସହରାଞ୍ଚଳ ବିକାଶ ସଂପର୍କରେ ସଚେତନତା ଶିବିର

କେନ୍ଦ୍ରାପଡ଼ା, (ସବ୍ୟୁ): ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅଧିନରେ ରାଜ୍ୟ ସରକାରଙ୍କର ସଂକଳ୍ପ ହେଉଛି ସହରାଂଚଳ ର ବିକାଶ । କେନ୍ଦ୍ରାପଡା ପୌରସଂସ୍ଥା ର ବିଭିନ୍ନ ୱାର୍ଡରେ ସହରାଂଚଳ ବିକାଶ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ ପୌର ଅଧକ୍ଷା ସରିତା ସାହୁଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି । ପୌର ପରିଷଦ ଅଧିନରେ ଥିବା ୱାର୍ଡ ଗୁଡିକର ଉନ୍ନତିକରଣ କରିବାକୁ ନିଆ ଯାଉଥିବା ଜନ ହିତକର କାର୍ଯ୍ୟକ୍ରମ ଗୁଡିକ ବିଷୟରେ ସଚେତନତା ସୃଷ୍ଟି କରାଯାଇ ଥିଲା । ମଙ୍ଗଳବାର ୧, ୩, ୬, ୭, ୮, ୯ ରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୌର ଉପାଧକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ବ୍ଲକର ବିଏସ୍ଏସ୍ଓ , ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, କାଉନସିଲର ପ୍ରଦିପ୍ତ କୁମାର ଜେନା, ଜୟନ୍ତୀ ପାଣି, ତୁଳସୀ ହେମ୍ବରମ, ପୁଷ୍ପଲତା ବେହେରା, ଶୃତି ସେନାପତି ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଚାରି ପଞ୍ଚାୟତରେ ଗାଁକୁ ଚାଲ ଅଭିଯାନ

କୁଆଖିଆ, (ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ବାହାଦଲାପୁର ବଡକଇଁଚି, ଭୋଟକା ଆଦି ପଂଚାୟତରେ ବିଜେପି ପକ୍ଷରୁ ଗାଁକୁ ଚାଲ ଅଭିଯାନ ପଦଯାତ୍ରାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋରେଇ ବିଜେପି ନେତା ବିଶ୍ୱଜିତ ନାୟକ, ପ୍ରମୋଦ ନାୟକ ପୂର୍ବତନ ବ୍ଲକ ଅଧକ୍ଷ ଶଶିଭୂଷଣ ସାହୁ ୩୩ ନଂ ଜୋନ ସଭାପତି ମାୟାଧର ପଲେଇ ୩୪ ନଂ ଜୋନ ସଭାପତି ଦେବକାନ୍ତ ନାୟକ, ବଡକଇଁଚି ସଭାପତି ଶରତ ଦାସ, ଭୋଟକା ସଭାପତି ନରେଶ ଆଏଚ, ଅକ୍ଷୟ ମିଶ୍ର, ରଜଂନ ଦେଓ, ବିଶ୍ୱନାଥ ଆଏଚ, ଦିବାକର ବିଶ୍ୱାଳ, ବେଣୁଧର ସାହୁ, ରତ୍ନାକର ମଳିକ, ଅଶୋକ ମଲିକ, ଅଶୋକ ସେଠି, ପ୍ରବିର ନାୟକ, ଅଶୋକ ମିଶ୍ର, ଅରଣ୍ୟ ଓଝା, ସନ୍ତୋଷ ସାହୁ, ଶ୍ରୀକାନ୍ତ ନାୟକ, କାଳନ୍ଦି ସାହୁ, ଟିକିଲି କର, ଦିପୁନ ବାରିକ, ହେମନ୍ତ ନାୟକ, ତପନ ପାତ୍ର, ବଳରାମ ବେହେରା, ଚିଂଟୁନ ବେହେରା, ଆନନ୍ଦ ସାହୁ, ସୌରଭ ନାୟକ, କାଲୁ ମହାନ୍ତି, ପ୍ରମୁଖଙ୍କ ସହ ଚାରି ପଂଚାୟତର ବହୁ ଭୋଟର ଗାଁକୁ ଚାଲ ଅଭିଯାନରେ ସାମିଲ ହୋଇ ବିଜେପି ସହିତ ରହିବାକୁ ଶପଥ ନେଇଥିଲେ ।

## ମହୁଲି ମଦ ଜବତ, ବେପାରୀ ଗିରଫ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ପୁଲିସ ଚୋରା ଦେଶୀ ମହୁଲି ମଦ ବିକ୍ରି କରୁଥିବା ବେଳେ ମଦ ସହ ଜଣଙ୍କୁ ଗିରଫ କରିଛି । ପ୍ରକାଶଯେ ଗାଁ ଗହଳୀରେ ମଦର ଚୋରା କାରବାର ବୃଦ୍ଧି ପାଉଥିବା ବେଳେ ପାଣିକୋଇଲି ପୁଲିସ ତା ଉପରେ ତୀକ୍ଷ୍ଣ ନଜର ରଖିଛି । ସନ୍ଧ୍ୟା ପେଟ୍ରୋଲିଙ୍ଗ ସମୟରେ ଚୋରା ମଦ ବିକ୍ରିର ଖବର ପାଇ ପୁଲିସ ଶର୍ଙ୍ଖିଳା ଫାଣ୍ଡି ଅନ୍ତର୍ଗତ ତଣ୍ଡରା ଛକରେ ଚଢାଉ କରିଥିଲା । ଚଢାଉ ସମୟରେ ସନ୍ଦେହ ଜନକ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଧରିବା ପରେ ତା ନିକଟରୁ ଦୁଇଟି ଧଳା ଜାରରେ ୧୦ ଲିଟର ଦେଶୀ ମହୁଲି ମଦ ଥିବାଦେଖି ତାକୁ ଧରିଥିଲା । ମଦ ର ବା ବିକ୍ରିର କୌଣସି କାଗଜାଦି ଦେଖାଇ ନପାରିବାରୁ ସେ ତଣ୍ଡରା ଗ୍ରାମର ସ୍ୱର୍ଗତ ନବଘନ ଦଳାଇଙ୍କ ପୁଅ ବାବୁଲି ଓରଫ ଶିଶିର ଦଳେଇ(୪୦) ବୋଲି ନାମ ପ୍ରକାଶ କରିବା ପରେ ତାକୁ ଗିରଫ କରି ଥାନାକୁ ଆଣି ଥିଲା । ପରେ ଦଫା ୫୨(ଏ) ଓଡିଶା ଏକ୍ସସାଇଜ ଆକ୍ଟରେ ଏକ ମାମଲା ୯୨/୨୪ ରୁଜୁ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ସୁଜିତ କୁମାର ମଲ୍ଲିକ ସୂତ୍ରରୁ ପ୍ରକାଶ ।

## ଯଦୁପୁର ଓ ଜୟଚନ୍ଦ୍ରପୁର ପଞ୍ଚାୟତରେ ସଚେତନତା ଶିବିର

ମହାକାଳପଡ଼ା, (ସବ୍ୟୁ): ରାଜ୍ୟ ସରକାରଙ୍କର ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ପଂଚାୟତ ସ୍ତରରେ ପଂଚାୟତ ସ୍ତରୀୟ ସଚେତନତା ଶିବିର ଆୟୋଜନ କରାଯାଉଛି । ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଉଛି । ଏହି ଅବସରରେ ଯଦୁପୁର ଓ ଜୟଚନ୍ଦ୍ରପୁର ପଂଚାୟତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯଦୁପୁର ପଂଚାୟତର ସରପଂଚ ସଂଯୁକ୍ତା ଜେନା, ଜୟଚନ୍ଦ୍ରପୁର ପଂଚାୟତର ସରପଂଚ ପ୍ରିୟଙ୍କା ସାମଲ, ଜିଲ୍ଲା ପରିଷଦ ସଦସ୍ୟ ଅନୁରାଧା ସ୍ୱାଇଁ, ପଂଚାୟତ ସମିତି ଅଧକ୍ଷା କଳ୍ପନା ରାଉତ, ଇନ୍ଦ୍ରମଣି ନାୟକ, ଅନୁଜ କୁମାର ଜେନା, ସମ୍ପନା ପତି, ନିବେଦିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଦୁଇଟି ପଂଚାୟତରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ଯଦୁପୁର ପଂଚାୟତରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରୁଥିବା ଇଂଟରନ୍ୟାସନାଲ୍ ଶୋଭନୀୟ କଲଚୁରାଲ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସାହିତ୍ୟିକ ସାତକଡି ହୋତାଙ୍କ ବିୟୋଗରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ଶୋକ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଗୋକର୍ଣ୍ଣିକା ସାହିତ୍ୟ ସମାଜ କାର୍ଯ୍ୟାଳୟରେ ଆଜି ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି, ପୂର୍ବତନ କେନ୍ଦ୍ର ସାହିତ୍ୟ ଏକାଡେମୀର ପରାମର୍ଶଦାତା ପରିଷଦର ସଭ୍ୟ ତଥା 'ସମୟ'ର ମୁଖ୍ୟ ସମ୍ପାଦକ ସାତକଡି ହୋତାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଡ. ଗୌତମ ଜେନା, ଡ. ରୁଦ୍ର ନାରାୟଣ ପୃଷ୍ଟି, ଡ. ତୁହିନାଂଶୁ ରଥ, ଡ. ସସ୍ମିତା ଦାଶ, ଡ. ଇନ୍ଦୁପ୍ରଭା ସାମଲ, ହୃଶିକେଷ ସାମଲ, ସଂଗ୍ରାମ କେଶରୀ ଜେନା , ବଟକୃଷ୍ଣ ପରିଡ଼ା,ମହେଶ୍ୱର ପାଢୀ, ବିଜୟ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ହୋତାଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ହୋତାଙ୍କୁ ୨୦୦୦ ମସିହାରେ ଗୋକର୍ଣ୍ଣିକା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅନୁଷ୍ଠାନ ସହିତ ତାଙ୍କର ଗଭୀର ସମ୍ପର୍କ ରହିଥିଲା । ତାଙ୍କ ବିୟୋଗରେ ଓଡିଆ ଗଳ୍ପ ସାହିତ୍ୟ, ଉପନ୍ୟାସ ସାହିତ୍ୟର ଅପୁରଣୀୟ କ୍ଷତି ଘଟିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସନ୍ତୋଷ ତରାଇ, ଶ୍ୟାମ ପ୍ରସାଦ ଦାଶ,ବିନୋଦ ବିହାରୀ ସାହୁ, ବିବେକାନନ୍ଦ ରାୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଓଳାଶୁଣୀ ଗୁମ୍ଫା ଉନ୍ନୟନ ପରିଷଦ ସମ୍ପାଦକଙ୍କ ସ୍ମୃତିଚାରଣ ସଭା

ଉଦୟଗିରି, (ସବ୍ୟୁ): ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଅବସରରେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ପରିଷଦର ପୂର୍ବତନ ସମ୍ପାଦକ ତଥା ଶିକ୍ଷାବିତ ସ୍ୱର୍ଗତ ମହେନ୍ଦ୍ର କୁମାର ସିଂଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ତାଙ୍କ ସ୍ମୃତିରେ ବହୁ ସ୍ୱେଚ୍ଛାସେବୀ,ସମାଜସେବୀ ଓ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଗଣେଶ ମଣ୍ଡପରେ ମହେନ୍ଦ୍ର କୁମାର ସିଂହଙ୍କ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସଭାକୁ ଓଳାଶୁଣୀ ମଠାଧୀଶ ଡଃ ନାମାନନ୍ଦ ଦାସ ଉଦ୍ଘାଟନ କରିଥିଲେ । ଏହି ପୀଠର ବିକାଶ ସହିତ ବିଗତ ବର୍ଷରେ ଗୁମ୍ଫା ମେଳାକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନାରେ ସ୍ୱର୍ଗତ ସିଂହଙ୍କ ପ୍ରମୁଖ ଭୂମିକା ଥିଲା ବୋଲି ଡଃ ଦାସ କହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସର୍ବଭାରତୀୟ ଶିକ୍ଷା ସମାଜର ସଭାପତି ଡଃ ଯୁଧିଷ୍ଠିର ଖଟୁଆଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କୈବଲ୍ୟ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡଃ ସଂଗ୍ରାମ ସାମନ୍ତରାୟ ଓ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଭକ୍ତ ଚରଣ ସାହୁ,ସମାଜସେବୀ ରୁଦ୍ରନାରାୟଣ ସିଂହ ଓ କବି ସତ୍ୟବ୍ରତ ପୁହାଣ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସିଂହଙ୍କ ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏ ଅବସରରେ ସମାଜସେବୀ ଇଂ ଦେବାଶିଷ ସିଂହ, ଅଶୋକ ସାମଲ, ସାମ୍ବାଦିକ ବୀରେନ୍ଦ୍ର ନାୟକ, ସାମ୍ବାଦିକ ଯଯାତି କେଶରୀ ସିଂହ,ପ୍ରଦୀପ୍ତ ମହାରଣା, ଗଛ ମଣିଷ କିଶୋର ମଲ୍ଲିକ, ଅରକ୍ଷିତ ସେବକ କେନ୍ଦ୍ର ସଭାପତି ନିଶିକାନ୍ତ ମହାନ୍ତି, ସମ୍ପାଦକ ଭାଗ୍ୟ ରଞ୍ଜନ ନାୟକ, ଅରକ୍ଷିତ ଦାସଙ୍କ ବରିଷ୍ଠ ସେବାୟତ ରାମଚନ୍ଦ୍ର ମହାରଣା, ଅରକ୍ଷିତ ସେବାୟତ ପତିତପାବନ ମହାରଣା,ଆର୍ତ୍ତ ମହାରଣା,ଜଗନ୍ନାଥ ମହାରଣା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ରାଜ୍ୟର ବିଭିନ୍ନ ସେବା ଓ ସାହିତ୍ୟ ଅନୁଷ୍ଠାନ ସତ୍ୟସାଇ ସେବା ସଂଗଠନ ପଲେଇ, କୈବଲ୍ୟ ସାହିତ୍ୟ ସଂସଦ କଟକ, ମହାବାହୁ ଗ୍ରୁପ, କଳାକାର ଓଡିଶା, ସତ୍ୟମେବ ଜୟତେ, ଓଳାଶୁଣୀ ମେଳା ପ୍ରଚାର ପ୍ରସାର କମିଟି, ବନ୍ଧୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗତସିଂହପୁର, ସାହା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଲେପୁର, ନିର୍ବାଣ ସ୍ୱେଚ୍ଛାସେବୀ ସଂଗଠନ ନିଶ୍ଚିନ୍ତକୋଇଲି, ମାହାଙ୍ଗା ସମାଜ କଲ୍ୟାଣ ସଂଗଠନ ଓ ମା ରାଧାଦେବୀ ଦତ୍ତ ନ୍ୟାସ ଆଦି ବହୁ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସଦର ସମ୍ପାଦକ କ୍ଷିତିଶ ସିଂହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି ମୋନାଲିସା ସିଂହ ଧନ୍ୟବାଦ ଦେଇଥିଲେ । ଦୀପ୍ତିରଞ୍ଜନ ଜେନା, ମନୀଷା ସିଂହ ଓ ଇଂ ପ୍ରିୟ ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଶ୍ରୀ ଗଣେଶ ଓ ମା' ସରସ୍ୱତୀଙ୍କ ପୂର୍ଣ୍ଣ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ମାହାଙ୍ଗା, (ସବ୍ୟୁ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଂଚାୟତସ୍ଥିତ ନାହାଙ୍ଗ କେନ୍ଦ୍ର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୩ ତାରିଖରେ ବରଦା ଗଣେଶଙ୍କ ଚତୁର୍ଥୀ ତିଥିରେ ଅଗ୍ରପୂଜ୍ୟ ଶ୍ରୀଗଣେଶ ଓ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂର୍ଣ୍ଣ ବିଗ୍ରହ ବିଧି ଅନୁସାରେ ସ୍ଥାପିତ କରାଯାଇଛି । ପ୍ରାତଃ ୬ ଘଟିକା ସମୟରେ କଳସ ଯାତ୍ରା, ଗ୍ରାମ ପରିକ୍ରମା, ସୂର୍ଯ୍ୟପୂଜା ଓ ନାମସଂକୀର୍ତ୍ତନ ସହିତ ହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ପଣ୍ଡିତ ଭଜକୃଷ୍ଣ ମିଶ୍ର, କର୍ତ୍ତା ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଉପସ୍ଥିତ ରହି ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମାପନ କରିଥିଲେ । ଏହି ପ୍ରତିଷ୍ଠା ଉତ୍ସବରେ ନାହାଙ୍ଗ ପଂଚାୟତର ସରପଂଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତି, ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ ଅରବିନ୍ଦ ଆଚାର୍ଯ୍ୟ, ସିଆରସିସି ରମାକାନ୍ତ ଦାସ, ପୂର୍ବତନ ସିଆରସିସି ହରେକୃଷ୍ଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ଦାସ, ରଘୁନାଥ ସାହୁ, ଶିକ୍ଷକ ଅଭିରାମ ସାହୁ, ଶିକ୍ଷକ ଜ୍ୟୋତିରଂଜନ ମହାନ୍ତି, ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, ଭାଗବତ ବେହେରା, ଶିକ୍ଷୟିତ୍ରୀ ବନଶ୍ରୀ ବାରିକ, ସ୍ତମ୍ଭକାର ବିବେକାନନ୍ଦ ଦାସ, ସାମ୍ବାଦିକ ବିଜୟ କୁଅଁର ଓ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ଓ ପରିଚାଳନା କମିଟିର ସଭ୍ୟସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ ।

### ଜଗତସିଂହପୁରରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ

## ବୁଥସ୍ତରରେ ବିଜେପିର ସ୍ଥିତି ମଜବୁତ ପାଇଁ ଶପଥ ପାଠ କରାଇଲେ

ଜଗତସିଂହପୁର, (ସବ୍ୟୁ): ବରିଷ୍ଠ ବିଜେପି ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ଦିନିକିଆ ଓଡିଶା ଗସ୍ତରେ ଆସି କଟକ ଓ ଜଗତସିଂହପୁରର ବିଜେପି କର୍ମୀ ଓ ନେତାମାନଙ୍କୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଶ୍ରୀ ଚୌହାନ ଜଗତସିଂହପୁର ଜିଲ୍ଲାରେ ପହଞ୍ଚିବା ପରେ ବିଜେପିର କର୍ମକର୍ତ୍ତାମାନେ ଗାନ୍ଧୀ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଜଗତସିଂହପୁର ସ୍ଥିତ ବଙ୍ଗଳା ଛକ ଠାରେ ଆୟୋଜିତ କର୍ମକର୍ତ୍ତା ସମ୍ମିଳନୀ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଲୋକସଭା ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଶ୍ରୀ ଚୌହାନ ଏ ମାଟି ହେଉଛି ମା' ଶାରଳାଙ୍କ ମାଟି । ଏହି ମାଟି ଓଡିଶା ସାହିତ୍ୟର ଆଦି ସ୍ରଷ୍ଟା ଆଦିକବି ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଗୋପବନ୍ଧୁ ଚୌଧୁରୀ,ମା ରମାଦେବୀ,ନବକୃଷ୍ଣ ଚୌଧୁରୀ,ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ଭଳି ଯୋଗ ଜନ୍ମ ଜନ୍ମ ନେଇ ଏମାଟି ଆଜି ଗୌରାବାନିତ୍ୱ । ଆଜି ସେ ଏହି ମାଟିରେ ପାଦ ଦେଇଥିବାରୁ ନିଜକୁ ଧନ୍ୟ ମନେ କରିଥିଲେ । ପରେ ମୋଦି ସରକାରର ସଫଳତା ବାବଦରେ ଆଲୋକପାତ କରିଥିଲେ । ଓଡିଶାରେ ବିଜେପି ଆସିଲେ ଓଡିଶା ଦେଶର ଏକ ନମ୍ବର ରାଜ୍ୟରେ ପରିଣତ ହେବ ।ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ସାରା ବିଶ୍ୱରେ ଭାରତର ସମ୍ମାନକୁ ବୃଦ୍ଧି କରିଛି । ଦେଶକୁ ଆଗକୁ ବଢାଇବାର ଅଛି ତ ମୋଦି ସରକାର ଦରକାର । ଓଡିଶାରେ ଡବଲ ଇଞ୍ଜିନ ସରକାର ପାଇଁ ବୁଥ ସ୍ତରରେ କାମ କରୁଥିବା କର୍ମକର୍ତ୍ତାମାନେ ମୋଦି ସରକାରଙ୍କ ସଫଳତା ବାବଦରେ ଲୋକଙ୍କ ପାଖକୁ ଯିବାକୁ ପଡିବ ବୋଲି କହିଥିଲେ । ଓଡିଶାର ଲୋକମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜର ପ୍ରିୟ ଲୋକ ଭାବେ ଭାବି ସାରିଛନ୍ତି । ମୋଦି ଜୀଙ୍କ ଗରୀବ କଲ୍ୟାଣ ଯୋଜନା ଲୋକମାନଙ୍କୁ ବିଜେପି ପ୍ରତି ଆସ୍ଥା ପ୍ରଦାନ କରିଛି । ଶିକ୍ଷା, ସ୍ୱାସ୍ଥ୍ୟ ସହିତ ସାଧାରଣ ଲୋକମାନଙ୍କ ମୌଳିକ ସମସ୍ୟାର ସମାଧାନ କରିବାକୁ ହେଲେ ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ବିଜେପିକୁ ଆଶ୍ରିବାଦ କରିବାକୁ ପଡିବ । ସେଥିପାଇଁ ବୁଥ ସ୍ତରରେ ଦଳ କିପରି ମଜବୁତ ହୋଇପାରିବ ସେ ବାବଦରେ କର୍ମୀମାନେ ସଜାଗ ହେବା ଆହ୍ୱାନ ଦେବା ସହିତ ଶପଥ ପାଠ କରାଇଥିଲେ । ଏଥର ଓଡିଶାରେ ୨୧ଟି ଲୋକସଭା ଓ ୮୦ ରୁ ଉର୍ଦ୍ଧ ବିଧାନ ସଭା ଆସନ ଜିତି ଓଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଗଢିବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସହିତ ଦଳୀୟ କର୍ମୀମାନଙ୍କୁ ଶପଥ ପାଠ କରାଇଥିଲେ ।ଏହି କର୍ମକର୍ତ୍ତା ସମ୍ମିଳନୀରେ ବହୁ ନେତୃବୃନ୍ଦ ଯୋଗ ଦେଇ ମୋଦି ସରକାରଙ୍କ ସଫଳତା ବାବଦରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଜଗତସିଂହପୁର, ପାରାଦ୍ୱୀପ, ବାଲିକୁଦା-ଏରସମା, ତିର୍ତ୍ତୋଲ, ନିମାପଡା, କାକଟପୁର ଆଦି ନିର୍ବାଚନ ମଣ୍ଡଳୀରୁ ନେତୃମଣ୍ଡଳୀ ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

## ନୂଆ ଗାଁରୁ ଚୋରି ବାଇକ କେଲୁଅ ନଦୀରୁ ଉଦ୍ଧାର



ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ଥାନା ଅନ୍ତର୍ଗତ ନୁଆଗାଁରେ ଗତ ୭ ତାରିଖ ରାତିରେ ଘର ଗ୍ରୀଲ ଭାଙ୍ଗି ଚୋରି ହୋଇଥିବା ବାଇକ ଏହି ଥାନା କେଲୁଅ ନଦୀର ମାଝିପାଟଣା ନିକଟରୁ ଆଜି ଉଦ୍ଧାର ହୋଇଛି । ସୂଚନା ମୁତାବକ ନୁଆ ଗାଁରେ ରହୁଥିବା ପ୍ରସନଜିତ ରାୟଙ୍କ ଘରେ ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତମାନେ ଘର ଗ୍ରୀଲ କାଟି ଓଆର-୦୫-ଏଲ-୧୪୩୩ନଂ କଳାରଙ୍ଗର ଆପାଚି ବାଇକ ଚୋରି କରିନେଇଥିଲେ । ଘରର ଗ୍ରୀଲ ଭଙ୍ଗା ଯାଇଥିବା ଏବଂ ବାଇକ ନଥିବା ପରିବାର ଲୋକେ ସକାଳୁଦେଖିବା ପରେ ଏନେଇ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ପୁଲିସ ୧୨୮/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ତେବେ ଆଜି କେଲୁଅ ନଦୀ ନିକଟସ୍ଥ ସ୍ୱାଇଁସାହି ଗ୍ରମର କିଛି ଯୁବକ ନଦୀରେ ଜାଲ ପକାଉଥିବା ବେଳେ ବାଇକଟି ଜାଲରେ ଲାଗିଥିଲା । ପରେ ସେମାନେ ବାଇକଟିକୁ ପଣିରୁ ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ । ପୁଲିସ ସେଠାରେ ପହଁଚି ବାଇକଟିକୁ ଉଦ୍ଧାର କରିଥିବା ଜଣାଯାଇଛି ।

## ବିରଜା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ କ୍ଲବର ବାର୍ଷିକ ଉତ୍ସବ




ଯାଜପୁର, (ସବ୍ୟୁ): ଯାଜପୁର ସହରର ଦେବୀଦ୍ୱାରସ୍ଥିତ ବିରଜା ଉଚ୍ଚ ବିଦ୍ୟାଳୟରେ ସରକାରୀ ନିୟମ ଅନୁଯାୟୀ ଗଠନ କରାଯାଇଥିବା ବିଜ୍ଞାନ ଓ ଗଣିତ କ୍ଲବର ବାର୍ଷିକ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଶିକ୍ଷାବିତ ଡଃ ଅକ୍ଷୟ କୁମାର ପଣ୍ଡା ଯୋଗଦାନ କରିଥିଲେ। ଉଭୟ ମିଳିତ ଭାବେ କାର୍ଯ୍ୟକ୍ରମଟିକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ। ସଭାପତି ଶ୍ରୀ ମଲ୍ଲିକ ବିଜ୍ଞାନ ଓ ଗଣିତ କ୍ଲବର ଉଦ୍ଦେଶ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିବା ବେଳେ ମୁଖ୍ୟ ଅତିଥି ଡଃ ପଣ୍ଡା ଆମ ଦେଶରେ ଗୁଣାତ୍ମକ ବିଜ୍ଞାନ ଓ ଗଣିତ ଶିକ୍ଷା ତଥା ମୌଳିକ ଗବେଷଣାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗଣିତ ଓ ବିଜ୍ଞାନ ଭିତ୍ତିକ ସାଧାରଣ ଜ୍ଞାନ ପ୍ରତିଯୋଗିତା, ଆଲୋଚନାଚକ୍ର ଓ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ୧୨ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ ଆଦ୍ଭୁତ ହୋଇପାରିଥିଲା। ବିଦ୍ୟାଳୟର ବିଜ୍ଞାନ ଓ ଗଣିତ ଶିକ୍ଷକ ଅମୀୟ କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ରେଖାରାଣୀ ମଲ୍ଲିକ ଓ ସୁପ୍ରଭା ସାହୁ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ସେଠୀ, ଆନନ୍ଦମାସୀ ଲୁଗୁନ, ସବିତା ଦାସ, ମନସ୍ମିତା ଭଦ୍ର, ସମୀର କୁମାର ମିଶ୍ର, ଜମିରୁଲ ରସିଦ୍ ଖାଁ, ଅଜୟ କୁମାର ଦାସ, ଅନ୍ନପୂର୍ଣ୍ଣ ମହାନ୍ତି, ଉମେଶ ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର କର, ୟୁସୁଫ୍ ଅଲ୍ଲି ଖାଁ ଓ ମିନାକ୍ଷୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମହାପାତ୍ର ଅତିଥି ପରିଚୟ ତଥା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଲକ୍ଷ୍ମୀପିୟା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଳାଭର ଆଥଲେଟିକ ଚାମ୍ପିଅନ

ରାଜକନିକା, (ସବ୍ୟୁ): ଦିବଂଗତ ସାମ୍ବାଦିକ ବ୍ରଜକିଶୋର ସିଂଙ୍କ ସ୍ମୃତିରେ ଗଞ୍ଜା ଗ୍ରାମର ନବଜ୍ୟୋତି ପାଠାଗାର ଆନୁକୂଲ୍ୟରେ ଚାଲିଥିବା ୨ୟ ବାର୍ଷିକ ବ୍ରଜକିଶୋର ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଳାଭର ଆଥେଲେଟିକ୍ ଆସୋସିଏସନ୍ ସିରିଏସ୍ ଇଲେଭେନ୍ ଗଞ୍ଜାକୁ ୧୦ ଉଇକେଟ୍ ରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଗଞ୍ଜା ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ୍ ହରାଇ ୧୦୭ ରନ୍ କରିଥିବାବେଳେ ଓଳାଭର କୌଣସି ଉଇକେଟ୍ ନହରାଇ ବିଜୟ ଲାଭ କରିଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଗୁରୁଜୀ ଗ୍ରୁପ୍ ଅଫ୍ କମ୍ପାନୀ ର ଏମ୍. ଡ଼ି ତଥା ସମାଜସେବୀ ଡ଼.ହୟଗ୍ରୀବ ଗୁରୁ , ମୁଖ୍ୟ ବକ୍ତା ଭାବେ ପଂଚାୟତ ସମିତି ଅଧକ୍ଷା ମିନତୀ ରାଉତ ଓ ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ତନ୍ମୟ ରଞ୍ଜନ ଦାସ ଏବଂ ସାଂସଦ ଙ୍କ ପ୍ରତିନିଧି ପବିତ୍ର ରାଉତ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଅର୍ଥ ସହିତ ଟ୍ରଫି ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡ଼ାକ୍ତର ଜିତେନ୍ଦ୍ର ରାଉତ ଏହି ଖେଳରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଜେତା ଦଳର ରଶ୍ମିରଞ୍ଜନ ଗୁରୁଙ୍କୁ ଉଭୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତମ ଓ ବିକନ ଖେଳ ପରିଚାଳନା କରିଥିବାବେଳେ ସାମାଜିକ କର୍ମୀ ବସନ୍ତ ନାୟକ ଏବଂ ଭବାନୀ ଶଙ୍କର ରାୟଙ୍କ ସମେତ ନବଜ୍ୟୋତି ପାଠାଗାର ର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

## ଫ୍ରେଣ୍ଡସ ୟୁନିୟନ କ୍ରିକେଟ: ସାନ୍ତପୁର ବିସିସି ଚାମ୍ପିଅନ

ନେମାଳ, (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମହାପୁରୁଷ ଶ୍ରୀ ଅଚ୍ୟୁତାନନ୍ଦ ମିନିଷ୍ଟାଡିୟମରେ ନେମାଳ ଫ୍ରେଣ୍ଡସ ୟୁନିଅନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତାରେ ଫ୍ରେଣ୍ଡସ ୟୁନିୟନ ନେମାଳକୁ ହରାଇ ସାନ୍ତପୁର ବିସିସି ଚମ୍ପିୟନ ଆଖ୍ୟା ଅର୍ଜନ କରିଛି । ନେମାଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୭ ଓଭରରେ ୫ ୱିକେଟ ହରାଇ ୮୪ରନ୍ ସଂଗ୍ରହ କରିଥିଲା । ଜବାବରେ ସାନ୍ତପୁର ବିସିସି ଦୁଇ ୱିକେଟ ହରାଇ ଆବଶକୀୟ ୮୫ ବିଜୟ ରନ୍ ସଂଗ୍ରହ କରି ଚମ୍ପିୟନ ଆଖ୍ୟା ଅର୍ଜନ କରିଥିଲା । ପୁରସ୍କାର ବିତରଣୀ ଉତ୍ସବରେ ହିଂମାଂଶୁ ଶେଖର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ବିନୟ କୁମାର ଦାସ, ଗୋବିନ୍ଦ ଦାସ, କ୍ଷମାନିଧି ପୃଝାରୀ, ଛାତ୍ରନେତା ବଳଦେବାନନ୍ଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ରାଜା ପାଇକରାୟଙ୍କୁ ମ୍ୟାନ୍ ଅଫ ମ୍ୟାଚ୍, ଅବିନାଶ ମହାରଣାଙ୍କୁ ମ୍ୟାନ୍ ଅଫ୍ ଦ ସିରିଜ, ସୌରଭ ପୃଝାରୀଙ୍କୁ ଶ୍ରେଷ୍ଠ ବୋଲର, ମିଳନ ଜେନାଙ୍କୁ ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ ପୁରସ୍କାର ପ୍ରଦାନ କରାଯାଇଥିଲା । ଦିଲ୍ଲୀପ ପୃଝାରୀ, ରଶ୍ମିରଂଜନ ପୃଝାରୀ, ସାଗର ମହାରଣା, ଦେବେନ୍ଦ୍ର ପୃଝାରୀ, ଅବିନାଶ ମହାରଣା, ଅବିନାଶ ଦତ୍ତ, ବିଶ୍ୱନିଗମ ଦାସ, ଯୁଗାନ୍ତର ନାୟକ, ସିପୁନ ଦାସ, ରାକେଶ ଦାସ, ବିକ୍ରମ ସିଂ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲା ବେଳେ ସେକ୍ ରକି ଓ ତନ୍ମୟ ସ୍ୱାଇଁ ଖେଳ ପରିଚାଳନା କରିଥିଲେ ।

## ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଦଶରଥପୁର, (ସବ୍ୟୁ): ବରିଷ୍ଠ ସାହିତ୍ୟିକ ତଥା ଦୈନିକ ଖବରକାଗଜ ସମୟର ମୁଖ୍ୟ ସମ୍ପାଦକ ସାତକଡ଼ି ହୋତାଙ୍କ ବିୟୋଗରେ 'ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ' ତରଫରୁ ଆଜି ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ ଅନ୍ତର୍ଗତ ଓଡେଇ ସ୍ଥିତ ଗୋପବନ୍ଧୁ କଳାପରିଷଦ ପରିସରରେ ବରିଷ୍ଠ ସାହିତ୍ୟିକ ଉମାକାନ୍ତ ଧଳଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତଃ ସାତକଡ଼ି ହୋତାଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା । ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦର ସମ୍ପାଦକ ଧୀରେନ୍ଦ୍ର ମଲ୍ଲିକ ଓଡ଼ିଆ ସାହିତ୍ୟକୁ ସ୍ୱର୍ଗତଃ ହୋତାଙ୍କ ଅବଦାନ ଉପରେ କହିବା ସହିତ ଓଡ଼ିଶା ସାହିତ୍ୟ ଏକାଡେମୀ, ଶାରଳା ପୁରସ୍କାର ଭଳି ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇ ସେ ରାଜ୍ୟ ପାଇଁ ଗୌରବ ଆଣିଥିଲେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଳାକାର ବିଶ୍ୱମ୍ଭର ନାୟକ, ବାନାମ୍ବର ନାୟକ, ବଟକୃଷ୍ଣ ସାହୁ, ଗୀତିକାର ସାବିତ୍ରୀ ମଲ୍ଲିକ, ଗାୟିକା ହରପ୍ରିୟା ସାହୁ, ସମାଜସେବୀ ଦେବେନ୍ଦ୍ର ଦାଶ ଏବଂ ମହେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ଓ ଲକ୍ଷ୍ମୀନାରାୟଣପୁର ପଂଚାୟତରେ ଆଜି ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଣ୍ଡର ପଂଚାୟତରେ ସରପଂଚ ଦୁର୍ଯ୍ୟୋଧନ ମଳିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଂଚାୟତ ସମିତି ଅଧକ୍ଷା ପ୍ରଭାତୀ ମଳିକ, ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସହକାରୀ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସେଠୀ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଶୁଭଶ୍ରୀ ଦଳେଇ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ପଂଚାୟତ କାର୍ଯ୍ୟନିର୍ବାହୀ ପ୍ରସନଜିତ ନାୟକ, ଗ୍ରାମରୋଜଗାର ସେବକ ଗଦାଧର ଜଗତି ଓ ନାଏବ ସରପଂଚ ପୁଷ୍ପଲତା ବେହେରାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଲକ୍ଷ୍ମୀନାରାୟଣପୁର ପଂଚାୟତରେ ପୂର୍ଣ୍ଣାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରଭାତୀ ମଳିକ, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ , ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ସରପଂଚ ଅରକ୍ଷିତ କାଣ୍ଡି, ସମିତିସଭ୍ୟ ଫନୀନ୍ଦ୍ର ବେହେରା, ଯୋଗାଣ ସହାୟକ ପ୍ରୀୟବ୍ରତ ସିଂ ଓ ବିପିନବିହାରୀ ସାହୁ ଯୋଗଦେଇ ପଂଚାୟତକୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସରକାରଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମକୁ ପଂଚାୟତ କାର୍ଯ୍ୟନିର୍ବାହୀ ସୁଶାନ୍ତ କୁମାର ସ୍ୱାଇଁ, ଜିଆରଏସ ସତ୍ୟବାଦୀ ସାହୁଙ୍କ ସମେତ ସମେତ ପଂଚାୟତର ସମସ୍ତ ୱାର୍ଡ ସଭ୍ୟସଭ୍ୟା ପରିଚାଳନା କରିଥିଲେ ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: କେନ୍ଦ୍ରାପଡା ମହିଳା ଦଳ ଚାମ୍ପିଅନ




କେନ୍ଦ୍ରାପଡ଼ା, (ସବ୍ୟୁ): ନୂଆ ଓ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରେ କେନ୍ଦ୍ରାପଡା ଜିଲ୍ଲା ମହିଳା ଫୁଟବଲ ଦଳ ଚମ୍ପିଆନ ହୋଇଥିବା ଜଣାପଡିଛି । ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସର ରେ ଅନୁଷ୍ଠିତ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ର ଫାଇନାଲ ମ୍ୟାଚ୍‌ରେ କେନ୍ଦ୍ରାପଡା ମହିଳା ଦଳ ସୁନ୍ଦରଗଡ ମହିଳା ଦଳକୁ ଭେଟିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ନପାରିବାରୁ ଟାଇ ବ୍ରେକର ର ସାହାଯ୍ୟ ନିଆ ଯାଇଥିଲା । ଟାଇ ବ୍ରେକର ରେ କେନ୍ଦ୍ରାପଡା ଜିଲ୍ଲା ମହିଳା ଫୁଟବଲ ଦଳ ୪/୩ ଗୋଲ ବ୍ୟବଧାନ ରେ ସୁନ୍ଦରଗଡ ଜିଲ୍ଲା ମହିଳା ଦଳକୁ ପରାସ୍ତ କରି ଚମ୍ପିଆନ ଆଖ୍ୟା ଅର୍ଜନ କରିଛି । ଏଥିପାଇଁ କେନ୍ଦ୍ରାପଡା ମହିଳା ଫୁଟବଲ ଦଳକୁ ପୁରସ୍କାର ବାବଦକୁ ୨ ଲକ୍ଷ ଟଙ୍କା, ପ୍ରମାଣ ପତ୍ର, ଟ୍ରଫି ପ୍ରାପ୍ତ ହୋଇଛି । କେନ୍ଦ୍ରାପଡା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଉପ ଜିଲ୍ଲପାଳ ରବିନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ କେନ୍ଦ୍ରାପଡା ମହିଳା ଫୁଟବଲ ଦଳର ସଫଳତା ପାଇଁ ଦଳର ସଦସ୍ୟ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।